ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON
facebook.com/paryabekhyak

FOLLOW US
ON TWITTER
twitter.com/paryabekhyak

Vol.25 . No.99 Bhubaneswar Sunday May 29 2022 | ୨୫ତମ ବର୍ଷ ସଂଖ୍ୟା-୯୯ ଭୁବନେଶ୍ୱର, ରବିବାର, ମଇ ୨୯, ୨୦୨୨ | (୮ ପୃଷ୍ଠା) | ମୂଲ୍ୟ-୧.୫୦ | ₹ .50 | (Air Surcharge - 0.50P) | Member-INS


## କାହାକୁ ଭୟ କରୁଛି ବିଜେଡି: ଘୋଷଣା କରିପାରୁନି ପ୍ରାର୍ଥୀ ତାଲିକା



ଭୁବନେଶ୍ୱର,୨୮।୫(ପି.ଏନ): ଓଡିଶାରେ ୪ଟି ରାଜ୍ୟସଭା ଆସନ ପାଇଁ ପ୍ରାର୍ଥୀଙ୍କ ନାଁ ଘୋଷଣା ଯେତିକି ବିଳମ୍ବ ହେଉଛି ବିଜେଡିରେ ଆଶାୟୀଙ୍କ ସଂଖ୍ୟା ସେତେ ଅଧିକ ହେବାରେ ଲାଗିଛି । ବିଧାନସଭାର ସଂଖ୍ୟା ଗଣିତ ଦୃଷ୍ଟିରୁ ବିଜେଡି ପ୍ରାର୍ଥୀ ସମସ୍ତ ୪ଟି ଆସନରେ ଜିତିବା ନିଶ୍ଚିତ ଥିବାବେଳେ ୩ଟି ଆସନ ପାଇଁ ନାମାଙ୍କନ ଦାଖଲ ପ୍ରକ୍ରିୟା ଶେଷ ହେବାକୁ ଆଉ ମାତ୍ର ୩ ଦିନ ରହିଛି । ଅନ୍ୟ ଗୋଟିଏ ରାଜ୍ୟସଭା ଆସନ ପାଇଁ ଜୁନ୍ ୩ ତାରିଖ ବି ଶେଷ ଦିନ ଅଛି । ବିଜେଡି ପାଖରେ ସମସ୍ତ ଆସନ ଜିତିବା ପାଇଁ ଆବଶ୍ୟକ ସଂଖ୍ୟା ବଳ ଥାଇ ମଧ୍ୟ ଦଳ କାହା ଭୟରେ ରାଜ୍ୟସଭା ପ୍ରାର୍ଥୀ ଘୋଷଣା ତାରିଖ ଗଡାଇବାରେ ଲାଗିଛି ତାକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି ।ବିଜେଡି ସୂତ୍ରରୁ ଜଣାପଡିଛି ଯେ, ସମସ୍ତ ୪ଟି ଆସନ ପାଇଁ ବିଜେଡି ମୋଟ ୧୬ଟି ସେଟ୍ ପ୍ରାର୍ଥୀ ପତ୍ର ନେଇଛି । ଏହି ୪ଜଣ ପ୍ରାର୍ଥୀଙ୍କ ସମ୍ପର୍କରେ ଦଳର ବିଧାୟକମାନେ କିଛି ଜାଣିନଥିଲେ ମଧ୍ୟ ସେମାନଙ୍କର ପ୍ରସ୍ତାବକ ଓ ସମର୍ଥକ ଭାବେ ସେହି ନାମାଙ୍କନ ସେଟରେ ଦସ୍ତଖତ କରିସାରିଲେଣି । ଏପରିକି ସମସ୍ତ ୪ଜଣ ପ୍ରାର୍ଥୀ ମେ' ୩୧ତାରିଖରେ ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ନାମାଙ୍କନ ପତ୍ର ଦାଖଲ କରିବା ପାଇଁ କାର୍ଯ୍ୟକ୍ରମ ବି ଚୂଡାନ୍ତ ହୋଇସାରିଛି । ତେବେ ପ୍ରଥମ ପର୍ଯ୍ୟାୟରେ ରାଜ୍ୟସଭାର ୩ଟି ଆସନରେ ନିର୍ବାଚନ ପାଇଁ ନାମାଙ୍କନ ପତ୍ର ଦାଖଲକୁ ଆଉ ମାତ୍ର ୩ଦିନ ବାକି ଥିବାବେଳେ ସେଥିରୁ ରବିବାର ଛୁଟିଦିନ ଅଛି । କେବଳ ସୋମବାର ଗୋଟିଏ ଦିନ ହାତରେ ଥିବାବେଳେ ଦଳର ସମ୍ଭାବ୍ୟ ପ୍ରାର୍ଥୀଙ୍କୁ ନିଜର ଦସ୍ତାବିଜ ପ୍ରସ୍ତୁତ ନିମନ୍ତେ ମଧ୍ୟ ସମୟ କମ୍ ରହିଛି । ଏହା ସତ୍ତ୍ୱେ ଦଳ ରାଜ୍ୟସଭା ପାଇଁ କାହାକୁ ପ୍ରାର୍ଥୀ କରିବ ସେ ନେଇ ନିଜର କାର୍ଡ ଖୋଲୁନାହିଁ ଓ ଦିନ ଗଡାଉଥିବାରୁ ସାଧାରଣରେ ପ୍ରଶ୍ନ ଉଠିଛି । ଏପରିକି ବିଜେଡି ମହଲରେ ମଧ୍ୟ ଏହି ଦିନ ଗଡାଇବା ପଛର ରହସ୍ୟକୁ ନେଇ ନାନାଦି ଚର୍ଚ୍ଚା ଜୋର ଧରିଛି ।ବିଜେଡି ସୂତ୍ର ଅନୁସାରେ, ଆସନ୍ତାକାଲି ଅର୍ଥାତ ମେ' ୨୯ତାରିଖ ସନ୍ଧ୍ୟାରେ ବ୍ରଜରାଜନଗର ଉପନିର୍ବାଚନ ପାଇଁ ପ୍ରଚାର ଶେଷ ହେଉଛି । ରାଜ୍ୟସଭା ପାଇଁ ଆଶାୟୀ ଥିବା ପ୍ରାୟ ଏକ ଡଜନରୁ ଅଧିକ ନେତା ସେଠାରେ ନିର୍ବାଚନ ପରିଚାଳନା ଦାୟିତ୍ୱରେ ରହିଛନ୍ତି । ଏହା ପୂର୍ବରୁ ଯଦି ରାଜ୍ୟସଭା ପ୍ରାର୍ଥୀ ତାଲିକା ଘୋଷଣା ହୁଏ ତା'ର ପ୍ରଭାବ ବ୍ରଜରାଜନଗରରେ ନିର୍ବାଚନ ପ୍ରଚାର ଓ ପରିଚାଳନା ଦାୟିତ୍ୱରେ ଥିବା ରାଜ୍ୟସଭା ଆଶାୟୀ ନେତାମାନଙ୍କୁ ନିରାଶ କରିବାର ଆଶଙ୍କା ରହିଛି । ଆଉ ବ୍ରଜରାଜନଗର ଉପନିର୍ବାଚନରେ ବି ସିଧାସଳଖ ତା'ର ପ୍ରତିକୂଳ ପ୍ରଭାବ ଅନୁଭୂତ ହେବ । ତେଣୁ ବିଜେଡି ସୁପ୍ରିମୋ ଓ ତାଙ୍କ ପରାମର୍ଶଦାତା ଏହି ଦୃଷ୍ଟିରୁ ଆସନ୍ତାକାଲି ବ୍ରଜରାଜନଗରର ଉପନିର୍ବାଚନ ପ୍ରଚାରର ଶେଷଦିନକୁ ଅପେକ୍ଷା କରିଛନ୍ତି ବୋଲି ସୂଚନା ମିଳିଛି ।ସେହିପରି ଆସନ୍ତାକାଲି ମେ'୨୯ ତାରିଖରେ ବିଜେଡି ସରକାରର ପଂଚମ ପାଳିର ୩ବର୍ଷ ପୂର୍ତ୍ତି ହେଉଛି । ବ୍ରଜରାଜନଗରରେ ନିର୍ବାଚନ ଦାୟିତ୍ୱରେ ୮ରୁ ୧୦ଜଣ ମନ୍ତ୍ରୀ ଥିବାରୁ ଚଳିତଥର ବିଜେଡି ସରକାରର ବର୍ଷପୂର୍ତ୍ତି ପାଇଁ ବିଶେଷ କାର୍ଯ୍ୟକ୍ରମ ଚୂଡାନ୍ତ ହୋଇପାରିନି । ସରକାରର ବର୍ଷ ପୂର୍ତ୍ତିକୁ ଦୃଷ୍ଟିରେ ରଖି ଦଳ ନିଜର ୪ ରାଜ୍ୟସଭା ପ୍ରାର୍ଥୀଙ୍କ ନାଁ ଘୋଷଣା କରିବାରେ ବୋଲି ଜଣାପଡିଛି ।ତେବେ ପ୍ରଶ୍ନ ଉଠୁଛି, ଦୁଇଟି ପର୍ଯ୍ୟାୟରେ ହେଉଥିବା ଏହି ୪ଟି ଆସନ ପାଇଁ ନିର୍ବାଚନ ନିମନ୍ତେ ବିଜେଡି ପାଖରେ ଆବଶ୍ୟକ ସଂଖ୍ୟା ଥିଲେ ମଧ୍ୟ ଦଳ କାହାକୁ ଏତେ ଭୟ କରୁଛି ? କାହିଁକି ନିଜର ପ୍ରାର୍ଥୀଙ୍କ ନାଁ ଚୂଡାନ୍ତ କରିପାରୁନି ? ଦଳୀୟ ପ୍ରାର୍ଥୀ ଚୂଡାନ୍ତ କରିବା ପୂର୍ବରୁ କାହିଁକି ଦଳର ବରିଷ୍ଠ ନେତାମାନଙ୍କ ମତାମତ ଲୋଡୁନି ? ଗଣତାନ୍ତ୍ରିକ ପ୍ରକ୍ରିୟାରେ ଚାଲୁଥିବା ନେଇ ଦମ୍ଭୋକ୍ତି ବା ?ଥିବା ବିଜେଡିରେ କାହିଁକି ଏଭଳି ଏକଛତ୍ରବାଦ ନିଷ୍ପତ୍ତି ନିଆଯାଉଛି ? ଦଳ ପାଖରେ ପ୍ରାର୍ଥୀ ଜିତିବା ନେଇ ସ୍ପଷ୍ଟ ସଂଖ୍ୟା ଥିଲେ ମଧ୍ୟ ସମ୍ଭାବ୍ୟ ପ୍ରାର୍ଥୀଙ୍କୁ ନିଜର ଦସ୍ତାବିଜ ପ୍ରସ୍ତୁତ ପାଇଁ ବି ସମୟ ନମିଳିବା ଓ ଦଳର ବରିଷ୍ଠ ନେତାମାନେ ଏହି ପ୍ରାର୍ଥତ୍ୱ ସମ୍ପର୍କରେ କିଛି ମଧ୍ୟ ଆଭାସ ନପାଇବା ବିଜେଡିରେ ବ?ଥିବା ଏକଛତ୍ରବାଦ ନୀତିକୁ ପଦାରେ ପକାଇଛି ବୋଲି ସାଧାରଣରେ ଚର୍ଚ୍ଚା ।

## ପୁରୀ ସାଂସଦ ପିନାକୀ ମିଶ୍ରଙ୍କ ଗାଡିକୁ ଛାତ୍ର କଂଗ୍ରେସର କାଳିମାଡ



ପୁରୀ ,୨୮।୫(ପି.ଏନ): ପୁରୀ ସାଂସଦ ପିନାକୀ ମିଶ୍ରଙ୍କ ଗାଡି ଉପରକୁ କାଳିମାଡ କରିବା ସହିତ କଳାପତାକା ପ୍ରଦର୍ଶନ କରିଛି ଛାତ୍ର କଂଗ୍ରେସ। ସାଂସଦ ଶ୍ରୀ ମିଶ୍ର ଆଜି ପୁରୀ ଗସ୍ତରେ ଥିବା ବେଳେ ଭିଆଇପି ରୋଡ୍ ଝାଡ ?ଶ୍ୱରୀ ଛକରେ ଛାତ୍ର କଂଗ୍ରେସର କର୍ମୀ ମାନେ ରାସ୍ତା ଉପରକୁ ଆସି ତାଙ୍କ ଗାଡି ସାମ୍ନାରେ ନାରାବାଜି କରିବା ସହିତ କଳାପତାକା ପ୍ରଦର୍ଶନ କରିଥିଲେ। ତା'ସହିତ ସାଂସଦଙ୍କ ଗାଡି ଉପରକୁ କାଳିମାଡ କରିଥିଲେ। ଏହି ଘଟଣାରେ ପୁଲିସ୍ ୮ ଛାତ୍ର କଂଗ୍ରେସ କର୍ମୀଙ୍କୁ ଅଟକ ରଖିଛି।ଛାତ୍ର କଂଗ୍ରେସ ପକ୍ଷରୁ କୁହାଯାଇଛି, ପୁରୀକୁ ସାଂସଦ ପିନାକୀ ମିଶ୍ର କେବଳ ପିକ୍ ?ନିକ୍ କରିବାକୁ ଆସୁଛନ୍ତି। ପୁରୀରେ ଅନେକ ସ୍କୁଲ ଓ କଲେଜରେ ଶିକ୍ଷକ ଓ ଅଧ୍ୟାପକ ନାହାନ୍ତି। ମେଡିକାଲରେ ଡାକ୍ତର ନାହାନ୍ତି। ବସ୍ତିବାସିନ୍ଦା ଆଜିବି ତାଙ୍କର ପରିଚୟ ପାଇପାରୁ ନାହାନ୍ତି। ସରକାର ଜାଗା ମିଶନ କରିଛନ୍ତି। କିନ୍ତୁ ପୁରୀର ୭୦ପ୍ରତିଶତ ବସ୍ତି ବାସିନ୍ଦାଙ୍କୁ ଜାଗା ମିଶନରେ ଅନ୍ତର୍ଭୁକ୍ତ କରାଯାଉନି। ଅନେକ ଯୋଜନାରୁ ପୁରୀ ଲୋକେ ବଞ୍ଚିତ ହୋଇଛନ୍ତି। କିନ୍ତୁ ସାଂସଦଙ୍କର ଏଥିପ୍ରତି ଆଖି ନିଘା ନାହିଁ।

## ନେତାଙ୍କ ସ୍ୱାର୍ଥ ପାଇଁ ୨୦୦ ଗଛ ବଳି, କଟିବ ୮୭୦



ଭୁବ---ନେଶ୍ୱର,୨୮।୫(ପି.ଏନ): ନେତାଙ୍କ ସ୍ୱାର୍ଥ ପାଇଁ କିଛି ବି ବଳି ପଡିଯାଇପାରେ। ରାଜଧାନୀ ଭୁବନେଶ୍ୱରରେ ଏକଥା ପ୍ରମାଣିତ ହୋଇଛି। ନିଜ ପାଇଁ ଆପାଟମେଣ୍ଟ ତିଆରି କରିବା ନିମନ୍ତେ କାଟିଦେଲେ ୨୦୦ରୁ ଅଧିକ ବିରାଟକାୟ ଆମ୍ବ, ପଣସ ସମେତ କରଞ୍ଜ, କଦମ୍ବ, ଦେବଦାରୁ ପ୍ରଭୃତି ଗଛ। ବିଧାନସଭାରେ ବସି ବିକାଶ କାମର ଚିତ୍ର ଆଙ୍କୁଥିବା ବିଧାୟକଙ୍କ ନିମନ୍ତେ ଆପାର୍ଟମେଣ୍ଟ ତିଆରି କରିବାକୁ ପ୍ରକୃତିର ଏହି ମହାବିନାଶ ଚାଲିଛି। ତାହା ପୁଣି ରାଜଧାନୀ ଭୁବନେଶ୍ୱର ଛାତି ଉପରେ। ରାଜଭବନ ଠାରୁ ପୁଲିସ କମିଶନରେଟ ପର୍ଯ୍ୟନ୍ତ ରାସ୍ତାର ଗୋଟିଏ ପାର୍ଶ୍ୱରେ ଏଭଳି ଶହ ଶହ ଗଛକୁ କାଟି ଗଡାଇ ଦିଆଯାଇଛି। ପ୍ରବଳ ତାତିରେ ସିଝୁଥିବା ରାଜଧାନୀର ଜଳବାୟୁ ସୁରକ୍ଷା ନିମନ୍ତେ ଅଧିକ ଗଛ ଲଗାଇବା ଆବଶ୍ୟକ ହୋଇପଡିଥିବା ବେଳେ ଏଠାରେ ବିକାଶ ନାମରେ ଶହ ଶହ ଗଛ କାଟି ଦିଆଯାଉଛି। ଏହି ଗଛଗୁଡିକ ବେଆଇନ ଭାବେ କଟାଯାଉ ଥିବା ମଧ୍ୟ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଗଛ କଟା ହେବା ପୂର୍ବରୁ ଏହାର ନମ୍ବରିଂ କରାଯାଇ କଟାଯିବା କଥା। ଏହାଛଡା ଗୋଟିଏ ଗଛ କାଟିଲେ, ଏଠାରେ ୩ଟି ଗଛ ଲଗାଇବା ନିମନ୍ତେ ବନ ବିଭାଗ ନିକଟରେ ଟଙ୍କା ଡିପୋଜିଟ କରିବା କଥା। ହେଲେ ଏହା ହୋଇଛି କି ନାହିଁ, ତାହାକୁ ନେଇ ମଧ୍ୟ ସ୍ଥାନୀୟ ଲୋକେ ସନ୍ଦିହାନ।ସୂଚନା ମୁତାବକ, ବିଧାୟକଙ୍କ ରହଣି ନିମନ୍ତେ ଏଠାରେ ଆଲିସାନ ଆପାର୍ଟମେଣ୍ଟ ତିଆରି କରାଯିବ। ଗୋଟିଏ ୧୦ ମହଲା ଓ ଅନ୍ୟଗୋଟିଏ ୧୧ ମହଲା। ଯେଉଁଥିରେ ପ୍ରାୟ ୩୦୦ଟି କ୍ୱାର୍ଟର୍ସ ରହିବ। ଏହି କୋଠା ନିର୍ମାଣରେ ପ୍ରାୟ ୨୭୫ କୋଟି ଟଙ୍କା ଖର୍ଚ୍ଚ ହେବ। ଏହି ଚକାଚକ କୋଠା ନିର୍ମାଣ ନିମନ୍ତେ ସରକାର ଏବେ ରାଜଧାନୀ ଛାତି ଉପରେ ଶହ ଶହ ଗଛ କାଟି ଚାଲିଛନ୍ତି। ଏହି ଆପାର୍ଟମେଣ୍ଟ ଭିତରେ ଅଲିସାନ କ୍ୱାର୍ଟର୍ସ ସାଙ୍ଗକୁ ସୁଇମିଂପୁଲ, ଉଦ୍ୟାନ, ଫୁଟପାଥ, ଜଗିଂ ଟ୍ରାକ୍ ପ୍ରଭୃତି ନିର୍ମାଣ ହେବ।ଛାତ୍ରଛାତ୍ରୀମାନେ ପାଠପ ? ନିଜକୁ ପ୍ରସ୍ତୁତ କରୁଥିଲେ। ଗଛ କଟାଯିବା ଦେଖି ଆଉ ଏଠାକୁ କେହି ଅସୁନାହାନ୍ତି। ପିଲାମାନେ ବସୁଥିବା ଗଛ ଛାଇ ଆଉ ନାହିଁ। ଗଛ କଟା ଯିବାପରେ ଏହା ଗଣ୍ଡିଗୁଡିକ ମାଟି କାମୁଡି ପଡିଛି। ଗଛରେ ବସା କରିଥିବା ପକ୍ଷୀମାନେ ଆଉ କଳରବ କରିବାକୁ ଆସୁନାହାନ୍ତି। ସେମାନଙ୍କ ବସା ଭାଙ୍ଗି ଯାଇଛି। ସ୍ଥାନଟି ଶୂନଶାନ ହୋଇଯାଇଛି। କଟା ଯାଇଥିବା କେଉଁ ଗଛ ଗଣ୍ଡିର ଓସାର ୫ ଫୁଟ ତ କାହାର ଓସାର ୮ ଫୁଟ।

## ମହାପ୍ରଭୁଙ୍କ ଇଚ୍ଛାରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ଚାଲିଛି : ପିନାକୀ ମିଶ୍ର

ଭୁବନେଶ୍ୱର, ୨୮।୫(ପି.ଏନ) :ମହାପ୍ରଭୁଙ୍କ ଇଚ୍ଛା ଯୋଗୁଁ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ଚାଲିଛି। ଦୁନିଆର କୌଣସି ସ୍ୱାର୍ଥପର ଏଜେନ୍ସି, ବ୍ୟକ୍ତି ବିଶେଷ ଏହି ପ୍ରକଳ୍ପ କାର୍ଯ୍ୟ ରୋକି ପାରିବେନି ବୋଲି ଦୃଢୋକ୍ତି ପ୍ରକାଶ କରିଛନ୍ତି ପୁରୀର ବିଜେଡି ସାଂସଦ ପିନାକୀ ମିଶ୍ର। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ନିର୍ମାଣ ନେଇ ଗତକାଲି ବରିଷ୍ଠ ବିଜେପି ନେତା ବିଜୟ ମହାପାତ୍ର ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିବା ପରେ ଶନିବାର ଦିନ ଏହା ଉପରେ ପ୍ରତିକ୍ରିୟା ଦେଇଛନ୍ତି ସାଂସଦ ପିନାକୀ ମିଶ୍ର। ସେ କହିଛନ୍ତି ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ନେଇ ସ୍ୱାର୍ଥ ରାଜନୀତି ଚାଲିଛି। ଯାହାକୁ ପୁରୀବାସୀ ଠିକ ବୁଝି ସାରିଛନ୍ତି । ଆଗାମୀ ଦିନରେ ପୁରୀବାସୀ ଏହାର ଜବାବ ଦେବେ ।ସେହିପରି ମହାପ୍ରଭୁଙ୍କ ଇଚ୍ଛା ଯୋଗୁ ଏହି ପ୍ରକଳ୍ପ କାର୍ଯ୍ୟ ଚାଲିଛି। ଦୁନିଆର କୌଣସି ସ୍ୱାର୍ଥପର ଏଜେନ୍ସି, ବ୍ୟକ୍ତି ବିଶେଷ ଏହି ପ୍ରକଳ୍ପ କାର୍ଯ୍ୟ ରୋକି ପାରିବେନି। ଏହି କାର୍ଯ୍ୟ ଆଇନ କି ବେଆଇନ ଭାବେ ହେଉଛି ତାହା କୋର୍ଟରେ ମାମଲା ଥିବା ବେଳେ ଏ ନେଇ ସେ କୌଣସି ମନ୍ତବ୍ୟ ଦେବେ ନାହିଁ ବୋଲି କହିଛନ୍ତି। ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ନେଇ କୌଣସି ରୋକ ନାହିଁ। ମହାପ୍ରଭୁଙ୍କ ଇଛା ଓ ପୁରୀବାସୀଙ୍କ ସହଯୋଗ ଯୋଗୁ ଏହି ପ୍ରକଳ୍ପ କାର୍ଯ୍ୟ ଚାଲୁ ରହିଛି ବୋଲି ସେ କହିଛନ୍ତି।

## ମାଟିତଳୁ ଟିଫିନ୍ ବୋମା ଉଦ୍ଧାର କଲେ ସିଆରପିଏଫ ଯବାନ

କନ୍ଧମାଳ,୨୮।୫(ପି.ଏନ): କନ୍ଧମାଳ ଜିଲ୍ଲାର ବାଲିଗୁଡ଼ା ଠାରେ ମୁତୟନ ଥିବା ସିଆରପିଏଫ ୧୨୭ ବାଟାଲିୟନର ଯବାନ ମାନେ ଆଜି ସକାଳେ କୁମ୍ବିଂ ଅପରେସନ ବେଳେ ବେଲଘର ଥାନା ଅନ୍ତର୍ଗତ ଲଙ୍କାଗଡ଼ ଗ୍ରାମପଚାଂୟତର ଗାହାଲି ଗାଁ ନିକଟ ଜଙ୍ଗଲରୁ ମାଟି ତଳୁ ଏକ ଟିଫିନ୍ ବୋମା ଉଦ୍ଧାର କରିଛନ୍ତି । ଗାହାଲି ଗ୍ରାମ ଠାରୁ ୮୦୦ ମିଟର ଦୂରରୁ ଏହି ଟିଫିନ୍ ବୋମା ଉଦ୍ଧାର କରାଯାଇଛି । ସୂଚନା ଅନୁସାରେ, ଗାହାଲି ଗ୍ରାମ ନିକଟରେ ଜଣେ ଅଜ୍ଞାତ ବ୍ୟକ୍ତି ବ୍ୟାଗ୍ ରେ କିଛି ଜିନିଷ ନେଇ ଯାଉଥିବା ସମ୍ପର୍କରେ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ସିଆରପିଏଫ ପକ୍ଷରୁ ସମ୍ପୃକ୍ତ ଅଂଚଳରେ କୁମ୍ବିଂ ଅପରେସନ କରାଯାଇଥିଲା ।

## ଓମାନରେ ଫସିଛନ୍ତି ଦୁଇ ଓଡିଆ ଯୁବକ, ଉଦ୍ଧାର ପାଇଁ ବୈଜୟନ୍ତଙ୍କ ଉଦ୍ୟମ



ଭୁବନେଶ୍ୱର,୨୮।୫(ପି.ଏନ): କାମ କରିବାକୁ ଯାଇ ଓମାନରେ ଫସିଛନ୍ତି କେନ୍ଦ୍ରାପଡାର ଦୁଇ ଯୁବକ ପ୍ରଦୀପ କୁମାର ବାଇ ଓ ସୁରେଶ କୁମାର ନାୟକ। ସେଠାରେ ଏକ ଘରୋଇ କମ୍ପାନୀରେ ସେମାନେ ତିନି ମାସ ହେଲା କାମ କରୁଥିବା ବେଳେ ମାତ୍ର ୪୨ ଦିନର ଦରମା ଦିଆଯାଇ ଭୋକ ଉପାସରେ କାମ କରିବାକୁ ସେମାନଙ୍କୁ ବାଧ କରାଯାଉଥିବା ସେମାନଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏହା ସହିତ ସେଠାରୁ ସେମାନଙ୍କୁ ଉଦ୍ଧାର କରି ଓଡିଶା ଫେରାଇ ଆଣିବା ପାଇଁ ସେମାନେ ବିଜେପି ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡାଙ୍କ ହସ୍ତକ୍ଷେପ ଲୋଡିଛନ୍ତି। ପ୍ରଦୀପ ଓ ସୁରେଶ କିପରି ଘରକୁ ଫେରିପାରିବେ, ସେ ନେଇ ତୁରନ୍ତ ପଦକ୍ଷେପ ନେବାକୁ ଓମାନରେ ଅବସ୍ଥାପିତ ଭାରତୀୟ ରାଷ୍ଟ୍ରଦୂତକୁ ଚିଠି ଲେଖି ନିବେଦନ କରିଛନ୍ତି ଶ୍ରୀ ପଣ୍ଡା।ପ୍ରଦୀପ ଓ ସୁରେଶଙ୍କ ଘର କେନ୍ଦ୍ରାପଡା ଜିଲ୍ଲା ପଟ୍ଟାମୁଣ୍ଡାଇ ବ୍ଲକ୍ ଅନ୍ତର୍ଗତ ଓଉପଦାର ସୁବର୍ଣ୍ଣପୁର ଗାଁରେ। ଏ ଦୁହେଁ ରାଜନଗର ବ୍ଲକ ଅନ୍ତର୍ଗତ ମଦନପୁର ଗାଁର ଏଜେଣ୍ଟ ମନମୋହନ ବେହେରାଙ୍କ ଜରିଆରେ କର୍ମସଂସ୍ଥାନ ପାଇଁ ଗତ ଫେବ୍ରୁଆରୀ ମାସ ୧୬ ତାରିଖରେ ଓମାନ ଯାଇଥିଲେ। ସେଠାରେ ଏକ ଘରୋଇ କମ୍ପାନୀରେ ସେମାନେ ନିଯୁକ୍ତି ପାଇଥିଲେ। କିନ୍ତୁ ନିଯୁକ୍ତି ଦେବା ପରେ କମ୍ପାନୀ କର୍ତ୍ତୃପକ୍ଷ ସେମାନଙ୍କ ପାସ୍‌ପୋର୍ଟ ନେଇ ଯାଇଥିଲେ। ପରିବାର ଲୋକଙ୍କ ଅଭିଯୋଗ ଅନୁଯାୟୀ, ପ୍ରଦୀପ ଓ ସୁରେଶଙ୍କୁ ୧୨ ଘଣ୍ଟା ଲେଖାଏଁ ଛିଡା ହୋଇ କାମ କରିବାକୁ ବାଧ କରାଯାଉଛି। ୩ ମାସରୁ ଅଧିକ ଦିନ କାମ କରିଥିଲେ ମଧ୍ୟ ମାତ୍ର ୪୨ ଦିନର ଦରମା ଦିଆଯାଇଛି। ସେମାନଙ୍କୁ ଭୋକ ଉପାସରେ କାମ କରିବାକୁ ବାଧ କରାଯାଉଛି।

## ଦକ୍ଷିଣ ଏସିଆ ମହିଳା ସମ୍ମିଳନୀ ଉଦ୍‌ଯାପିତ: ଶିକ୍ଷା ହିଁ କନ୍ୟା ସନ୍ତାନର ତୃତୀୟ ନୟନ: ଅଚ୍ୟୁତ ସାମନ୍ତ




ଭୁବନେଶ୍ୱର,୨୮।୫: ଦୁଇ ଦିନ ଧରି କିଟ୍‌ରେ ଚାଲିଥିବା ଦକ୍ଷିଣ ଏସିଆ ମହିଳା ସମ୍ମିଳନୀ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ଉଦ୍‌ବୋଧନ ଦେଇ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଲେ, ଶିକ୍ଷା ହେଉଛି ପ୍ରତ୍ୟେକ କନ୍ୟା ସନ୍ତାନଙ୍କ ତୃତୀୟ ନୟନ। ଶିକ୍ଷା ଜରିଆରେ କିଟ୍ ଓ କିସ୍ ଏଠାରେ ଅଧ୍ୟୟନ କରୁଥିବା ବହୁ ଛାତ୍ରୀଙ୍କ ଜୀବନରେ ପରିବର୍ତ୍ତନ ଅଣାଇପାରିଛି ଏବଂ ସେମାନେ ସମାଜର ଜଣେ ଜଣେ ପରିବର୍ତ୍ତନକାରୀ ଭାବେ ସମାଜରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଉଛନ୍ତି। କିଟ୍ ଓ କିସ୍ ସର୍ବଦା ଲିଙ୍ଗଗତ ସାମ୍ୟତା ଉପରେ ଗୁରତ୍ୱ ଦେଇ ଆସିଛି। ଏଠାରେ ୬୦ ପ୍ରତିଶତରୁ ଊର୍ଦ୍ଧ୍ୱ ଛାତ୍ରୀ ଶିକ୍ଷା ଲାଭ କରୁଥିବା ବେଳେ ୫୦ ପ୍ରତିଶତରୁ ଊର୍ଦ୍ଧ୍ୱ ମହିଳା କର୍ମଚାରୀ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦବୀରେ ଦାୟିତ୍ୱ ନିର୍ବାହ କରୁଛନ୍ତି। କିଟ୍‌ରେ ଏଭଳି ଅନ୍ତର୍ଜାତୀୟ କାର୍ଯ୍ୟକ୍ରମକୁ ସ୍ୱାଗତ କରି ଏଭଳି କାର୍ଯ୍ୟକ୍ରମ ଆୟୋଜନ ଦ୍ୱାରା ନାରୀ ପ୍ରଗତି ଓ ଲିଙ୍ଗ ବୈଷମ୍ୟ ଦୂର କରିବା ନେଇ ବହୁ ନିଷ୍କର୍ଷ ବାହାରି ପାରିବ ବୋଲି ସେ ଆଶାବ୍ୟକ୍ତ କରିଥିଲେ ।ଓଡ଼ିଶା ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ କମିଶନର ତଥା ସଚିବ ଭାସ୍କର ଜ୍ୟୋତି ଶର୍ମା କହିଲେ, ଭାରତର ବିଭିନ୍ନ ଅଗ୍ରଣୀ ଶିକ୍ଷାନୁଷ୍ଠାନଗୁଡ଼ିକରେ ବିଭିନ୍ନ ପାଠ୍ୟକ୍ରମରେ ଛାତ୍ରଙ୍କ ଅପେକ୍ଷା ଛାତ୍ରୀମାନେ ଉତ୍ତମ ପ୍ରଦର୍ଶନ କରୁଥିଲେ ମଧ୍ୟ ଇଂଜିନିୟରିଂ ବିଭାଗରେ ଛାତ୍ରୀଙ୍କ ପ୍ରଦର୍ଶନ ଛାତ୍ରଙ୍କଠାରୁ କମ୍ ରହିଛି। ଆଇଆଇଟି, ଏନ୍‌ଆଇଟି ଭଳି ଇଂଜିନିୟରିଂ ଅନୁଷ୍ଠାନଗୁଡ଼ିକରେ ଛାତ୍ରୀଙ୍କ ପ୍ରଦର୍ଶନ ଯେଭଳି ଭଲ ହେବ ସେଥିପାଇଁ ଆମକୁ ସୁଚିନ୍ତିତ ଯୋଜନା ପ୍ରସ୍ତୁତ କରିବାକୁ ପଡ଼ିବ। ପ୍ରଜ୍ୱଳାର ସହପ୍ରତିଷ୍ଠାତ୍ରୀ ସୁନିତା କ୍ରିଷ୍ଣନ୍ ଭର୍ଚୁଆଲ୍‌ରେ ଯୋଗଦେଇ ଶିକ୍ଷା ଜରିଆରେ ଜନଜାତି ଛାତ୍ରୀଙ୍କ ଜୀବନରେ ବ୍ୟାପକ ପରିବର୍ତ୍ତନ ଆଣିଥିବାରୁ କିସ୍‌କୁ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ଜର୍ମାନ୍ ପଲିସି କୋହେରେନ୍‌ସ ୟୁଏନ୍ ସିଷ୍ଟମ୍ ଷ୍ଟାଫ କଲେଜର ଲର୍ଣ୍ଣିଂ ପୋର୍ଟଫୋଲିଓ ମ୍ୟାନେଜର ସିମୋନା କୋଷ୍ଟାଞ୍ଜୋ ସୋ, ହାଇଦ୍ରାବାଦ୍‌ସ୍ଥିତ ୟୁଏସ୍ କନ୍‌ସୁଲେଟ୍ ଜେନେରାଲ୍‌ର ଷ୍ଟ୍ରାଟେଜିକ୍ ପବ୍ଲିକ୍ ଏନ୍‌ଗେଜମେଣ୍ଟ ପରାମର୍ଶଦାତା ସଲିଲ କାଦେର, କିସ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦୀପକ କୁମାର ବେହେରା ପ୍ରମୁଖ ଯୋଗଦେଇ ବିଭିନ୍ନ କ୍ଷେତ୍ରରେ ଲିଙ୍ଗଗତ ସମାନତା ଓ ମହିଳା ସଶକ୍ତିକରଣ ଉପରେ ଆଲୋକପାତ କରିଥିଲେ। କିଟ୍ ବିଶ୍ୱବିଦ୍ୟାଳୟ, କିସ୍ ବିଶ୍ୱବିଦ୍ୟାଳୟ ଏବଂ ହାଇଦ୍ରାବାଦ ସ୍ଥିତ ୟୁଏସ୍ କନସୁଲେଟ ଜେନେରାଲର ମିଳିତ ସହଯୋଗରେ ଦୁଇଦିନ ଧରି ଚାଲିଥିବା ଏହି ସମ୍ମିଳନୀର ଉଦ୍‌ଘାଟନୀ ଉତ୍ସବରେ ହାଇଦ୍ରାବାଦସ୍ଥିତ ୟୁଏସ୍ କନସୁଲେଟ୍ ଜେନେରାଲର କାର୍ଯ୍ୟକାରୀ ପବ୍ଲିକ ଆଫେୟାର୍ସ ଅଫିସର ଫ୍ରାଙ୍କି ଷ୍ଟର୍ମ, ଜାତିସଂଘର ସହକାରୀ ମହାସଚିବ ଲକ୍ଷ୍ମୀ ପୁରୀ, ତ୍ରିନିଦାଦ୍ ଏବଂ ଟୋବାଗୋରେ ଅବସ୍ଥାପିତ ଭାରତୀୟ ହାଇକମିଶନର ଅରୁଣ ସାହୁ, କୋଲକାତାସ୍ଥିତ ଥାଇଲାଣ୍ଡ କନସୁଲେଟ୍‌ର କନ୍‌ସୁଲ୍ ଜେନେରାଲ୍ ଆଚର୍‌ପନ୍ ୟାଭାପ୍ରାପସ୍ , ମାଦାଗାସକର୍ ଦୂତାବାସର ଚାର୍ଜ ଡି ଆଫେୟାର୍ସ ତାହିନା ରାସାମୋଏଲିନା, ବିଶିଷ୍ଟ ଅଭିନେତ୍ରୀ ତଥା ସମାଜସେବୀ ନନ୍ଦିତା ଦାସ ଓ ବିଶିଷ୍ଟ ଅଭିନେତା ତଥା ସମାଜସେବୀ ରାହୁଲ ବୋଷ, କିଟ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସସ୍ମିତା ସମାନ୍ତ, ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମର ଓଡିଶା ମୁଖ୍ୟ ହିମାଂଶୁ ବଳ, ୟୁଏନ୍‌ଡ଼ିପି ଓଡ଼ିଶା ମୁଖ୍ୟ ଆଭା ମିଶ୍ର ପ୍ରମୁଖ ମହିଳା ଅନ୍ତର୍ଭୁକ୍ତିକରଣ ଓ ସମାନ ଭାଗିଦାରୀ ଉପରେ ଆଲୋଚନା କରିଥିଲେ। ସମ୍ମିଳନୀରେ ଭାରତ ସମେତ ବାଂଲାଦେଶ, ଭୁଟାନ୍, ଶ୍ରୀଲଙ୍କା ଆଦି ଦେଶରୁ ୭୦ରୁ ଊର୍ଦ୍ଧ୍ୱ ମହିଳା ପ୍ରତିନିଧି ଯୋଗ ଦେଇଥିଲେ। ଏହି ଦୁଇ ଦିନିଆ ସମ୍ମିଳନୀରେ ଲିଙ୍ଗଗତ ସମାନତା, ମହିଳା ସଶକ୍ତିକରଣ ଆଦି ପ୍ରସଙ୍ଗରେ କର୍ମଶାଳା ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା।

## ଭିଜି ଗ୍ରାନାଇଟ କମ୍ପାନୀ ଦଖଲରେ ଥିବା ସରକାରୀ ଜାଗାରୁ ଉଚ୍ଛେଦ ପାଇଁ ଦାବୀ କଲା କାଳିମେଳା ନାଗରିକ ମଂଚ

ମାଲକାନଗିରି, ୨୮।୫(ପି.ଏନ): ପୁଣି ଥରେ ବିବାଦ ଘେରକୁ ଟାଣି ହୋଇ ଆସିଛି ଭିଜି ଗ୍ରାନାଇଟ କମ୍ପାନୀ। କାଳିମେଳା ବ୍ଲକ ଅନ୍ତର୍ଗତ ପୁସୁଗୁଡା ପଚାଂୟତର ପେଟା ଗ୍ରାମରେ ଦୀର୍ଘ ବର୍ଷ ହେଲା ନିଜର ଗ୍ରାନାଇଟ ଖଣି ଉତୋଳନ କରି ଆସୁଥିବା ଏହି କମ୍ପାନୀ କିପରି ବେଆଇନ ଭାବରେ ସରକାରୀ ଜମିକୁ କବଜା କରି ନେଇଛି ସେ ଉପରେ ପ୍ରଶାସନ କୌଣସି ଉଛେଦ ପକ୍ରିୟା ଆରମ୍ଭ କରିନଥିବାରୁ କାଳିମେଳା ସୁରକ୍ଷା ମଂଚ ଜିଲ୍ଲା ପ୍ରଶାସନ ଉପରେ ବର୍ଷିଛି। ସଂଗଠନର ଆବାହକ ତଥା କାଳିମେଳା ବ୍ଲକର ପୂର୍ବତନ ବ୍ଲକ ଅଧ୍ୟକ୍ଷ ମାଲା ମାଡ଼ି ଆଜି ଏକ ସମ୍ବାଦିକ ସମ୍ମିଳନୀ ଡାକି ଏପରି ଅଭିଯୋଗ କରିଛନ୍ତି ।ସେ ଅଭିଯୋଗ କରିଛନ୍ତି ଯେ, ଆନ୍ଧ୍ରର ଭିଜି ଗ୍ରାନାଇଟ କମ୍ପାନୀର ମାଲିକ ସିଏଚ ବେଣୁ ଗୋପାଳ ମୋଟୁ ତହସିଲ ଅନ୍ତର୍ଗତ ପୁଶୁଗୁଡ଼ା ମୌଜାର ଖାତା ନଂ ୯୮,୧୦୦ ଓ ୧୦୧ ରେ ପ୍ରାୟ ୧୦ ଏକର ଗ୍ରାମ୍ୟ ଜଙ୍ଗଲ ଜମି, ଗୋଚର, ପତିତ ପଥର ବାଣି କିସମକୁ ବେଆଇନ ଭାବରେ ନିଜ ଅକ୍ତିଆରରେ ରଖି ସେଥିରେ ବଡ଼ ବଡ଼ କୋଠା ଘର ନିର୍ମାଣ କରିବା ସହିତ ନିଜର ପ୍ରୋସେସିଂ ୟୁନିଟ ସହ ପାଚେରୀ ନିର୍ମାଣ କରିଛି ।ସୂଚନାଯୋଗ୍ୟ ଯେ, ଭିଜି ଗ୍ରାନାଇଟ କମ୍ପାନୀକୁ ସରକାର ମୋଟୁ ତହସିଲ ଅନ୍ତର୍ଗତ ପେଟା ମୌଜାରେ ନିଜର ଖଣି ଖନନ ପାଇଁ ସରକାରଙ୍କ ଠାରୁ ଯେତିକି ଲିଜ ନେଇଛନ୍ତି ତା ଠାରୁ ଅଧିକ ଅଂଚଳକୁ ସେ ବେଆଇନ ଭାବରେ ମାଡ଼ି ବସିଥିବାର ଅଭିଯୋଗ କରିଛି ମଂଚ । ଏଥି ସହିତ ଉକ୍ତ କମ୍ପାନୀ କୋଟି କୋଟି ଟଙ୍କାର ଗ୍ରାନାଇଟ ପଥର ବାହାର ଦେଶକୁ ରପ୍ତାନୀ କରି ଲାଭ ପାଉଥିଲେ ମଧ୍ୟ ସ୍ଥାନୀୟ ଅଂଚଳର ବିକାଶ ପ୍ରତି ଆଖି ବୁଜି ଦେଇଛି । ପାରିପାର୍ଶ୍ୱିକ ଉନ୍ନୟନ ପାଣ୍ଠି ଜରିଆରେ ରାସ୍ତାଘାଟ ନିର୍ମାଣ, ପାନୀୟ ଜଳ ବ୍ୟବସ୍ଥା ଓ ସ୍ୱାସ୍ଥ୍ୟ ସେବା ପାଇଁ ମେଡ଼ିକାଲ ନିର୍ମାଣ ଆଦି କରିବାର ନିୟମ ରହିଥିଲେ ମଧ୍ୟ ତାହା କଂପାନୀ ଆଜି ପର୍ଯ୍ୟନ୍ତ କରିନାହିଁ । ପୂର୍ବରୁ କଂଗ୍ରେସ ନେତା ପ୍ରଦୀପ ମାଝୀ ଭିଜି ଗ୍ରାନାଇଟର ବେଆଇନ କାର୍ଯ୍ୟକଳାପ ନେଇ ଜିଲ୍ଲା ପ୍ରଶାସନକୁ ଘେରିଥିଲେ ମଧ୍ୟ ସେ ଦଳରୁ ଇସ୍ତଫା ଦେବାପରେ ଆଉ କୌଣସି ନେତା ଭିଜି ଗ୍ରାନାଇଟକୁ ବିରୋଧ କରିନଥିଲେ । ତେବେ ଆଗାମୀ ୨୦ ଦିନ ମଧ୍ୟରେ ଭିଜି ଗ୍ରାନାଇଟ ଉପରେ ପ୍ରଶାସନ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ସଂଗଠନ ଆନ୍ଦୋଳନ କରିବାକୁ ବାଧ ହେବ ବୋଲି ଚେତାବନୀ ଦେଇଛି ମଂଚ । ଏ ସମ୍ପର୍କରେ ସଂଗଠନ ପକ୍ଷରୁ ଜିଲ୍ଲାପାଳ, ଏସପି, ଡ଼ିଏଫଓଙ୍କୁ ଲିଖିତ ଅଭିଯୋଗ କରାଯାଇଥିବାର ଜଣାପଡ଼ିଛି ।ଆଜିର ସମ୍ବାଦିକ ସମ୍ମିଳନୀରେ ତେଲରାଇ ସରପଂଚ ତଥା କାଳିମେଳା ସରପଂଚ ସଂଘ ସଭାପତି ମୁତା ସୋଡ଼ି, କାଳିମେଳା ବ୍ଲକ ଉପାଧ୍ୟକ୍ଷ ଲକ୍ଷ୍ମୀଧର ମାଡ଼କାମୀ, ବଡ଼ିଗେଟା ପଚାଂୟତର ସମିତିସଭ୍ୟ ସୋମନାଥ ପଡ଼ିଆମୀ, ଇର୍ମା କବାସୀ, ବଡ଼ିଗେଟା ସରପଂଚ ଲିଲି ସୋଡ଼ି, ବିକାଶ ମଲିକ, ନୀଳକଣ୍ଠ ପଟନାୟକ, ଜ୍ୟୋତିଶ ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିଲେ ।

## ଭାରତର ପ୍ରାଚୀନ ଚିକିତ୍ସା ପଦ୍ଧତିରୁ ବିଶ୍ୱକୁ ମାର୍ଗଦର୍ଶନ ମିଳିଛି : ରାଷ୍ଟ୍ରପତି

ଭୋପାଳ, ୨୮।୫(ପି.ଏନ) :ରାଷ୍ଟ୍ରପତି ରାମ ନାଥ କୋବିନ୍ଦ କହିଛନ୍ତି ଯେ, ବିଶ୍ୱରେ ଉପଲବ୍ଧ ଦାମୀ ଚିକିତ୍ସା ମଧ୍ୟରେ ଭାରତରେ ଶସ୍ତା ଚିକିତ୍ସା ବ୍ୟବସ୍ଥା ରହିଛି। ଏହି କାରଣରୁ ଦିଲ୍ଲୀ ଡାକ୍ତରଖାନାଗୁଡ଼ିକରେ ମଧ୍ୟ ଦେଶର ବିଭିନ୍ନ ସ୍ଥାନ ତଥା ବିଦେଶର ରୋଗୀମାନେ ଚିକିତ୍ସା ପାଇଁ ଆସନ୍ତି । ଭାରତରେ ଏକ ପ୍ରାଚୀନ ଔଷଧ ପ୍ରଣାଳୀ ଅଛି, ଯେଉଁଥିରୁ ବିଶ୍ୱ ମଧ୍ୟ ମାର୍ଗଦର୍ଶନ ପାଇଛି। ଯୋଗ, ପ୍ରାଣାୟମ ଏବଂ ବ୍ୟାୟାମ ସହିତ ଭାରତ ଆଧ୍ୟାତ୍ମିକ ଶକ୍ତି ବିଷୟରେ ବିଶ୍ୱକୁ ଅବଗତ କରାଇଲା। ଆମର ଦୈନନ୍ଦିନ ବାଧ୍ୟତାମୂଳକ କାର୍ଯ୍ୟ ସହିତ, ପ୍ରକୃତି ଅନୁଯାୟୀ ଆମକୁ ,କ ସରଳ ଏବଂ ସରଳ ଜୀବନଶୈଳୀ ଗ୍ରହଣ କରିବା ଉଚିତ୍ । ଏହା ଆମ ସ୍ୱାସ୍ଥ୍ୟକୁ ଭଲ ରଖିବ ।ଶନିବାର ଦିନ ରାଜଧାନୀ ଭୋପାଳର କୁଶଭାଓ ଠାକରେ ଅନ୍ତର୍ଜାତୀୟ ସମ୍ମିଳନୀ କେନ୍ଦ୍ରରେ ଆୟୋଜିତ ହୋଇଥିବା ଏକ ଦେଶ – ଏକ ସ୍ୱାସ୍ଥ୍ୟ ସେବା ଉପରେ ରାଷ୍ଟ୍ରପତି କୋବିନ୍ଦ ଆରୋଗ୍ୟ ମନ୍ତ୍ର କାର୍ଯ୍ୟକ୍ରମକୁ ସମ୍ବୋଧିତ କରିଥିଲେ। ଏହି ଅବସରରେ ରାଜ୍ୟପାଳ ମଙ୍ଗଳଭାଇ ପଟେଲ, ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ, ଆୟୁଷ ମନ୍ତ୍ରୀ ରାମ କିଶୋର କାନଭ୍ରେ ଏବଂ ଆରୋଗ୍ୟ ଭାରତୀ ରାକେଶ ପଣ୍ଡିତଙ୍କ ରାଷ୍ଟ୍ରୀୟ ସଭାପତି ଉପସ୍ଥିତ ଥିଲେ








# ଟି ଟାଇମ୍

## ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଂଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିଡ଼ମ ଘାସ। କାର ନିର୍ମାତାମାନେ ସେହି ସିଡ଼ମ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚଳିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ସ୍ଟୁଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।

## ମୋଗଲ ଯୁଗର ଘଣ୍ଟେଓ୍ୱାଲା ଦୋକାନ




ଦିଲ୍ଲୀର ଚାନ୍ଦିନି ଚୌକ ସ୍ଥିତ ୨୨୫ବର୍ଷ ପୁରୁଣା ମିଠା ଦୋକାନ ଘଣ୍ଟେଓ୍ୱାଲାକୁ କ୍ରୟ କରିବା ପାଇଁ ଆରମ୍ଭ ହୋଇଯାଇଛି ପ୍ରତିଯୋଗିତା। ଏଥିପାଇଁ କିଛି ବ୍ୟବସାୟ ୧୦କୋଟି ଟଙ୍କାର ଅଫର ଦେଇଥିଲା ବେଳେ ଦୋକାନର ମାଲିକ ୧୦୦କୋଟିରୁ ଅଧିକ ଦାବି କରୁଥିବା କୁହାଯାଉଛି। ୧୭୯୦ ମସିହାରେ ମୋଗଲ ଶାସନ ସମୟରେ ଏହି ମିଠା ଦୋକାନର ଆରମ୍ଭ ହୋଇଥିଲା। ମିଠା ଏବଂ ନମକିନ ପାଇଁ ଏହି ଦୋକାନର ଖ୍ୟାତି ଖାଲି ଦିଲ୍ଲୀ ନୁହେଁ ଦେଶ ବାହାରେ ମଧ୍ୟ ରହିଛି। ତେବେ ବର୍ତ୍ତମାନର ଦୋକାନ ମାଲିକ ସୁଶାନ୍ତ ଜୈନ ଏହି ଦୋକାନକୁ କିଛି ଦିନ ହେବ ବନ୍ଦ କରିଛନ୍ତି। ତାଙ୍କ ଯୁକ୍ତି ହେଉଛି ଯେ, କ୍ୱାଲିଟ କଂଟ୍ରୋଲ ବିଭାଗର ଚାପ ଯୋଗୁ ଦୋକାନ ଚଳାଇବା କଷ୍ଟ ହେଉଛି। ଏଥିସହ ଦୋକାନ ବନ୍ଦ କରିବାର ଅନ୍ୟ କାରଣ ମଧ୍ୟ ରହିଛି। ଦୋକାନ ବନ୍ଦ କାରଣରୁ ପୁରୁଣା ଦିଲ୍ଲୀର ଲୋକମାନଙ୍କ ମଧ୍ୟରେ ନିରାଶା ଭାବ ଦେଖାଦେଇଛି। ଦୋକାନ ବିକ୍ରି ହେବାର ଚର୍ଚ୍ଚା ଯୋର ଧରିଥିବାରୁ ବହୁ ଦୋକାନି ଦୋକାନ କିଣିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଏଥିପାଇଁ ୧୦କୋଟିରୁ ଅଧିକ ଟଙ୍କାର ଅଫର ମଧ୍ୟ ସେମାନେ ଦେଲେଣି।

## ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଂଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚଦର ବ୍ୟବହାର କରନ୍ତି । ଗଛ ମଧରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।



## ପୁରାଣ କାହାଣୀ

# ନାରୀଙ୍କ ସାତଟି ବିଶେଷ ଗୁଣ



ଭଗବାନ ତାଙ୍କ ସୃଷ୍ଟିର ସମସ୍ତ ଜୀବଙ୍କ ଭିତରେ, ଆତ୍ମା ରୂପରେ ସମାନ ଭାବରେ ପୂରି ରହି ସମସ୍ତଙ୍କୁ ସଂଚାଳିତ କରୁଥିଲେ ମଧ୍ୟ ଭିନ୍ନ ଭିନ୍ନ ଲୋକଙ୍କର ପୃଥକ୍ ପୃଥକ୍ କର୍ମ ସମ୍ପାଦନ ନିମିତ ଶକ୍ତିର ବିଭିନ୍ନତା ଦୃଷ୍ଟିରୁ ସେମାନଙ୍କ ଭିତରେ ଭଗବାନ୍‌ଙ୍କ ବିଭୂତିର ତାରତମ୍ୟ ଦେଖାଦେଇଥାଏ । ସେହି ଦୃଷ୍ଟିରୁ ପିଲାମାନଙ୍କୁ ଜନ୍ମ ଦେଇ ସେମାନଙ୍କର ଲାଳନପାଳନ କରିବା ସହିତ ଅନ୍ୟମାନଙ୍କ ପ୍ରତି ଅନୁକମ୍ପା ପ୍ରଦର୍ଶନ କରି ପରିବାର ଏବଂ ସମାଜରେ ମାଧୁର୍ଯ୍ୟର ଭାବ ସୃଷ୍ଟି କରିବା ଭଳି କର୍ତବ୍ୟ ସମ୍ପାଦନ ପାଇଁ ଭଗବାନ୍ ତାଙ୍କ ବିଭୂତି ରୂପରେ ନାରୀମାନଙ୍କଠାରେ ସାତୋଟି ବିଶେଷ ଗୁଣ ରୂପରେ ପ୍ରକାଶ ହୋଇଛନ୍ତି । ସେହିଗୁଣଗୁଡ଼ିକ ହେଉଛି କୀର୍ତ୍ତି, ଶ୍ରୀ, ବାକ୍, ସ୍ମୃତି, ମେଧା, ଧୃତି ଏବଂ କ୍ଷମା । ଭଗବାନ କୀର୍ତ୍ତି ରୂପରେ ନାରୀମାନଙ୍କଠାରେ ପ୍ରକାଶିତ ହୋଇ ନାରୀଙ୍କର ପବିତ୍ରତା, ନିଷ୍କଳଙ୍କ ଚରିତ୍ର ଏବଂ ସଦାଚରଣର ଭାବକୁ ନେଇ ତାଙ୍କର ସୁଖ୍ୟାତି ପ୍ରକାଶ କରିଛନ୍ତି । ସେହି ଦୃଷ୍ଟିରୁ ନାରୀମାନେ ତାଙ୍କ ଉପରେ ନିର୍ଭରଶୀଳ ତାଙ୍କ ପରିବାରର ସମସ୍ତ କାମସବୁ ଠିକ୍ ସମୟରେ କରିଦେବା ଦରକାର । ଏହାଦ୍ୱାରା ପରିବାରବର୍ଗ ଆନନ୍ଦପ୍ରାପ୍ତ ହେବେ ଓ ପରିବାରରେ ଶାନ୍ତିର ବାତାବରଣ ସୃଷ୍ଟି ହେବ ।

ଭଗବାନ୍ ନାରୀମାନଙ୍କ ଶରୀରରେ ମେଧା ରୂପରେ ନିବାସ କରିଥାଆନ୍ତି । ଏହା ହେଉଛି ଧୀଶକ୍ତି ବା ଧାରଣ କରିବାର ଶକ୍ତି । ଏହି ଶକ୍ତିସମ୍ପନ୍ନ ବ୍ୟକ୍ତିକୁ ଯାହା ଥରେ ଶିଖାଇ ଦିଆଯାଏ ସେ ତାହା ସହଜରେ ମନେ ରଖିଥାଆନ୍ତି, ଏପରିକି କେତେକ ବିଷୟ ଜୀବନର ଶେଷ ପର୍ଯ୍ୟନ୍ତ ତାଙ୍କ ମନରେ ରହିଯାଇଥାଏ । ନାରୀମାନଙ୍କ ମେଧା ଦୃଷ୍ଟିରୁ ସେମାନେ ସମସ୍ତ କାମକୁ ଶୀଘ୍ର ବୁଝିଥାନ୍ତି ଓ ବିରକ୍ତି ପ୍ରକାଶ ନକରି ସେ ସବୁର ସମ୍ପନ୍ନ କରିବା ନାରୀପକ୍ଷେ ସହଜସାଧ୍ୟ ହୋଇଥାଏ । ଏହି ଦୃଷ୍ଟିରୁ ଯାହାର ଧୀଶକ୍ତି ଯେତେ ପ୍ରଖର ତା'ର ସେତିକି ଅଧିକ ଆଦର । ଭଗବାନଙ୍କ ବିଭୂତି ଆତ୍ମବଳ ରୂପରେ ନାରୀଙ୍କଠାରେ ପ୍ରକଟିତ ହୋଇ ତାଙ୍କୁ ପ୍ରଦାନ କରୁଥିବା ଧୈର୍ଯ୍ୟ ବା ଧାରଣ କରିବାର ଶକ୍ତି ହେଉଛି ଧୃତି । ଯାହାର ଜୀବନରେ ଧୃତି କମିଯାଏ ସେ ବିଶେଷ ଶକ୍ତିଶାଳୀ ହୋଇ ପାରିନଥାନ୍ତି ଏବଂ ଜୀବନରେ ସଫଳ ହୋଇପାରି ନଥାନ୍ତି । ଦଣ୍ଡ ଦେବାର ଶକ୍ତିଥିଲେ ମଧ୍ୟ ଅପରାଧକୁ ଭୁଲି, ଅପରାଧୀକୁ କିଛି ଦଣ୍ଡ ନ ଦେବା ହେଉଛି କ୍ଷମା। ବିଭୂତି ରୂପରେ ନାରୀମାନଙ୍କ ପାଖରେ ଭଗବାନ ରହି ସେମାନଙ୍କ ସ୍ୱଭାବସୁଲଭ କର୍ତ୍ତବ୍ୟ ପାଳନ ପାଇଁ ଏହି ସଦ୍‌ଗୁଣର ବିଶେଷ ପ୍ରଭାବ ଅଛି। ଭଗବାନ ତାଙ୍କ ବିଭୂତି ରୂପରେ ପ୍ରକାଶ କରିଥିବା ସାତୋଟି ଗୁଣକୁ ଧାରଣ କରିଥିବା ଜଣେ ଆଦର୍ଶ ନାରୀ ସତୀସାଧ୍ୱୀ ରୂପରେ ଏତେ ଉପରକୁ ଉଠି ଯାଇପାରିବେ ଯେପରି ଲୋକେ ମନେ କରିବେ ଯେ ଜଣେ ଦେବୀ ସ୍ୱର୍ଗରୁ ପୃଥିବୀକୁ ଓହ୍ଲାଇ ଆସିଛନ୍ତି । ସେତେବେଳେ ସେ ପୃଥିବୀ ପରି କ୍ଷମାଶୀଳ, ସମୁଦ୍ର ପରି ଗମ୍ଭୀର, ଗଙ୍ଗା ମାତାଙ୍କ ପରି ପାବନୀ ଏବଂ ଦୃଷ୍ଟଙ୍କ ପାଇଁ ପ୍ରଜ୍ୱଳିତ ଅଗ୍ନି ସ୍ୱରୂପ ହୋଇଯାଇପାରେ । ସେ ସମସ୍ତଙ୍କୁ ଶୀତଳତାର ସ୍ପର୍ଶ ଦେଇପାରିବ ଓ ଆକାଶ ପରି ସମସ୍ତଙ୍କୁ ଧାରଣ କରିପାରିବ ।

## କୁକୁର ପେଟରେ ଅଜବ ଖାଦ୍ୟ

ଆମେରିକାର ପେଙ୍ଗିସିଲବେନିଆ ପ୍ରାନ୍ତର ଏକ ଭାଗରେ ଜଣେ ବ୍ୟକ୍ତି ୮ବର୍ଷ ପର୍ଯ୍ୟନ୍ତ ଲେବ୍ରାଡୋର ନାମକ ଏକ କୁକୁରକୁ ଘରେ ପାଳୁଥିଲେ । ହଠାତ୍ କୁକୁରର ଶରୀର ଅସୁସ୍ଥ ହେବାରୁ ଔଷଧ କିଣି ଖୁଆଇଥିଲେ । କିନ୍ତୁ ଲେବ୍ରାଡୋରର ଅବସ୍ଥାରେ ସୁଧାର ଆସିନଥିଲା । କୁକୁରଟି ପେଟ ଯନ୍ତ୍ରଣାରେ ବହୁତ କଷ୍ଟ ପାଇବାରୁ କୁକୁରର ମାଲିକ ଡାକ୍ତରଖାନା ନେଇଯାଇଥିଲେ । ଡାକ୍ତରଖାନାରେ



କୁକୁର ପେଟ ଏକ୍ସରେ ହେବା ଫଳରେ ସମସ୍ତ କଥା ପଦାକୁ ଆସିଯାଇଥିଲା । ପ୍ରକୃତରେ କୁକୁରଟିର ପେଟରେ ଯନ୍ତ୍ରଣା ହେବାର କାରଣ ହେଉଛି, ତା'ର ପେଟରେ କେତେକ ଅଖାଦ୍ୟ ରହିଥିଲା । ପେଟରୁ ୬୨ଟି ମୁଣ୍ଡ, କେଶ ବନ୍ଧା ବ୍ୟାଣ୍ଡ ଓ ୮ଟି ଅନ୍ତଃବସ୍ତ୍ର ବାହାରିଥିଲା । ଯାହାକୁ ସେ ଖାଇ ଦେଇଥିଲା । ଦୀର୍ଘ ଦୁଇ ଘଂଟାର ଅସ୍ତ୍ରୋପଚାର କରି କୁକୁରର ପେଟରୁ ଏସବୁ ଅଖାଦ୍ୟ ବାହାର କରାଯାଇଥିଲା ।

## ଏକାଧିକ ବିବାହ କରନ୍ତି ଖାସି ସମ୍ପ୍ରଦାୟର ମହିଳା

ବିଶ୍ୱର ବିଭିନ୍ନ ଦେଶରେ ଭଳିକିଭଳି ଆଦିବାସୀ ଅଛନ୍ତି । ସେମାନଙ୍କ ସଂସ୍କୃତି ଓ ପରମ୍ପରା କୌଣସି ରହସ୍ୟଠାରୁ କିଛି କମ୍ ନୁହେଁ । ମେଘାଳୟରେ ରହୁଥିବା ଖାସି ସମ୍ପ୍ରଦାୟର ମହିଳାଙ୍କ ହାତରେ ପରିବାରର ଦାୟିତ୍ୱ ନ୍ୟସ୍ତ ହୋଇଥାଏ । ଏହି ସମ୍ପ୍ରଦାୟର ପୁରୁଷମାନେ ବିବାହ ପରେ ଶ୍ୱଶୁର ଘରେ ଯାଇ ରୁହନ୍ତି । ଏଠାରେ ପୁରୁଷମାନଙ୍କୁ ଘରର ସବୁକାମ କରିବାକୁ ହୋଇଥାଏ। ବାହାରର



ସବୁ କାମ ମହିଳା କରନ୍ତି । ମେଘାଳୟରେ ଥିବା ବଜାରଗୁଡ଼ିକର ଦୋକାନରେ ମହିଳା କାମ କରନ୍ତି। ଖାସି ସମ୍ପ୍ରଦାୟରେ ଘରର ସାନ ଝିଅକୁ ସବୁଠୁ ଅଧିକ ସମ୍ପତି ମିଳିଥାଏ । ଏହି କାରଣରୁ ଘରର ସାନଝିଅ ମାତା-ପିତା, ଅବିବାହିତା ପୁଅ-ଝିଅଙ୍କର ଦେଖାଶୁଣା କରିଥାଏ। ଏହି ସମ୍ପ୍ରଦାୟର ଛୋଟ ଝିଅମାନେ ପିଲାଦିନେ ପଶୁହାଡ଼ରେ ଖେଳନ୍ତି । ଏଗୁଡ଼ିକ ସେମାନେ ଆଭୂଷଣଭାବେ ବ୍ୟବହାର କରନ୍ତି । ଖାସି ସମ୍ପ୍ରଦାୟର ପରିବାରଗୁଡ଼ିକ ମହିଳା କୈନ୍ଦ୍ରିକ ପରିବାର। ଅନେକ ଦିନ ପୂର୍ବରୁ ଏହି ସମ୍ପ୍ରଦାୟର ପୁରୁଷମାନେ ଯୁଦ୍ଧକୁ ପଳାଇ ଯାଇଥିଲେ ଓ ମହିଳାଙ୍କୁ ଛାଡ଼ି ଦେଇ ଯାଇଥିଲେ । ଏଥିଯୋଗୁଁ ପୁଅଝିଅମାନଙ୍କୁ ଘରର ମହିଳାମାନେ ସେମାନଙ୍କ ଉପନାମ ଦେଉଥିଲେ । ସେହିଭଳି ଖାସି ମହିଳାଙ୍କର ଅନେକ ଜୀବନସାଥୀ ଥାଏ । ତେଣୁ ପିଲାମାନଙ୍କୁ ମହିଳାମାନେ ସେମାନଙ୍କର ଉପନାମ ଦେଉଥିଲେ । ଏହି ସମ୍ପ୍ରଦାୟରେ କନ୍ୟା ସନ୍ତାନ ଜନ୍ମନେଲେ ମହିଳାମାନେ ଖୁସି ମନାନ୍ତି ।

## ଖାଦ୍ୟରେ ଟଏଲେଟ୍ ବ୍ରସ୍

ବ୍ରିଟେନ୍‌ରେ ରହୁଥିବା ଦୁଇବର୍ଷର ଲିଲି ନାମକ ଏକ ଛୋଟ ଝିଅ । ଯିଏ ଏକ ଭିନ୍ନ ଅଭ୍ୟାସରେ ପଡିଯାଇଛି । ତାକୁ ସାମାନ୍ୟ ଦ୍ରବ୍ୟ ଖାଇବାର ରୁଚି ବହୁତ କମ୍ ଥାଏ। ଡାକ୍ତରଙ୍କ ମତ ଅନୁସାରେ ଲିଲି ପିକା ନାମକ ଏକ ରୋଗରେ ପୀଡିତ । ଏହି ରୋଗ କାରଣରୁ ଲିଲିକୁ ଟଏଲେଟ୍ ସଫା କରାଯାଉଥିବା ବ୍ରସ୍ ଏବଂ କପଡା ଖାଇବାର ଅଭ୍ୟାସ ରହିଛି । ଡାକ୍ତର ମଧ ଲିଲିର ଏପରି ବ୍ୟବହାରରେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି । କେତେବେଳେ ଲିଲି କାହାର ନଜର ଆଢୁଆଳରୁ ଖସିଯିବାରେ ସଫଳ ହୋଇଛି । ଏହାପରେ ସେ ସିଧା ବାଥ୍‌ରୁମ୍ ଭିତରେ ପସିଯାଏ ଏବଂ ସେଠାରେ ରଖାଯାଇଥିବା କପଡା ଏବଂ ଟଏଲେଟ୍ ବ୍ରସ୍‌କୁ ଖାଇବା ଆରମ୍ଭ କରିଦେଇଥାଏ ।

## ଓଲଟା ଚାଲିବାର ଅଭ୍ୟାସ



ଦୁନିଆରେ ଭିନ୍ନ ଭିନ୍ନ କାହାଣୀ ବହନ କରୁଥିବା ଲୋକ ବାସବାସ କରନ୍ତି। ଏବେ ଦେଖନ୍ତୁ ତାମିଲ୍‌ନାଡୁର ତ୍ରିପୁରାରେ ରହୁଥିବା ମଣିମଣିଥନ୍ ଯିଏ ଓଲଟା ଚାଲିଥାନ୍ତି। ୧୯୮୯ରେ ଦେଶଯାକରେ ସୃଷ୍ଟି ହୋଇଥିବା ଆତଙ୍କ ଘଟଣାରେ ଆହତ ହୋଇଥିଲେ ତ୍ରିପୁରାର ମଣିମଣିଥନ୍। ବିଶ୍ୱଶାନ୍ତି ପ୍ରତିଷ୍ଠା ପାଇଁ ଓଲଟା ଚାଲିବା ତାଙ୍କର ଏକ ଅଭିନବ ପ୍ରୟାସ ବୋଲି ମଣି କହନ୍ତି। ଦୀର୍ଘ ୨୬ବର୍ଷ କାଳ ଏଭଳି ଅଜବ୍ ଢ଼ଙ୍ଗରେ ଚାଲିବା ଅଭ୍ୟାସ ଜାରି ରଖିଛନ୍ତି। ତେବେ ଚାଲିବା ସମୟରେ ତାଙ୍କୁ ସଡକ ପାର କରିବାକୁ ପଡୁ କି ସିଡି ଚଢିବାକୁ ହେଉ ସେ ସଦାସର୍ବଦା ଓଲଟା ହିଁ ଚାଲିଥାନ୍ତି। ଫଳରେ ସିଧା ଚାଲିବା ସେ ସମ୍ପୂର୍ଣ୍ଣ ରୂପେ ଭୁଲି ଗଲେଣି ଏବଂ ଓଲଟା ଚାଲିବା ନିତିଦିନିଆ ଅଭ୍ୟାସରେ ପରିଣତ ହୋଇଗଲାଣି।

## ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟାର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** — ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ଦାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** — ଚତୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।




# ଗାନ୍ଧୀଙ୍କ ଠେଙ୍ଗା ଥିଲା ସାହାରା ଓ ସୁରକ୍ଷାର କବଚ



**ଆ**।ମ ଦେଶର ପରମ ପୂଜନୀୟ ଜାତିର ଜନକ ମହାତ୍ମା ଗାନ୍ଧୀ ଯେଉଁ ୫୪ ଇଂଚରଅଁଠେଙ୍ଗାଟି ଧରୁଥିଲେ ତାହା ଥିଲା ତାଙ୍କ ପାଇଁ ତାଙ୍କର ସାହାରାର କବଚ। ମାତ୍ର ଏହା ପଛରେ ରହିଛି ଏକ ରୋଚକ କାହାଣୀ, ଯାହା ଆମର ଉତ୍ତର ପିଢୀ ବୋଧହୁଏ ଜାଣି ନ ଥିବେ। ଏହି ଠେଙ୍ଗାଟି ବାପୁଙ୍କୁ କାକା କାଲେକର ଗୁଜରାଟ ବିଦ୍ୟାପୀଠର ଅଧକ୍ଷ ପ୍ରଦାନ କରିଥିଲେ। ଆଜିର ସହରାଂଚଳ ଅପେକ୍ଷା ଗ୍ରାମାଂଚଳରେ ଏହା ସାଧାରଣତଃ ବହୁ ପରିମାଣରେ ବ୍ୟବହୃତ ହୋଇଥାଏ। ଚାଷୀ ଯେତେବେଳେ ଗହୀର ବିଲକୁ ଯାଇଥାଏ, ପାହାଡ ଚଢିଲା ବେଳେ ଏବଂ ଅନ୍ୟାନ୍ୟ କେତେକ କ୍ଷେତ୍ରରେ ଏହାର ଆବଶ୍ୟକତା ପଡିଥାଏ। ବିଶେଷ ଭାବରେ ଗାଁଗହଳିରେ ଅନେକ ଏହାକୁ ପାଗଳା କୁକୁର, ସାପ ଓ ଅନ୍ୟାନ୍ୟ ହିଂସ୍ରଜନ୍ତୁଙ୍କ କବଳରୁ ନିଜକୁ ରକ୍ଷାକରିବା ପାଇଁ ଧରିଥାନ୍ତି। ବର୍ତ୍ତମାନ କିନ୍ତୁ ନୂଆ ନୂଆ ଆଧୁନିକ ହାତହତିୟାର ମିଳିବା ପରେ ଏହି ଠେଙ୍ଗାର ଆଉ ବିଶେଷ ଦରକାର ପଡୁନାହିଁ। ହେଲେ ଏହି ଠେଙ୍ଗା ଶବ୍ଦ ଯେତିକି ସାହାଯ୍ୟକାରୀ ମନେହୁଏ ତାହାଠାରୁ ଅଧିକ ଭୟ ସୃଷ୍ଟିକାରୀ।

ଜାତିର ଜନକ ମହାତ୍ମାଗାନ୍ଧୀ ୧୯୩୦ରେ ଅଂହିସା ପ୍ରତିରୋଧ ମାଧମରେ ଆଇନ ଅମାନ୍ୟ କରି ସତ୍ୟାଗ୍ରହ ଆରମ୍ଭ କରିଥିଲେ। ବ୍ରିଟିଶ୍ ସରକାରଙ୍କ ଲବଣ ଆଇନ ଭାଙ୍ଗିବା ପାଇଁ ଗାନ୍ଧିଜୀ ସାବରମତୀ ଆଶ୍ରମରୁ ସମୁଦ୍ର କୂଳରେ ଥିବା ଦାଣ୍ଡି ପର୍ଯ୍ୟନ୍ତ ଐତିହାସିକ ଦାଣ୍ଡିଯାତ୍ରା କରିଥିଲେ। ତାଙ୍କ ସହିତ ଅନେକ କର୍ମୀ ମଧ ଏଥିରେ ଅଂଶଗ୍ରହଣ କରିଥିଲେ। ଏହି ଯାତ୍ରାରେ ବାପୁଜୀ କୌଣସି ଅସ୍ତ୍ର ବ୍ୟବହାର କରି ନ ଥିଲେ; କାରଣ ଅହିଂସା ଥିଲା ତାଙ୍କର ମୂଳମନ୍ତ୍ର। ୨୪୧ ମାଇଲ ଏହି ଦୀର୍ଘଯାତ୍ରାରେ ସେ କେବଳ ଏକ ଠେଙ୍ଗାର ସାହାଯ୍ୟ ନେଇଥିଲେ। ଏହି ଠେଙ୍ଗା ତାଙ୍କୁ ଯେତିକି ସାହାଯ୍ୟ କରି ନଥିଲା ଶକ୍ତିଶାଳୀ ବ୍ରିଟିଶ ସରକାରଙ୍କ ମନରେ ଆଇନଅମାନ୍ୟ ଆନ୍ଦୋଳନର ଭୟାବହତା ସମ୍ପର୍କରେ ଅନେକ ପୂର୍ବସୂଚନା ଦେଇଥିଲା।

ସ୍ୱାଧୀନତା ପାଇବା ପୂର୍ବରୁ ଦେଶର ଅନେକ ସ୍ଥାନରେ ଆନ୍ଦୋଳନ କରାଯାଇଥିଲା। ଆମ ରାଜ୍ୟରେ ମଧ ସ୍ୱାଧୀନତା ସଂଗ୍ରାମର ଅନେକ ଦୃଷ୍ଟାନ୍ତ ରହିଛି। ଓଡିଶାରେ ସେତେବେଳେ ଅନେକଗୁଡିଏ ଗଡଜାତ ରାଜ୍ୟ ଥିଲା। ଅନେକ ରାଜ୍ୟର ରାଜାମାନଙ୍କ ଅତ୍ୟାଚାରରେ ଲୋକମାନେ ଅତିଷ୍ଠ ହୋଇ ଯାଇଥିଲେ। ଏଣୁ ସ୍ୱାଧୀନତା ସଂଗ୍ରାମ ପାଇଁ ଏହି ରାଜ୍ୟ-ଗୁଡିକରେ ପ୍ରଜାମଣ୍ଡଳ ଗଢାଯାଇଥିଲା। ନୀଳଗିରି, ତାଳଚେର, ଢେଙ୍କାନାଳ ଓ ରଣପୁର ପ୍ରଭୃତି ରାଜ୍ୟରେ ପ୍ରଜା ଆନ୍ଦୋଳନ ତୀବ୍ରତର ହୋଇଥିଲା। ଏହି ଗଡଜାତ ରାଜାମାନଙ୍କର ଶାସନ ପରିଚାଳନା କାର୍ଯ୍ୟ ତଦାରଖ କରିବା ପାଇଁ ଇଂରେଜ ସରକାରଙ୍କ ପକ୍ଷରୁ ପଲିଟିକାଲ ଏଜେଂଟ୍ ରହିଥିଲେ। ୧୯୩୬ ମସିହାରେ ଓଡିଶା ସ୍ୱତନ୍ତ୍ର ପ୍ରଦେଶର ମାନ୍ୟତା ପାଇବା ପରେ ୧୯୩୯ ମସିହା ଜାନୁୟାରୀ ୫ ତାରିଖରେ ରଣପୁରଠାରେ ପ୍ରଜାମାନଙ୍କ ପକ୍ଷରୁ ବିଭିନ୍ନ ଦାବିନେଇ ବିରାଟ ସମାବେଶ ହୋଇଥିଲା। ରାଜାଙ୍କଠାରୁ ସମ୍ବାଦ ପାଇ ପଲିଟିକାଲ ଏଜେଂଟ୍ ନୟାଗଡରୁ ରଣପୁର ଆସିଲେ। ଏହି ପଲିଟିକାଲ ଏଜେଂଟ୍ ପୂର୍ବରୁ ଢେଙ୍କାନାଳ ଓ ଅନ୍ୟାନ୍ୟ ସ୍ଥାନରେ ବହୁ ଅତ୍ୟାଚାର କରିଥିବାର ଲୋକମାନଙ୍କ ଧାରଣା ଥିଲା। ଘଟଣାଚକ୍ରରେ ପଲିଟିକାଲ ଏଜେଂଟ ବେଜେଲଗେଟ ସାହେବ ଜନତାର ରୋଷର ଶିକାର ହେଲେ। ନିଜ ଜୀବନକୁ ରକ୍ଷା କରିବା ପାଇଁ ସେ ପିସ୍ତଲ ଚଳାଇଲେ। ଏହି ଘଟଣା ପରେ ଲୋକମାନେ ରକ୍ତମୁଖା ହୋଇଗଲେ ଓ ଠେଙ୍ଗାରେ ପିଟି ପିଟି ବେଜେଲଗେଟ ସାହେବଙ୍କୁ ମାରିଦେଲେ। ପ୍ରଥମ ବିଶ୍ୱଯୁଦ୍ଧରେ ବେଜେଲଗେଟ ଦକ୍ଷତାର ସହ ଲଢିବାର ଅନେକ କହନ୍ତି। କିନ୍ତୁ ଏପରି ଏକ ଯୋଦ୍ଧା ଠେଙ୍ଗାମାଡରେ ମରିବା ଅନେକ ଇଂଲଣ୍ଡ-ବାସୀଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିଥିଲା। ସେତେବେଳେ ବ୍ରିଟିଶ ପାର୍ଲିଆମେଂଟ୍ଷ୍ଟଥରହର ହୋଇଯାଇ ଥିଲା। ଠେଙ୍ଗା ଏପରି କି ଅସ୍ତ୍ର ଯେ ବେଜେଲଗେଟଙ୍କ ପରି ଯୋଦ୍ଧାକୁ ମାରିଦେଲା! ଜନଶ୍ରୁତି କହେ କିଛି ଠେଙ୍ଗା ଇଂଲଣ୍ଡରେ ଦେଖାଇବା ପାଇଁ ପଠାଯାଇଥିଲା। ମାତ୍ର ଦୁଃଖ ଓ ପରିତାପର ବିଷୟ, ଏହି ହତ୍ୟା ମାମଲାର ବିଚାର ହୋଇ ସ୍ୱନାମଧନ୍ୟ ନେତା ରଘୁନାଥ ମହାନ୍ତି ଓ ଦିବାକର ପରିଡାଙ୍କୁ ଫାଶିଦଣ୍ଡ ହେବାସହ ୧୧ ଜଣଙ୍କୁ ଯାବଜ୍ଜୀବନ କାରାଦଣ୍ଡ ଦିଆଯାଇଥିଲା। ମାତ୍ର ଠେଙ୍ଗାର ଏ କାହାଣୀ କାଳକାଳକୁ ଲୋକମୁଖରେ ରହିଗଲା ଏବଂ ଏହି ଠେଙ୍ଗା ଭୟର ଏକ ପ୍ରତୀକ ହୋଇଗଲା!



ଆମେ ସ୍ୱାଧୀନ ହେଲେ, ମାତ୍ର ସ୍ୱାଧୀନ ଦେଶର ଲୋକ-ମାନଙ୍କର କ'ଣ କର୍ତ୍ତବ୍ୟ ଆମେ ଏ ପର୍ଯ୍ୟନ୍ତ ବୁଝିପାରିଲେ ନାହିଁ। ସ୍ୱାଧୀନତାର ବାସ୍ତବ ଚିନ୍ତା ନ କରି ଅନେକ ସ୍ୱେଚ୍ଛାଚାର କରନ୍ତି ! ଏହାର ସମାଧାନ ପାଇଁ ହୁଏତ ଲୋକଙ୍କୁ ଭଲଭାବରେ ଅନୁପ୍ରାଣିତ କରିବାକୁ ହେବ କିମ୍ବା କିଛି ଭୟ ଦେଖାଇ ଭଲବାଟରେ ପକାଇବାକୁ ହେବ। ଅନେକ ବର୍ଷ ତଳର ଗୋଟିଏ ଛୋଟ ସତ ଘଟଣା। ଗୋଟିଏ ଗାଁରେ ପ୍ରାୟ ୧୫୦ ପରିବାର ରହନ୍ତି। ଅଧିକାଂଶ ଗ୍ରାମ ପରି ଏଠାର ଲୋକମାନଙ୍କର ସାଧାରଣ ପରିଷ୍କାର ପରିଚ୍ଛନ୍ନତା ପ୍ରତି ଦୃଷ୍ଟି ନଥାଏ ଓ ଉତ୍ତମ ନାଗରିକର କର୍ତ୍ତବ୍ୟ ନେଇ କୌଣସି ଧାରଣା ନଥାଏ। ଗାଁ ଦାଣ୍ଡର ଲୋକମାନେ କାଠ, ଶଗଡ, ଇଟା, ପଥର ପ୍ରଭୃତି ଜମାକରି ରାସ୍ତା ଅବରୋଧ କରୁଥାନ୍ତି। ଯେତେ ବୁଝାଇଲେ ମଧ କେହି ବୁଝିବାକୁ ପ୍ରସ୍ତୁତ ନୁହଁନ୍ତି। ସେହି ଗ୍ରାମରେ ଥିବା ଦୁଇଜଣ ପ୍ରଗତିଶୀଳ ଯୁବକ ଏକ ଅଭିନବ କାର୍ଯ୍ୟକଲେ। ସେତେବେଳେ ଭ୍ରାମ୍ୟମାଣ ଅଦାଲତ କଥା ପ୍ରାୟ ସମସ୍ତେ ଶୁଣିଥିବେ। ଏହି ମୋବାଇଲ କୋର୍ଟର କ୍ଷମତା ପ୍ରବଳ ଥିଲା। ସେହି ପ୍ରଗତିଶୀଳ ଯୁବକ ଦ୍ୱୟ ଏକ ମୋବାଇଲ କୋର୍ଟର ନାଟକ କଲେ। ସେଦିନ ଝିପିଝିପି ବର୍ଷା ହେଉଥାଏ। ଗାଁରେ ଥିବା ଜଣେ ଅବସରପ୍ରାପ୍ତ ଲୋକର ଲମ୍ବା ପୁରୁଣା କୋର୍ଟ ଓ କଳା ଟୋପିଟିଏ ମାଗିଆଣି ତାଙ୍କ ଭିତରୁ ଜଣେ ଲମ୍ବା ପିଲା ଏହି କୋର୍ଟ ଟୋପି ଚଷମା ପିନ୍ଧି ଗାଁ ଦାଣ୍ଡରେ ମଚମଚ ହୋଇ ଚାଲିଗଲା ଏବଂ ଯିବା ସମୟରେ ନିଜର ଧରିଥିବା ଲମ୍ବା ଠେଙ୍ଗାରେ କାଠ, ଶଗଡ, ଇଟା ଯାହା ଦେଖିଲା ପାହାରେ ପାହାରେ ବାଡେଇ ଶେଷରେ ନିଜର ପୋଷାକ ଖୋଲିଦେଲା। ପୂର୍ବ ଯୋଜନାନୁଯାୟୀ ଅନ୍ୟ ଯୁବକ ଗାଁରେ ପ୍ରଚାର କରିଦେଲା ମୋବାଇଲ କୋର୍ଟ ଆସି ଅନ୍ୟଆଡେ ଯାଇଛି । ଆସନ୍ତାକାଲି ଆମଗାଁ ଆଡେ ଆସିପାରେ। ସତ ଘଟଣା ଅପେକ୍ଷା ଗୁଜବ ପବନ ବେଗରେ ଖେଳିଗଲା। ଲଣ୍ଠନ ଆଲୁଅ ଲଗାଇ ସମସ୍ତେ ନିଜ ନିଜର କାଠ, ବାଉଁଶ, ଇଟା ଓ ପଥର ଇତ୍ୟାଦିକୁ ନିଜ ନିଜର ବାରିପଟକୁ ବୋହିନେଲେ। ମାତ୍ର ମୋବାଇଲ କୋର୍ଟ ତ' ଆରଦିନ ଆସିନଥିଲା କିନ୍ତୁ ଦୁଇ ଯୁବକଙ୍କର ଅଭିନବ ବୁଦ୍ଧି ଓ ଠେଙ୍ଗାର କରାମତି ଗ୍ରାମବାସୀମାନଙ୍କୁ ସେମାନଙ୍କର ମୌଳିକ କର୍ତ୍ତବ୍ୟ କରିବା ସହ ନିଜ ଗାଁ ଦାଣ୍ଡକୁ ସ୍ୱଚ୍ଛ ରଖିବାର ଶିକ୍ଷା ଦେଇଥିଲା। ଯାହା ଜଣାପଡୁଛି ଲୋକମାନେ ସେମାନଙ୍କର ମୌଳିକ କର୍ତ୍ତବ୍ୟରେ ଅଭ୍ୟସ୍ତ ନହେବା ପର୍ଯ୍ୟନ୍ତ ଠେଙ୍ଗାଭୟର ଆବଶ୍ୟକତା ଥିବାପରି ମନେହେଉଛି।

ରାଜନେତାମାନେ ସବୁ କର୍ମ ଅକର୍ମ ଭଲଭାବରେ ଜାଣିସୁଦ୍ଧା ନିର୍ବାଚନକୁ ଆଖିରେ ରଖି ଖରାପ କାର୍ଯ୍ୟକୁ ପ୍ରତିରୋଧ କରିପାରୁ ନାହାଁନ୍ତି ଯାହା ସମାଜ ପାଇଁ ଶୁଭଙ୍କରୀ ନୁହଁ। ପ୍ରତିକାର ପାଇଁ ପ୍ରତିବଦ୍ଧତାର ଆବଶ୍ୟକତା ରହିଛି। ସରକାର ତାଙ୍କର ଅନେକ ମୌଳିକ କର୍ତ୍ତବ୍ୟ ପାଇଁ ବିଚାରାଳୟରେ ଠେଙ୍ଗା ପ୍ରହାରରେ ଅନେକ କ୍ଷେତ୍ରରେ କାର୍ଯ୍ୟହେଉଛି। ସେ ଯାହାହେଉ ସେଦିନ ଠେଙ୍ଗାର ଯେଉଁ ମହତ୍ୱ ଥିଲା, ତାହା ଆଜି ମଧ ଅଛି।

**ଉମାଶଙ୍କର ପ୍ରସାଦ,** ସ୍ତମ୍ଭକାର,
**ଖୋର୍ଦ୍ଧା, ମୋ: ୬୩୭୦୬ ୭୫୫୬୨**

# ଟମାଟୋ ଫ୍ଲୁ ଓ ମଙ୍କି ପକ୍ସ



**କ'**ଣ ପୃଥିବୀର ସୁଖ ଦିନ ସରିଗଲା ? ଗୋଟେ ପରେ ଗୋଟେ ନୂଆ ନୂଆ ରୋଗ ଗ୍ରହାନ୍ତରର ଶତ୍ରୁ ଭଳି ମଣିଷ ସମାଜ ଉପରକୁ ମାଡି ଆସୁଛନ୍ତି । ୨୦୧୯ରେ କରୋନାର ପ୍ରଥମ ଲହରଠାରୁ ସଂସାର ଯେପରି ବଦଳି ଯାଇଛି । ସବୁଆଡେ ଭୟ ଓ ଆଶଙ୍କା ଭରି ଯାଇଛି । ଭବିଷ୍ୟତ ଅନିଶ୍ଚିତ ହୋଇ ଆଖିରୁ ନିଦ ହଜାଇ ଦେଉଛି । କରୋନାର ଚାରିଟି ଲହର ମଣିଷକୁ ଅକଥନୀୟ ଦୁଃଖ ଯନ୍ତ୍ରଣା ଦେଇଗଲାଣି । "ଯାହା ପୁଅକୁ ସାପ କାମୁଡେ, ତା ମାଆ ପାଳ ଦଉଡି ଦେଖିଲେ ଡରେ ।" ଟିକେ ଥଣ୍ଡା କାଶ ହେଲେ ଦେହ ଥରି ଉଠୁଚି, କରୋନା ହେଇଗଲା କି ? ନୂଆ ନୂଆ ରୋଗର ନା ଶୁଣାଯାଉଚି । ଓମିକ୍ରନ ଡେଲଟା ବେଟା ଥେଟା, ଚିକେନ ଗୁନିଆ, ସ୍ୱାଇନ ଫ୍ଲୁ, ଭଳିକି ଭଳି ବହୁରୂପି ଭାଇରସମାନେ ମାଡିଆସୁଛନ୍ତି । ମାନୁନାହାଁନ୍ତି କିଛି ଔଷଧ, କାମ ଦେଉନି କିଛି ଟୀକା । ଏବେ ଶୁଣାଗଲାଣି ନୂଆ ରୋଗ, ଟମାଟୋ ଫ୍ଲୁ, ମଙ୍କି ପକ୍ସ । ରୋଗ ଯେତେ ନୁହେଁ ବହୁଳ ପ୍ରଚାର ଭୟ ସୃଷ୍ଟି କରୁଛି । ଟମାଟୋ ଫ୍ଲୁ ଗୋଟିଏ ସାଧାରଣ ଫ୍ଲୁ ରୋଗ । ଦେହରେ ଲାଲ ରଙ୍ଗର ଟମାଟୋ ଭଳି ଚିହ୍ନ (Rash) ଦେଖାଯାଏ। ତେଣୁ ଏପରି ନାମକରଣ ହୋଇଚି । ପାଂଚବର୍ଷ ତଳ ପିଲାଙ୍କୁ ଏହା ଆକ୍ରାନ୍ତ କରୁଚି । ଅଳ୍ପ ଦିନ ମଧ୍ୟରେ (୪/୫ ଦିନ) ରୋଗୀ ସୁସ୍ଥ ହୁଏ । ଏହି ରୋଗ ହେଲେ ନାକରୁ ପାଣି ବହେ, ଦେହ ବଥା ଆରମ୍ଭ ହୁଏ, ଜ୍ୱର ହୁଏ, ମୁଣ୍ଡ ବଥା, ଝାଡା କାଶ ଭଳି ଲକ୍ଷଣମାନ ଦେଖାଯାଏ ।ଏହି ରୋଗ ଏକ ପ୍ରକାର ଇନଫ୍ଲୁଏଞ୍ଜା ଭାଇରସ ଯୋଗୁ ହୋଇଥାଏ । ରୋଗୀର ସଂସ୍ପର୍ଶରେ ଆସିଲେ ରୋଗ ବ୍ୟାପିଥାଏ । କରୋନା ଭଳି ବାୟୁବାହିତ ନୁହେଁ। ତେଣୁ ଆଶ୍ୱସ୍ତିର କଥା । ଏ ପର୍ଯ୍ୟନ୍ତ ରୋଗ କେରଳରେ ଆରମ୍ଭ ହୋଇ କାଁଭାଁ ଦେଖାଯାଇଚି । କେତେକ ଏହାକୁ କରୋନାର ନୂତନ ଅବତାର ବୋଲି ମତ ଦେଉଛନ୍ତି । ଆମ ରାଜ୍ୟରେ ଏହା ବୋଧେ ହାଣ୍ଡ ଫୁଟ ଆଣ୍ଡ ମାଉଥ ଡିକିଜ (Hand Foot and Mouth Disease) ବୋଲି ମତ ଦିଆଯାଉଛି । ରୋଗ ହେଲେ ତାକୁ ଅନ୍ୟମାନଙ୍କ ସହ ନ ମିଶିବାକୁ କୁହାଯାଉଚି । ରୋଗୀର ଖାଦ୍ୟ, ଲାଳ, ଚିହ୍ନରୁ ବାହାରୁଥିବା ଲସି ଅନ୍ୟ ଦେହରେ ଲାଗିଲେ ରୋଗ ହୋଇଥାଏ । ଏପର୍ଯ୍ୟନ୍ତ ରୋଗ ଜୀବନହାନି କରିବାର ଜଣାଯାଇନାହିଁ ।





ଅନ୍ୟ ଏକ ଭାଇରସ ରୋଗ ମଙ୍କି ପକ୍ସ ବା ମଙ୍କି ଫିଭରର ଆବିର୍ଭାବ ଚିନ୍ତା ବଢାଇ ଦେଇଛି । ଏହା ଏକପ୍ରକାର Ortho pox virus ବୋଲି କୁହାଯାଉଛି । ଆଗରୁ ହେଉଥିବା ବସନ୍ତ ଭାଇରସ ସହ ଏହାର ସାମଞ୍ଜସ୍ୟ ରହିଛି । ବସନ୍ତ ପାଇଁ ଦିଆଯାଉଥିବା ଟୀକା ଏହାକୁ ମଧ୍ୟ ପ୍ରତିଷେଧକ ଦେଉଥିଲା । ବିଭିନ୍ନ ପ୍ରକାର ପ୍ରାଣୀଙ୍କ (Rodent , Rat ,Monkey, Squirell, Rope Squirell)ଠାରୁ ଭାଇରସ ମଣିଷ ଦେହକୁ ଆସେ । ଅନେକ ଏହାକୁ ଏକ ପ୍ରକାର ଚିକେନ ପକ୍ସ ବୋଲି କହୁଚନ୍ତି । ରୋଗୀର ସଂସ୍ପର୍ଶରେ ଆସିଲେ ରୋଗ ବ୍ୟାପିଥାଏ । ପ୍ରଥମେ ହାଡଫୁଟି ଭଳି ଜ୍ୱର ହୁଏ । ବଥା ପ୍ରବଳ ହୁଏ । ବାନ୍ତି ମୁଣ୍ଡ ବଥା ହୁଏ । ଦେହସାରା ହାଡଫୁଟି ଭଳି ଫୋଟକା ବା ବ୍ଲିଷ୍ଟର ବାହାରିଯାଏ । ପରେ ସେଗୁଡିକ ଫାଟି ବକଳ (Papules, Blister, Postules, Crust) ଛାଡେ । ଅନେକ ସମୟରେ ରୋଗ ସାଂଘାତିକ ହୋଇପଡେ । ଚମ ସବୁ ଘାଆ ହୋଇ ମିଳାଇଯାଏ । ଦୁଇରୁ ଚାରି ସପ୍ତାହ ମଧ୍ୟରେ ଲୋକ ଭଲ ହୋଇଯାଏ । ଅନେକ ୟୁରୋପୀୟ ରାଷ୍ଟ୍ରରେ ଏହି ରୋଗ ଦେଖାଦେଉଚି । କେତେକ ଏହାକୁ ରୁଷର ଜୈବିକ ଅସ୍ତ୍ର ବୋଲି ଆରୋପ ଲଗାଇଛନ୍ତି । ଏହି ରୋଗ ଆଗରୁ କଙ୍ଗୋ ଓ ପଶ୍ଚିମ ଆଫ୍ରିକାରେ ଦେଖାଦେଉଥିଲା । ୨୦୦୩ ମସିହାରେ ଏହା ଆମେରିକାରେ ଦେଖାଦେଲା । ମନେକରାଯାଏ ବସନ୍ତର ଟୀକାଦାନ ଯୋଗୁ ଏହି ରୋଗରୁ ରକ୍ଷାମିଳୁଥିଲା । ୧୯୮୦ ମସିହାରେ ଟୀକାକରଣ ବନ୍ଦ ହେବାପରେ ଏହି ରୋଗ ବଢିବାରେ ଲାଗିଛି । ଏହି ରୋଗ ୫୦ ବର୍ଷ ତଳର ବ୍ୟକ୍ତିଙ୍କୁ ହୋଇଥାଏ । ଯେଉଁମାନେ ବସନ୍ତ ଟୀକା ନେଇଛନ୍ତି ସେମାନେ ରୋଗରୁ ରକ୍ଷା ପାଆନ୍ତି । ଭାରତରେ ଏହା ଦେଖା ନଗଲେ ମଧ୍ୟ ଗଣମାଧ୍ୟମର ପ୍ରଚାର ଯୋଗୁ ଆତଙ୍କ ଖେଳିଯାଇଛି । ପୁଣି ଆଉଥରେ ବସନ୍ତ ଟୀକାକରଣ କରି ସେହି ଜାତୀୟ ଭାଇରସ ରୋଗରୁ ରକ୍ଷାପାଇବା କଥା ଚିନ୍ତା କରାଯାଉଛି ।

**ଡାକ୍ତର ସୁରେନ୍ଦ୍ରନାଥ ଦାଶ,** ଓଡ଼ିଶା ନ୍ୟୁଜ୍ ସର୍ଭିସ୍,
ଉମରକୋଟ, ନବରଙ୍ଗପୁର, ମୋ: ୯୪୩୭୨୩୫୩୮୬

# ଗିନିସ ୱାର୍ଲ୍ଡ ରେକର୍ଡ଼ସରେ ପେପରମ୍ୟାନ ଇଣ୍ଡିଆ ଶଶାଙ୍କ




ଭୁବନେଶ୍ୱର (ପିଏନ)-ଖବରକାଗଜ ସଂଗ୍ରହ କରି ନିଜକୁ ପେପରମ୍ୟାନ ଇଣ୍ଡିଆ ଭାବେ ପରିଚିତ କରାଇଥିବା ଓଡ଼ିଆ ପୁଅ ଶଶାଙ୍କ ଶେଖର ଦାଶ ଗିନିସ ୱାର୍ଲ୍ଡ ରେକର୍ଡ଼ସରେ ନିଜର ନାମ ଦରଜ କରିପାରିଛନ୍ତି । ଏକ ସ୍ୱତନ୍ତ୍ର ଉତ୍ସବରେ ଓଡ଼ିଶାର ମହାମହିମ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ତାଙ୍କୁ ଗିନିସ ପ୍ରମାଣ ପତ୍ର ପ୍ରଦାନ କରିଛନ୍ତି । ଇଟାଲୀର ସେର୍ଗିଓ ବୋଦିନୀଙ୍କ ରେକର୍ଡ଼ ଭଙ୍ଗ କରି ଓଡ଼ିଆ ପୁଅ ଶଶାଙ୍କ ଗିନିସ ରେକର୍ଡ଼ ପ୍ରତିଷ୍ଠା କରିଥିବା ଜଣାଯାଏ। ପୂର୍ବରୁ ଗିନିସ ରେକର୍ଡ଼ରେ ୧୪୪୪ଟି ଖବରକାଗଜ ସଂଗ୍ରହର ରେକର୍ଡ଼ ଥିଲା। ତେବେ ପେପରମ୍ୟାନ ଇଣ୍ଡିଆ ଶଶାଙ୍କ ୪୫୧୫ଟି ଖବରକାଗଜ ସଂଗ୍ରହ କରି ତାଙ୍କର ରେକର୍ଡ଼ ଭଙ୍ଗ କରିବା ସହ ଭାରତକୁ ଏହି ରେକର୍ଡ଼ ଛଡ଼ାଇ ଆଣିଛନ୍ତି। ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ତାଙ୍କ ବାସଭବନରେ ଆୟୋଜିତ ସ୍ୱାଧିନତାର ଅମୃତ ମହୋତ୍ସବ ଅବସରରେ ସଂକଳ୍ପରୁ ସିଦ୍ଧି କିଛି ସଫଳ ବ୍ୟକ୍ତିବିଶେଷଙ୍କ ସହିତ ଆଲୋଚନା କରିଥିଲେ। ରାଜ୍ୟର ବିଭିନ୍ନ ସ୍ଥାନରୁ ନାନାପ୍ରକାର କାର୍ଯ୍ୟକରି ଓଡ଼ିଶାର ନାମ ଉଜ୍ଜ୍ୱଳ କରିଥିବା ୧୦ ଜଣ ସାଧାରଣ ବ୍ୟକ୍ତିଙ୍କୁ ଏଠାକୁ ନିମନ୍ତ୍ରଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଶ୍ରୀ ଦାଶଙ୍କୁ ରାଜ୍ୟପାଳ ଗିନିସ କର୍ତୃପକ୍ଷ ପ୍ରଦାନ କରିଥିବା ପ୍ରମାଣପତ୍ର ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ ଅନେକ ଦେଶ ଓ ଭାଷାର ଖବରକାଗଜ ସଂଗ୍ରହ କରିବା ପରେ ଶଶାଙ୍କ ଗିନିସ କର୍ତୃପକ୍ଷଙ୍କ ସହ ଯୋଗାଯୋଗ କରିଥିଲେ। ସେମାନଙ୍କ ପରାମର୍ଶରେ ସେ ଗତ ୨୦୧୯ ନଭେମ୍ବର ୩୦ ତାରିଖ ଦିନ ଏକ ପ୍ରଦର୍ଶନୀ ରାଜଧାନୀ ଭୁବନେଶ୍ୱରରେ ଆୟୋଜନ କରିଥିଲେ। ଏହି ପ୍ରଦର୍ଶନୀରେ ସେ ୪୪୪୪ଟି ଖବରକାଗଜ ପ୍ରଦର୍ଶନ କରାଇଥିଲେ। ଏଠାରେ ବିଭିନ୍ନ ସାଧାରଣ ଲୋକଙ୍କ ଉପସ୍ଥିତିରେ ଏହାର ଗଣତି କରାଯାଇଥିଲା। ପରେ ସମସ୍ତ ଆବଶ୍ୟକୀୟ ପ୍ରମାଣପତ୍ର ଶଶାଙ୍କ ଗିନିସ ଦ୍ୱାରା ପ୍ରଦାନ କରାଯାଇଥିବା ୱେବପୋର୍ଟାଲରେ ପଠାଇଥିଲେ । କରୋନା କାରଣରୁ ଗିନିସ କର୍ତୃପକ୍ଷଙ୍କ ତରଫରୁ କୌଣସି ବ୍ୟକ୍ତି ଯୋଗ ଦେଇ ନଥିଲେ। କରୋନା କାରଣରୁ ଗିନିସ କର୍ତୃପକ୍ଷଙ୍କ କାର୍ଯ୍ୟାଳୟ ଅନେକ ଦିନ ବନ୍ଦ ରହିବାରୁ ଆବଶ୍ୟକୀୟ ଯାଂଚ ବିଳମ୍ବ ହୋଇଥିଲା। ଏହି ବିଳମ୍ବ ସମୟ ମଧରେ ଆହୁରି କିଛି ଖବରକାଗଜ ତାଙ୍କ ସଂଗ୍ରହରେ ଯୋଡ଼ି ହେଲା ପରେ ସେ ଗିନିସ କର୍ତୃପକ୍ଷଙ୍କୁ ଏ ସଂପର୍କରେ ଜଣାଇଥିଲେ। ପରେ ଯାଂଚ ସମୟରେ ଗିନିସ କର୍ତୃପକ୍ଷ ଶଶାଙ୍କଙ୍କ ପ୍ରଦାନ କରିଥିବା ତଥ୍ୟ ଉପରେ ସନ୍ତୁଷ୍ଟ ହୋଇଥିଲେ ଓ ତାଙ୍କର ରେକର୍ଡ଼କୁ ମାନ୍ୟତା ପ୍ରଦାନ କରିଥିଲେ । ୨୦୨୨ରେ ଘୋଷଣା ହୋଇଥିବା ଏହି ରେକର୍ଡ଼ ଅଧୁନା ଗିନିସ ୱେବସାଇଟରେ ଉପଲବ୍ଧ। ତେବେ ୨୦୨୩ ମସିହା ପୁସ୍ତକରେ ଏହା ପ୍ରକାଶ ପାଇବ। ସୂଚନାଯୋଗ୍ୟ ଶଶାଙ୍କ ଖବରକାଗଜ ସଂଗ୍ରହ କରିବା ସହ ନିଜ ଗ୍ରାମ ଯାଜପୁର ଜିଲ୍ଲା ବରୀ ବ୍ଲକ ଅରଙ୍ଗାବାଦ ଗ୍ରାମରେ ନିଜ ବାପାଙ୍କ ନାମରେ ଦୋଳଗୋବିନ୍ଦ ନ୍ୟୁଜପେପର ମ୍ୟୁଜିୟମ ଆଣ୍ଡ ରିସର୍ଚ୍ଚ ସେଂଟର ପ୍ରତିଷ୍ଠା କରିଛନ୍ତି। ସେଠାରେ ତାଙ୍କର ସଂଗୃହିତ ଖବରକାଗଜ ସେ ସାଇତି ରଖିଛନ୍ତି। ପ୍ରତ୍ୟେକ ଖବରକାଗଜକୁ ଜରି ଦ୍ୱାରା ପ୍ୟାକେଟ କରାଯାଇଛି। ନିଜର ସ୍ୱଳ୍ପ ଆୟରେ ସେ ଯାହା ସମ୍ଭବ କରି ପାରିଛନ୍ତି। ଯଦି ସରକାର ଏକ ମ୍ୟୁଜିୟମ ପ୍ରତିଷ୍ଠା କରନ୍ତି ତେବେ ଏଗୁଡ଼ିକ ସୁରକ୍ଷିତ ରହିପାରିବ ଓ ସାଧାରଣ ଲୋକଙ୍କ କାର୍ଯ୍ୟରେ ଲାଗି ପାରିବ। ଏହାଛଡ଼ା ତାଙ୍କର ଶ୍ରମ ସାର୍ଥକ ହେବ ବୋଲି ସେ କହିଛନ୍ତି। ଏଥିପାଇଁ ନିକଟରେ ସେ ମୁଖ୍ୟମନ୍ତ୍ରୀଙ୍କୁ ଏକ ଇମେଲରେ ଚିଠି ପଠାଇଛନ୍ତି। ସୂଚନାଯୋଗ୍ୟ ଶ୍ରୀ ଦାଶ ଗତ ୨୦୦୦ ମସିହାରୁ ଖବରକାଗଜ ସଂଗ୍ରହ କରୁଛନ୍ତି। ସେ ପ୍ରଥମେ ପ୍ରଥମେ ଓଡ଼ିଆ ଖବରକାଗଜ ସଂଗ୍ରହ ଆରମ୍ଭ କରିଥିଲେ। ପରେ ଓଡ଼ିଶାରୁ ପ୍ରକାଶ ପାଉଥିବା ଅନ୍ୟ ଭାଷାର ଖବରକାଗଜ ଓ ଏହାପରେ ଭାରତର ବିଭିନ୍ନ ରାଜ୍ୟର ଖବରକାଗଜ ସଂଗ୍ରହ ଆରମ୍ଭ କରିଥିଲେ। ଇତିମଧ୍ୟରେ ତାଙ୍କ ନିକଟରେ ମୋଟ ଖବରକାଗଜ ସଂଖ୍ୟା ୧୦୦୦୦ରୁ ଅଧିକ ହୋଇଥିବା ବେଳେ ଏହା ୫୧୦୦ ପ୍ରକାରର ଅଟେ । ଏଗୁଡ଼ିକ ୧୫୩ଟି ଦେଶର ହୋଇଥିବାବେଳେ ୯୪ଟି ଭାଷାର ଅଟେ। ସୂଚନାଯୋଗ୍ୟ ଶଶାଙ୍କ ପୂର୍ବରୁ ତିନିଥର ଲିମକା ବୁକ ଅଫ ରେକର୍ଡ଼ସ, ଥରେ ଇଣ୍ଡିଆ ବୁକ ଅଫ ରେକର୍ଡ଼ସ, ଥରେ କ୍ରେଡ଼େନ୍ସ ବୁକ ଅଫ ୱାର୍ଲ୍ଡ ରେକର୍ଡ଼ସ ଓ ଥରେ ଓଏମଜି ରେକର୍ଡ଼ ବୁକରେ ସାମିଲ ହୋଇଛନ୍ତି । ଶଶାଙ୍କ ତାଙ୍କ ସଂଗ୍ରହକୁ ବିଭିନ୍ନ ସମୟରେ ସାଧାରଣ ଲୋକଙ୍କ ପାଇଁ ପ୍ରଦର୍ଶିତ କରିଛନ୍ତି। ବାରିପଦା ପୌରପରିଷଦରେ ଦୁଇଥର, ଢେଙ୍କାନାଳ ଜନସଂଚାର ସଂସ୍ଥାନରେ ଥରେ, ବିର୍ଲା ଗ୍ଲୋବାଲ ବିଶ୍ୱବିଦ୍ୟାଳୟରେ ଥରେ, ଭୁବନେଶ୍ୱର ପୁସ୍ତକ ମେଳାରେ ୧୨ ଦିନ ପାଇଁ ଥରେ, ହରିୟାନାର ଫରିଦାବାଦସ୍ଥିତ ଜେ ସି ବୋଷ ବିଶ୍ୱବିଦ୍ୟାଳୟରେ ଥରେ, ନୂଆଦିଲ୍ଲୀର ରାଜୀବ ଗାନ୍ଧି ଫାଉଣ୍ଡେସନଠାରେ ଥରେ, ଓଡ଼ିଶା ରାଜ୍ୟ ସଂଗ୍ରହାଳୟରେ ଦୁଇ ଦିନ ପାଇଁ ଥରେ ଓ ଓଡ଼ିଶା ରାଜ୍ୟ ଅଭିଲେଖାଗାରରେ ୧୫ ଦିନ ପାଇଁ ଥରେ ପ୍ରଦର୍ଶନ କରିଛନ୍ତି। ଏହି ସମୟରେ ପାଖାପାଖି ୫ ଲକ୍ଷ ଲୋକ ଏହାକୁ ଦେଖିବାର ସୁଯୋଗ ପାଇଛନ୍ତି। ଶଶାଙ୍କଙ୍କ ନିକଟରେ ଓଡ଼ିଶାର ପ୍ରଥମ ଖବରକାଗଜ ଉତ୍କଳ ଦୀପିକାର ୧୯୩୦ ମସିହା ଜେରକ୍ସ କପି, ସମାଜର ୧୯୬୫ ମସିହା କପି, ପ୍ରଜାତନ୍ତ୍ରର ୧୯୫୬ ମସିହା କପି, ପାଟଣା ଦୀପିକାର ୧୯୪୫ ମସିହା କପି, ଦୈନିକ ମାତୃଭାଷାର ୧୯୭୧ ମସିହା କପି, ସାପ୍ତାହିକ ମାତୃଭାଷାର ୧୯୫୩ ମସିହା କପି, ବିଜୁ ପଟ୍ଟନାୟକଙ୍କ କଳିଙ୍ଗର ୧୯୭୧ ମସିହା କପି ଆଦି ସଂଗୃହିତ ହୋଇପାରିଛି। ଶଶାଙ୍କଙ୍କ ସଂଗ୍ରହରେ ରହିଥିବା ସମସ୍ତ ଖବରକାଗଜ ମଧରେ ୧୮୪୦ ମସିହାର କାଥିଆୱାଡ଼ା (ଗୁଜୁରାଟୀ) ସବୁଠୁ ପୁରାତନ ଖବରକାଗଜ ଅଟେ । ତାଙ୍କ ନିକଟରେ କଳିଙ୍ଗ, ଓଡ଼ିଶା ଓ ଉତ୍କଳ ନାମ ଥାଇ ୧୦୦ରୁ ଅଧିକ ଖବରକାଗଜ ରହିଥିବା ବେଳେ ଓଡ଼ିଶାରୁ ପ୍ରକାଶିତ ୨୧୨ ପ୍ରକାର ଦୈନିକ ଖବରକାଗଜ ରହିଛି । ସେହିପରି ମୋଟ ୧୬୦୦ରୁ ଅଧିକ ଓଡ଼ିଶାର ଖବରକାଗଜ ସେ ସଂଗ୍ରହ କରିପାରିଛନ୍ତି। ଖବରକାଗଜକୁ ନେଇ ତାଙ୍କର କ୍ଷୁଦ୍ର ପୁସ୍ତକ ଖବରକାଗଜ ଅନେକ କଥା ପାଠକମାନଙ୍କ ଦ୍ୱାରା ଆଦୃତ ହୋଇଥିବାବେଳେ ଅଧୁନା ସେ ଅନ୍ୟ ଏକ ପୁସ୍ତକ ପ୍ରକାଶ ନିମନ୍ତେ କାର୍ଯ୍ୟ କରୁଛନ୍ତି। ଖବରକାଗଜ ଅନେକ କଥା ପୁସ୍ତକ ସହ ତାଙ୍କର ମୋଟ ୭ଟି କ୍ଷୁଦ୍ର ପୁସ୍ତକ ବିଭିନ୍ନ ସମୟରେ ପ୍ରକାଶ ପାଇଛି । ତାଙ୍କର ବଡ଼ ଲୋକଙ୍କ ପିଲାଦିନ ପୁସ୍ତକଟି ରାଜା ରାମମୋହନ ରାୟ ଲାଇବ୍ରେରୀ କ୍ରୟ କରିଛି। ସେ ଶିଶୁ ପ୍ରତିଯୋଗୀ ନାମକ ଓଡ଼ିଶାର ପ୍ରଥମ ଶିଶୁ ଖବରକାଗଜ ମଧ ପ୍ରକାଶ କରୁଥିଲେ। ଯାହା ଅଧୁନା ବନ୍ଦ ରହିଛି। ଯଦି କାହା ପାଖରେ କିଛି ପୁରୁଣା ଓ ନୂଆ ଖବରକାଗଜ ଅଛି, ତାହା ସେ ଦାନ କରିବାକୁ ଚାହୁଁଛନ୍ତି, ତେବେ ତାଙ୍କ ସହ ଯୋଗାଯୋଗ କରିପାରିବେ। ତାଙ୍କ ନମ୍ବର ହେଉଛି-୯୮୬୧୧୭୨୬୦୫

# ଆସନ୍ତା ଜୁନ୍ ୮ରୁ ୧୨ ପର୍ଯ୍ୟନ୍ତ ବାଲେଶ୍ୱର ପଲ୍ଲିଶ୍ରୀ ମେଳା

ବାଲେଶ୍ୱର (ପିଏନ୍)-ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ 'ବାଲେଶ୍ୱର ପଲ୍ଲିଶ୍ରୀ ମେଳା' ୨୦୨୨ ଆସନ୍ତା ଜୁନ୍ ୮ତାରିଖରୁ ୧୨ତାରିଖ ପର୍ଯ୍ୟନ୍ତ ଚାଲିବ । ଏଥି ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି । ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କୁ ନେଇ ବିଭିନ୍ନ କମିଟି ଗଠନ କରାଯିବା ସହିତ ବିଭାଗୀୟ ଅଧିକାରୀମାନଙ୍କ ମଧ୍ୟରେ ଦାୟିତ୍ୱ ବଂଟନ କରାଯାଇଛି । ମେଳାରେ ଡିଆରଡିଏ, ଓରମାସ, ସ୍ୱୟଂ ସହାୟକ ଗୋଷ୍ଠୀ ସମେତ ବିଭିନ୍ନ ଲାଇନ ଡିପାର୍ଟମେଂଟ ଏବଂ ଘରୋଇ ସଂସ୍ଥାର ପ୍ରାୟ ୩ଶହ ଷ୍ଟଲ ସ୍ଥାନୀତ କରାଯିବା ନିମନ୍ତେ ଯୋଜନା ହୋଇଥିବା ବେଳେ ଷ୍ଟଲ୍ ବୁକିଂ ପ୍ରକ୍ରିୟା ଆରମ୍ଭ ହୋଇଛି । ବିଭାଗୀୟ ଅଧିକାରୀମାନଙ୍କ ପକ୍ଷରୁ ସ୍ୱୟଂ ସହାୟକ ଗୋଷ୍ଠୀ, ବ୍ୟବସାୟିକ ସଂସ୍ଥାମାନଙ୍କୁ ଯୋଗାଯୋଗ କରାଯାଉଛି । ମେଳାରେ ଷ୍ଟଲ ବୁକିଂ ପାଇଁ ଆଗ୍ରହୀ ସଂସ୍ଥାମାନେ ବାଲେଶ୍ୱର ଡିଆରଡିଏ, ଓରମାସ ଏବଂ ଡିଆଇସି କାର୍ଯ୍ୟାଳୟ ସହ ଯୋଗାଯୋଗ କରିବାକୁ କୁହାଯାଇଛି । ମେଳା ୫ଦିନ ଯାକ ସନ୍ଧ୍ୟାରେ ଆକର୍ଷଣୀୟ ସାଂସ୍କୃତିକ ଓ ମନୋରଞ୍ଜନ କାର୍ଯ୍ୟକ୍ରମ ଆୟୋଜନ ନିମନ୍ତେ ମଧ୍ୟ ପଦକ୍ଷେପ ନିଆଯାଇଛି । ଏଥି ନିମନ୍ତେ ଜିଲ୍ଲା, ରାଜ୍ୟ ତଥା ରାଜ୍ୟ ବାହାରର ପ୍ରତିଷ୍ଠିତ କଳାକାର ଓ ସାଂସ୍କୃତିକ ଦଳମାନଙ୍କୁ ଯୋଗାଯୋଗ କରାଯାଉଛି । ଜିଲ୍ଲାପାଳ ଶ୍ରୀ କେ.ସୁଦର୍ଶନ ଚକ୍ରବର୍ତୀଙ୍କ ପ୍ରତ୍ୟକ୍ଷ ତତ୍ୱବଧାନରେ ମେଳାର ସଫଳ ଆୟୋଜନ ନିମନ୍ତେ ବିଭିନ୍ନ ପଦକ୍ଷେପ ନିଆଯାଉଛି । ବିଶେଷ କରି ଆଇନଶୃଙ୍ଖଳା ଓ ଟ୍ରାଫିକ୍ ବ୍ୟବସ୍ଥାର ସୁପରିଚାଳନା, ହୋର୍ଡିଂ ଓ ଷ୍ଟଲ୍ ସ୍ଥାପନ, ପାନୀୟ ଜଳ, ଅଗ୍ନିଶମ ବ୍ୟବସ୍ଥା, ମେଳାର ପ୍ରଚାର ଓ ପ୍ରସାର, ଉଦଘାଟନୀ ଓ ଉଦଯାପନୀ ଉତ୍ସବ ଇତ୍ୟାଦିକୁ ଗୁରୁତ୍ୱ ଦେଇ ନିର୍ଦ୍ଧାରିତ ସମୟ ପୂର୍ବରୁ ସମସ୍ତ କାମ ସାରିବାକୁ ନିର୍ଦ୍ଦେଶ ଦିଆଯାଇଛି । ରାଜ୍ୟ ପଂଚାୟତିରାଜ ଓ ପାନୀୟ ଜଳ ବିଭାଗ, ଓରମାସ ଓ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଆୟୋଜିତ ହେଉଥିବା ଏହି ମେଳାକୁ କିଭଳି ଅଧିକ ଆକର୍ଷଣୀୟ କରାଯାଇପାରିବ ସେ ଦିଗରେ ଉଦ୍ୟମ କରିବାକୁ ଜିଲ୍ଲାପାଳ ଶ୍ରୀ ଚକ୍ରବର୍ତୀ ପରାମର୍ଶ ଦେଇଛନ୍ତି । ଆଗୁଆ ଷ୍ଟଲ ବୁକିଂ ପାଇଁ ବ୍ୟବସାୟିକ ସଂସ୍ଥାମାନେ ତୁରନ୍ତ ଜିଏମ-ଡିଆଇସି (ମୋ-୯୪୩୭୫୪୪୪୨୫) କିମ୍ବା ଓରମାସ ଉପମୁଖ୍ୟ ପରିଚାଳକ (ମୋ-୯୪୩୭୩୦୧୯୭୧)ଙ୍କ ସହ ଯୋଗାଯୋଗ କରିବାକୁ କୁହାଯାଇଛି ।

## ଧର୍ମଶାଳାର ବିଭିନ୍ନ ସ୍ଥାନରେ ଶନିଶ୍ଚର ପୂଜା

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକର ବିଭିନ୍ନ ସ୍ଥାନରେ ଗ୍ରହରାଜ ଶନିଶ୍ଚରଙ୍କ ପୂଜା ମହାଆଡମ୍ବର ସହକାରେ ପାଳିତ ହୋଇଯାଇଛି । ଶନିମନ୍ଦିର ଗୁଡିକରେ ଯଥାରିତି ଅନୁଯାୟୀ ପୂଜା କରାଯିବା ସହ ହୋମ ଯଜ୍ଞ କରାଯାଇଥିଲା । ଏହି ଅବସରରେ ବହୁ ମହିଳା ଓ ପୁରୁଷ ଶ୍ରଦ୍ଧାଳୁ ଶନିଦେବଙ୍କ ଠାରେ ଜଳାଭିଷେକ କରିଥିଲେ । ଆଜିର ଦିନରେ ଶନିଦେବଙ୍କୁ ଜଳାଭିଷେକ କରି ପୂଜାର୍ଚ୍ଚନା କଲେ ମନସ୍କାମନା ପୂରଣ ହୋଇଥାଏ ବୋଲି ବିଶ୍ୱାସ ରହିଛି । ତେବେ ଗତ ୨ ବର୍ଷ ହେଲା କରୋନା କଟକଣା ଯୋଗୁ ଶନି ଓଷା ବନ୍ଦ ରହିଥିବା ବେଳେ ଚଳିତ ଥର କରୋନା କଟକଣ କୋହଳ ହୋଇଥିବାରୁ ବିଭିନ୍ନ ଶନି ପୀଠରେ ମହା ଆଡମ୍ବର ସହକାରେ ଏହି ଓଷାକୁ ପାଳନ କରାଯାଇଛି । ଧର୍ମଶାଳା ବ୍ଲକର ବାସୁଦେବପୁରସ୍ଥିତ ଶନି ଠକୁରଙ୍କ ଠରେ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ଉପସ୍ଥିତ ରହି ଜଳାଭିଷେକ କରିଥିଲେ । ସେହିପରି ଗଙ୍ଗାଧରପୁର ପଂଚାୟତ ନୁଆଗାଁ, କଣିପାଟିଆ, ଇମଇମନଗର ବଡମଙ୍ଗଳପୁର, ଚୋରମୁହାଁ, ନିଳାଦେଇପୁର ଆଦି ଗ୍ରାମରେ ଶନି ଓଷା ପାଳିତ ହୋଇଯାଇଛି । ଭକ୍ତମାନଙ୍କ ଭିଡକୁ ଦେଖି ବିଭିନ୍ନ ମନ୍ଦିରରେ ପୋଲିସ ମୁତୟନ କରାଯାଇଥିଲା ।

## ମାଟ୍ରିକ ବ୍ୟାଚର ବନ୍ଧୁ ମିଳନ

ଖୋର୍ଦ୍ଧା (ପିଏନ)- ଖୋର୍ଦ୍ଧା ଜିଲା ସଦର ମହକୁମା ନିକଟସ୍ଥ ବଡତୋଟା ନିକଟସ୍ଥ ବେଲପଡା ଉଚ୍ଚ ବିଦ୍ୟାଳୟର ୧୯୯୩ ମସିହା ମାଟ୍ରିକ ବ୍ୟାଚର ବନ୍ଧୁମିଳନ ଉତ୍ସବ ମା ବରୁଣେଇଙ୍କ ପୀଠରେ ଅନୁଷ୍ଠିତ ହୋଇଥିଲା । ଏ ନେଇ ପ୍ରଥମେ ଦିବଂଗତ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ମିନିଟ ନୀରବ ପ୍ରାର୍ଥନା କରିବା ସହ ବିଗତ ଦିନର ସ୍ମୃତିକୁ ସାଉଁଟି ଭାବର ଆଦାନ ପ୍ରଦାନ କରିଥିଲେ। ଏଥିରେ ଭାସ୍କର ସାହୁ, ବଲ୍ଲଭ ସେନାପତି, ପନ୍ନଗ ଭୂଷଣ ସେନାପତି, ସଂଜୟ ବାରିକ ଓ ଜନାର୍ଦ୍ଦନ ପାତ୍ରଙ୍କ ସମେତ ମାଟ୍ରିକ ବ୍ୟାଚର ଛାତ୍ରମାନେ ଅଂଶଗ୍ରହଣ କରିଥିଲେ।

## ଖୋରଧା ଜିଲ୍ଲା ପ୍ରଶାସନର ଜବରଦଖଲ ଉଚ୍ଛେଦ



ଖୋର୍ଦ୍ଧା (ପିଏନ୍)-ଖୋରଧା ତହସିଲ ଅଧିନସ୍ଥ ଗୟାବନ୍ଧ ଛକ ନିକଟରେ ସ୍ୱର୍ଗତ ଫଜୁଲ ଅଲ୍ଲୀ ଖାଁଙ୍କ ଏକ ସ୍ଥିତିବାନ ପ୍ଲଟ୍ ଯାହାର ଖାତା ନଂ.୫୬୯, ପ୍ଲଟ ନଂ.୨୩୬, ମୌଜା ଲହଙ୍ଗା ଏରିଆ ଏ୦.୦୬୫ଡ଼ି. ଜାଗା ଉପରେ ଆଜିକୁ ଦୀର୍ଘ ୫୫ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଦୋକାନ ଘର ନିର୍ମାଣ କରି ତାଙ୍କ ପରିବାର ବ୍ୟବସାୟ କରି ଆସୁଥିଲେ। କିଛି ସରକାରୀ ଜାଗା ତାଙ୍କ ଦଖଲରେ ଥିବା ଦର୍ଶାଇ ଖୋରଧା ଜିଲ୍ଲା ପ୍ରଶାସନ ପକ୍ଷରୁ ଉଚ୍ଛେଦ ନିମନ୍ତେ ସ୍ୱର୍ଗତ ଫଜୁଲ ଅଲ୍ଲୀ ଖାଁଙ୍କ ଧର୍ମପତ୍ନୀ କାମରୁନ ନିଶାଙ୍କୁ ନୋଟିସ ଜାରି କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଖୋରଧା ତହସିଲଦାର ଜଙ୍କିଆ ଥାନା ଅଧିକାରୀ ଓ ପୋଲିସ କର୍ମଚାରୀଙ୍କ ଉପସ୍ଥିତିରେ ଶାନ୍ତି ଶୃଙ୍ଖଳା ସହିତ ଜବରଦଖଲ ଉଚ୍ଛେଦ କରାଯାଇଛି।

# ମିଳିତ ଓଡିଶା ନିଶା ନିବାରଣ ଅଭିଯାନର ଜିଲ୍ଲା ସମ୍ମିଳନୀ

ଖୋର୍ଦ୍ଧା (ପିଏନ)- ଖୋର୍ଦ୍ଧା ଜିଲ୍ଲା ସଦର ମହକୁମାର ମୁକୁନ୍ଦପ୍ରସାଦ କାର୍ଯ୍ୟାଳୟ ଠାରେ ନିଶା ମୁକ୍ତ ସମାଜ ଓ ରାଜ୍ୟ ନିର୍ମାଣ ପାଇଁ ମିଳିତ ଓଡିଶା ନିଶା ନିବାରଣ ଅଭିଯାନର ଜିଲ୍ଲାସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏ ନେଇ କାର୍ଯ୍ୟକ୍ରମଟି ବିଶ୍ୱାମିତ୍ର ଜନସେବା ଟ୍ରଷ୍ଟର ଅଧ୍ୟକ୍ଷ ରାମଶଙ୍କର ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ବର୍ଷିୟାନ ସ୍ୱାଧିନତା ସଂଗ୍ରାମୀ, ପୂର୍ବତନ ବିଧାୟକ ତଥା ମୋନାର ସଭାପତି ପଦ୍ମଚରଣ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ । ରାଜ୍ୟ ସଙ୍ଗଠନର ସମ୍ପାଦକ ଶୁଭେନ୍ଦୁ ରାଉତରାୟ ଗତ ୫ ଓ ୬ ତାରିଖରେ ପୁରୀସ୍ଥିତ ସମ୍ମିଳନୀରେ ଗୃହିତ ହୋଇଥିବା ସାଙ୍ଗଠନିକ ପ୍ରସ୍ତାବଗୁଡିକ ଉପରେ ଅବଗତ କରାଇଥିଲେ। ରାଜ୍ୟ ସରକାର ଔଷଧ ବ୍ୟତିରେକ ନିଶା ବ୍ୟବସାୟକୁ ନିଷିଦ୍ଧ କରିବା ଲାଗି ସମ୍ବିଧାନର ଡାଇରେକ୍ଟିଭ ପ୍ରିନ୍ସପଲ ଅଫ ଷ୍ଟେଟ ପଲିସରେ ଦିଶା ନିର୍ଦ୍ଦେଶ ଥିବା ସତ୍ତ୍ୱେ ମଦ ବିକ୍ରୀ କରିବା ପାଇଁ ରାଜନୈତିକ ଦଳମାନେ ଲାଇସେନ୍ସ ଦ୍ରଦାନ କରିବାକୁ ସମ୍ମିଳନୀରେ ଉଦବେଗ ପ୍ରକାଶ ପାଇଥିଲା । ଏହାଦ୍ୱାରା ଦେଶରେ ନାରୀ ନିର୍ଯାତନା,ଘରୋଇ ହିଂସା ଓ ରାସ୍ତା ଦୁର୍ଘଟଣା ଆଦି ମଦ ଓ ଅନ୍ୟାନ୍ୟ ନିଶା ଦ୍ରବ୍ୟ ପ୍ରମୁଖ ଭୁମିକା ରହିଥିବାର ରାଜ୍ୟ ସରକାର ତୁର' ବନ୍ଦ କରିବାକୁ ପଦକ୍ଷେପ ନେବା ନିହାତି ଆବଶ୍ୟକ ଅଟେ । ତତ୍‌ସହିତ କେନ୍ଦ୍ର ସରକାରଙ୍କ ପକ୍ଷରୁ ସମସ୍ତ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କୁ ଡକାଇ ପ୍ରଧାନମନ୍ତ୍ରୀ ବିଷଦ ଭାବରେ ଆଲୋଚନା କରିବା ଉଚିତ ବୋଲି ଶ୍ରୀ ନାୟକ ସୌଜନ୍ୟମୂଳକ ଭାବରେ ପ୍ରଧାନମନ୍ତ୍ରୀଙ୍କୁ ଭେଟି ଜଣାଇଛନ୍ତି। ରାଜ୍ୟର ପ୍ରତି ବ୍ଲକରେ ସଚେତନତା କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇ ଯୁବ ସମାଜକୁ ନିଶାଠାରୁ ଦୂରେଇ ରହିବା ପାଇଁ ଜନସାଧାରଣଙ୍କୁ ଅବଗତ କରାଯିବ। ଖୋର୍ଦ୍ଧା ଜିଲାର ୧୦ ଗୋଟି ବ୍ଲକ, ଦୁଇଟି ପୌରପରିଷଦ ଓ ବିଜ୍ଞାପିତ ଅଂଚଳରେ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରାଯିବା ସହ ବିଭିନ୍ନ ବ୍ଲକର ନିଶା ନିବାରଣ କର୍ମୀଙ୍କୁ ନେଇ ଏକ ଜିଲ୍ଲା କାର୍ଯ୍ୟକାରୀ ପରିଷଦ ଗଠନ କରାଯାଇଛି। ଜିଲ୍ଲା ସଭାପତି ଅର୍ଜୁନ ଚରଣ ସାମନ୍ତରାୟ,ସମ୍ପାଦକ ରାମଶଙ୍କର,ଉପସଭାପତି ବସନ୍ତ କୁମାର ଦାଶ, ପ୍ରଭାତ ରାଉତରାୟ, କୋଷାଧ୍ୟକ୍ଷ ସତ୍ୟନାରାୟଣ ସାମନ୍ତସିଂହାର, ସଦସ୍ୟ ବିଭୂ ପ୍ରସାଦ ଗୋଛି, କୁଳମଣି ଜେନା,ଶାନ୍ତିଲତା ରାଉତରାୟ, ଅରୁଣ ସ୍ୱାଇଁ ଓ ପ୍ରଭାସ ମଙ୍ଗରାଜ ପ୍ରମୁଖ ନିର୍ବାଚିତ ହୋଇଥିଲେ । ଆଗାମୀ ଦିନରେ ପଂଚାୟତସ୍ତରୀୟ କାର୍ଯ୍ୟକ୍ରମ ସହ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ନିଶା ନିବାରଣ ଉପରେ ଗୁରୁତ୍ୱ ଦିଆଯିବ ବୋଲି କର୍ମୀମାନେ ଉପସ୍ଥାପନ କରିଥିଲେ।




# ବୋଉ : ତିନୋଟି ଅଣୁଗଳ୍ପ



**ସୁଦର୍ଶନ ମହାପାତ୍ର**

ମନେପଡେ ପିଲାଦିନ କଥା । ଥରେ ମୁଁ ଖେଳିସାରି ସଞ୍ଜକୁ ଘରକୁ ଫେରି ଦେଖିଲି ବୋଉ ତୁଳସୀ ଚଉଁରା ମୂଳରେ ଦୀପ ଜାଳି ସାରିଲାଣି। ଡେରି ହେଲାଣି, ବୋଉ ଠାରୁ ଗାଳି ଖାଇବା ନିଶ୍ଚିତ। ଦୁଇ ପାଦ ଆଗେଇ ଯାଇ ଦେଖିଲି ଚେୟାରଟିଏ ପକେଇ ବାପା ବସିଛନ୍ତି ପୁଣି ଦାଣ୍ଡ ଘରେ। ଚମକି ପଡିଲି। ଏ ଶନିବାର ତ ବାପା ଆସିବେ ନାହିଁ ବୋଲି ବୋଉ କହୁଥିଲା। ଭୟରେ ଶାଙ୍କୁଡି ଉଠିଲି । କିଛି ଉପାୟ ନାହିଁ। ଧୀର ପାଦ ପକାଇ ଘର ଭିତରକୁ ଗଲା ବେଳକୁ ଶୁଭିଲା ବାପାଙ୍କ ସ୍ୱର।

–' କୁଆଡେ ଯାଇଥିଲୁ ଏତେ ବେଳ ଯାଏ। କେତେବେଳେ ଆଉ ପାଠ ପଢା ଆରମ୍ଭ ହେବ ?' ମୁଁ ଥତମତ ହେଲି ଉତ୍ତର ଦେବାକୁ। ଏତିକି ବେଳକୁ ଶୁଭିଲା ମୋ ପଛରେ ବୋଉର ସ୍ୱର। –' ଆରେ ସେ ବସ୍ତା ଟା ଶୁକ କକେଇଙ୍କ ଘରେ ଦେଇ ଆସିଲୁ।ହଉ ଯା ଗୋଡହାତ ଧୋଇ ପାଠ ପଢ।'

–'ତୁମେ ଏଇ ସଞ୍ଜବେଳେ ଛୁଆଟାକୁ ପଠାଇଥିଲ ଏତେ ବାଟ। ଆଗରୁ ପଠେଇ ପାରିଲନି ?' ବାପାଙ୍କ ଉଚ୍ଚସ୍ୱର ମୁଁ ଶୁଣି ପାରୁଥିଲି ଘର ଭିତରୁ।

–'ଶୁକ କାଲେ ସକାଳୁ ସକାଳୁ ଖଳାକୁ ଯିବେ ସେଇଥିପାଇଁ ଧାନ ବସ୍ତାଟା ପଠେଇଥିଲି।' ବୋଉର ଉତ୍ତରରେ ବାପା ଏଥର ତୁନି ପଡିଲେ।

ସେତିକି ବେଳକୁ ମୋର ମନେ ପଡିଲା ଆଜି ସକାଳୁ ତ ବୋଉ ମୋ ହାତରେ ପଠେଇଥିଲା ବସ୍ତାଟା। ବୋଉ କାହିଁକି ବାପାଙ୍କୁ ମିଛ କହିଲା ? ମୁଁ ଅବଶ୍ୟ ବୁଝି ପାରିଥିଲି ଟିକିଏ ଭାବିଲା ପରେ । ବାପା ଏବେ ଆଉ ପାରିରେ। ଆମ ଜମିରେ ଭାଗଚାଷ କରୁଥିବା ଶୁକ କକେଇ ବି ଆଉ ନାହାନ୍ତି। ହେଲେ ଏତିକି ସୌଭାଗ୍ୟ ଯେ ବୋଉ ଏବେବି ପାଖରେ ଅଛି ସବୁ ବିପରୀତ ପରିସ୍ଥିତିରୁ ମୋତେ ମୁକୁଳେଇବାକୁ।

(୨)

ପ୍ରତି ଦୂର୍ଗାପୂଜା କୁ ଗାଆଁକୁ ଯିବାଟା ଥୟ। ସେ କୋଳାହଳମୟ ପରିବେଶକୁ ବାପା ବୋଉ ଯେମିତି ଚାତକ ଭଳି ଅପେକ୍ଷା କରିଥାନ୍ତି। ପୁଅ , ବୋହୂ , ଝିଅ ଜୋଇଁ ଏବଂ ନାତି ନାତୁଣୀ ମାନଙ୍କ ଗହଳିରେ ଘର ଉତ୍ସବ ମୁଖର ହୋଇଉଠେ। କେତେ ପ୍ରକାର ଆୟୋଜନରେ ଲାଗି ପଡିଥାନ୍ତି ବାପା ବୋଉ।ସେଥର ମୋତେ ଏକା ପହଞ୍ଚିବାର ଦେଖି ବାପା ଟିକେ ଗମ୍ଭୀର ହୋଇଗଲେ।' ବୋହୂ ଆଉ ପିଲାମାନଙ୍କୁ କାହିଁକି ଆଣିଲୁନି ଏଥର ? ବର୍ଷକୁ ଥରୁଟିଏ ବି ଘରକୁ ଆସିବାକୁ ତୁମମାନଙ୍କୁ ନିମନ୍ତ୍ରଣ କରିବାକୁ ପଡିବ ?' କ୍ଷଣକୋପୀ ବାପାଙ୍କ ଠାରୁ ଏମିତି କଥା ହିଁ ଆଶା କରୁଥିଲି ମୁଁ। ବାପାଙ୍କ ରାଗ ସାମ୍ନାରେ ଆମେ ସମସ୍ତେ ସବୁବେଳେ ବାକଶୂନ୍ୟ। ମୁଁ ତଥମତ ହେଲି କିଛି କହିବା ପାଇଁ। ' ବୋହୂ ଦେହ ଏବେ ଟିକେ ଭଲ ? ଭଲ କରିଛୁ , ଭିଡ ବସ ଭିତରେ ତାକୁ ନ ଆଣିଛୁ।' ବୋଉର ସ୍ୱରରେ ମୁଁ ଯେମିତି ମରୁଝରର ସନ୍ଧାନ ପାଇଗଲି।' ବୋହୂ ଦେହ ଖରାପ ଅଛି ? କାହିଁ ମୋତେ ତ କେହି କହିନାହଁ !' ବାପାଙ୍କର ପୁଣି ପ୍ରଶ୍ନ। ଉତ୍ତର ଶୁଭିଲା ପୁଣି ଥରେ ବୋଉ ପାଖରୁ।–' ତୁମକୁ କ'ଣ ସବୁ ବିଷୟରେ କହି ହେବ ?' ସବୁ ବୁଝିଗଲା ଭଳି ବାପା ଏଥର ତୁନି ପଡିଲେ।

ବୋଉ ପଛପଟେ ମୁଁ ଚଟାପଟ୍ ଖସିଗଲି ଘର ଭିତରକୁ। ଭାଉଜ ଆଉ ନାନୀ ମୋ ମୁହଁକୁ ଚାହିଁ ହସୁଥିଲେ। –' ପ୍ରାଚୀର ଭାଇ ଭାଉଜ ଆସି ବୁଲି ଯାଆନ୍ତୁ।ପରେ କେବେ ସୁବିଧା ଦେଖି ପିଲାମାନଙ୍କୁ ନେଇ ଆସିବୁ। ବାପା ଖୁସି ହୋଇଯିବେ।' ଟିକେ ନିରୋଳା ପାଇ ବୋଉ ମୋତେ ବୁଝେଇବାକୁ ଚେଷ୍ଟା କରୁଥିଲା। ମୁଁ ବୋଉ ମୁହଁକୁ ଆଶ୍ଚର୍ଯ୍ୟ ହୋଇ ଚାହିଁଥିଲି କେବଳ।

–' ଘରେ ପହଞ୍ଚିଲଣି ? ବୋଉଙ୍କୁ ମୁଁ ସବୁକଥା କହି ଦେଇଛି। ବ୍ୟସ୍ତ ହେବନି। ତୁମେ କ'ଣ ଜାଣିନ ସବୁ ପ୍ରକାର ପରିସ୍ଥିତି କୁ ବୋଉ ସମ୍ଭାଳି ପାରିବେ ବୋଲି !' ପ୍ରାଚୀ ଠାରୁ ଫୋନ୍ ପାଇ ମୁଁ ସବୁକିଛି ବୁଝି ଯାଇଥିଲି ।

(୩)

ଯେତେ କହିଲେ ବି ବୋଉ ଶୁଣିଲା ନାହିଁ। ତା'ର ଏକା ଜିଦି ସେ ପାହାଚ ଚଢି ଠାକୁରଙ୍କ ପାଖକୁ ଯିବ। ନହେଲେ ନାତି ପାଇଁ କରିଥିବା ତା'ର ମାନସିକ କାଳେ ପୁରା ହେବନି। ଶହେରୁ ଅଧିକ ପାହାଚ କେମିତି ଚଢିବ ବୋଉ ଏ ବୟସରେ ! ସହଜେ ତା'ର ଆଣ୍ଠୁ ଧରୁଛି ! ହେଲେ ତା'ର ଇଛା ଆଗରେ ଆମେ ହାର ମାନିଲୁ। ଆମେ କେତେ ପାହାଚ ଆଗେଇ ଗଲା ବେଳକୁ ବୋଉ ଥାଏ ପଛରେ। ଏଣେ ପହଡ଼ ପଡିଯିବାର ସମୟ ହୋଇ ଯାଉଛି। ଏତିକି ବେଳକୁ ପୁଅ କହିଲା , ସେ ଜେଜେମା'ଙ୍କ ହାତ ଧରି ସାଙ୍ଗରେ ଯିବ । ବୋଉ ଖୁସି ହୋଇଗଲା। ଜେଜେମା ଆଉ ନାତିକୁ ପଛରେ ଛାଡି ଆମେ ଆଗେଇ ଗଲୁ। ମନ୍ଦିର ପାଖରେ ପହଞ୍ଚି ବିଶ୍ରାମ ନେଲୁ। ଦଶ ପନ୍ଦର ମିନିଟ୍ ଗଲା। ବୋଉର ଦେଖା ନାହିଁ ।ତେଣେ କାଳେ ପହଡ଼ ପଡିଯିବ ବୋଲି ବ୍ୟସ୍ତ ଲାଗୁଥାଏ।

ଆହୁରି ଦଶ ପନ୍ଦର ମିନିଟ୍ ପରେ ବୋଉ ଦୃଶ୍ୟ ହେଲା।ଏଃ କ'ଣ ! ବୋଉ କାଖେଇଛି ତା ପାଞ୍ଚ ବର୍ଷର ନାତିକୁ ! ଉପର ପାହାଚରେ ବୋଉ କାଖରୁ ଓହ୍ଲାଇ ଅତି ଖୁସିରେ ଆମ ପାଖକୁ ଦୌଡି ଆସିଲା ପୁଅ। ମୁଁ ତଟସ୍ଥ! ବୋଉ ଅବସ୍ଥା ଦେଖି ମୋ ଛାତିରୁ କୋହ ଉଠୁଥିଲା। ମୋ ପାଟିରୁ ଖାଲି ଶବ୍ଦଟିଏ ବାହାରିଲା ' ବୋଉ..... !' ଆଖିରେ ଲୁହ ଟଳମଳ କରୁଥିଲା। ଇଛା ଥିଲେ ବି ମୁଁ ବୋଉ କୁ କୋଳକୁ ଉଠେଇ ନେଇ ପାରୁନଥିଲି। ଦୁନିଆରେ ସତରେ କେହି କ'ଣ ମାଆ ଋଣ ଶୁଝିପାରେ ନା ମୁଁ ଶୁଝି ପାରିଥାନ୍ତି.... !

ବୋଉର ମାନସିକ ପୂରଣ କରିବାକୁ ସେପର୍ଯ୍ୟନ୍ତ ଠାକୁରଙ୍କ ଦୁଆର ଖୋଲାଥିଲା... !

*କୁଞ୍ଜବିହାରୀ ଲେନ, କଟକ*

# ଗାଁ ମୁଣ୍ଡ ବରଗଛ



**ଗଗନ ଭୋଇ**

ଗାଁର ଆରମ୍ଭରେ ରହିଥାଏ ଏକ ବରଗଛ । ଏହି ଗଛ ତଳେ ବହୁ ବାଟୋଇ ଓ ଗାଁ ଲୋକମାନଙ୍କ ସହ ପଶୁପକ୍ଷୀମାନେ ଆଶ୍ରୟ ନିଅନ୍ତି । କାଇଁ କେଉଁ କାଳରୁ ରହିଛି ଏହି ବୁଢା ବରଗଛ । ଗାଁର ସୁଖ, ଦୁଃଖ , ଯାନିଯାତ୍ରାଠାରୁ ଆରମ୍ଭ କରି ବନ୍ୟା, ବାତ୍ୟା ଦେଖିଚି ଦେଖିଛି ଏହି ଗଛ । ବରଗଛ ଡାଳରେ ବସା ବାନ୍ଧିଛନ୍ତି କେତେ ପକ୍ଷୀ ସେମାନଙ୍କର କିଚିରି ମିଚିରି ଶବ୍ଦରେ ଏକ ସଙ୍ଗୀତ ପରି ଲାଗେ । ଗଛ ମୂଳରେ ବସିବାକୁ ବହୁତ ଆନନ୍ଦ ଲାଗେ ଯେବେ ଏହି ଶବ୍ଦ ଶୁଣାଯାଏ । ପ୍ରବଳ ଗ୍ରୀଷ୍ମପ୍ରବାହ ସମୟରେ ଏହି ବାଟ ଦେଇ ଯାଉଥିବା ବାଟୋଇମାନେ ଏହି ବରଗଛ ମୂଳେ ନିଜ କ୍ଳାନ୍ତି ଦୂର କରିବା ପାଇଁ କିଛି ସମୟ ଆଶ୍ରୟ ନେଉଥିବା ଦେଖିବାକୁ ମିଳିଥାଏ । କେତେ ଖରା ବର୍ଷା ଖାଇ ଏହି ବୁଢା ବରଗଛ ଗାଁକୁ ଜଗି ରହିଥାଏ । ଗାଁରେ ଘଟୁଥିବା ପ୍ରତ୍ୟେକଟି ଘଟଣାର ମୁକ ସାକ୍ଷୀ ଏହି ଗଛ । ଗରିବ ଭାଇଟି ତା'ର ବଢ଼ିଲା ଭଉଣୀଙ୍କୁ ବିବାହ ନଦେଇ ପାରି ମନ ଦୁଃଖରେ ନଖାଇ ନପିଇ ଆସି ଏହି ବରଗଛ ମୂଳରେ ବସି ଦୁଃଖରେ ଆଖିରୁ ଲୁହ ଢାଳୁଥାଏ । ଗାଁରେ ହେଉଥିବା ବିବାହ, ମଲା ମୃତ୍ତିକା, ଯାନିଯାତ୍ରା, ସୁଖ ଦୁଃଖ ସହ ଗାଁକୁ ଆସୁଥିବା ନବଧୁ କୁ ଦେଖିବା ଠାରୁ ତା'ର ଶ୍ମଶାନ ଯିବା ପର୍ଯ୍ୟନ୍ତ ସମସ୍ତ ଘଟଣାର ମୁକ ସାକ୍ଷୀ ଏହି ବରଗଛ । କାଇଁ କେଉଁ ଆଦିମ କାଳରୁ ଏହି ବୁଢା ବରଗଛ ରହି ଆସିଛି ଗାଁ ମୁଣ୍ଡରେ । ଜନ୍ମ ଗ୍ରହଣ ପରଠାରୁ ଆଜି ପର୍ଯ୍ୟନ୍ତ ମୁଁ ଦେଖିଆସୁଛି ଏହି ଗଛକୁ । ପିଲା ବେଳରୁ ଆଜି ପର୍ଯ୍ୟନ୍ତ ପ୍ରାୟ ସମୟ ଏହି ବରଗଛ ମୂଳରେ ମୋର ସମୟ ଅତିବାହିତ ହୋଇଥାଏ । ଗାଁର ପ୍ରତ୍ୟେକଟି ଯୁବକଙ୍କ ଠାରୁ ଆରମ୍ଭ କରି ବୟସ୍କ ବ୍ୟକ୍ତି ଓ ସବୁ ବର୍ଗର ଜନସାଧାରଣ ଏହି ଗଛ ମୂଳରେ ଆଶ୍ରୟ ନେଇଥାନ୍ତି । ୧୯୯୯ ମସିହା ମହାବାତ୍ୟାରେ ବୁଢା ବରଗଛର ସାମାନ୍ୟ କ୍ଷୟକ୍ଷତି ହୋଇଥିବା ବେଳେ ଆଜି ପର୍ଯ୍ୟନ୍ତ କେତେ ବାତ୍ୟା ଫନି, ହୁଡୁହୁଡୁ ,ଫାଇଲିନି ଭଳି ସବୁ ବାତ୍ୟା ବନ୍ୟାକୁ ସହ୍ୟ କରିଛି ଏହି ବରଗଛ । ଗାଁ ଜଗୁଆଳ ପରି ଏହି ଗଛ କାଇଁ କେଉଁ କାଳରୁ ରହିଆଛି । ପ୍ରତି ମାସ ସଂକ୍ରାନ୍ତିରେ ଗାଁର ବୟସ୍କ ବ୍ୟକ୍ତି ମାନେ ସାଂସ୍କୃତିକ କାର୍ଯ୍ୟକ୍ରମ କରିବା ସହ ନାମ ସଂକୀର୍ତ୍ତନ କରିଥାନ୍ତି । ଯାହାଫଳରେ ଏକ ସାଂକୃତିକ ପରିବେଶ ସୃଷ୍ଟି ହୋଇଥାଏ। ଗାଁର ସୁଖ, ଦୁଃଖ ଓ ପ୍ରତିଟି କାର୍ଯ୍ୟର ମୁକ ସାକ୍ଷୀ ହୋଇ ଗାଁ ମୁଣ୍ଡରେ ଜଗି ରହିଛି ଏହି ବଗଗଛ ।

*ଯୁବ ସାମ୍ବାଦିକ*
*ରାଇଗୁରୁବାସୁଦେଇପୁର*
*ବାଳକାଟି, ବାଲିଅନ୍ତା, ଖୋର୍ଦ୍ଧା*
*ଯୋଗାଯୋଗ-୮୯୮୪୩୭୭୩୨୪*

# ମରୀଚିକା



**ଆଦ୍ୟାଶା ମହାପାତ୍ର**

ଦୁଇ ଦିନ ପରେ ବାହାଘର।ଶୁଭା ମନରେ କିନ୍ତୁ ଖୁସି ନାହିଁ। ସତ୍ୟର ଭଲ ପାଇବାକୁ ଅଗ୍ରାହ୍ୟ କରି ସେ ଅନ୍ୟ କେଉଁଠି ବାହା ହେବାକୁ ଚାହେଁନା ବୋଲି କହି ସାରିଥିଲେ ବି ଘରେ ତା' କଥା ଶୁଣିବାକୁ କେହି ବି ପ୍ରସ୍ତୁତ ନୁହଁନ୍ତି । ସତ୍ୟ ପାଖରେ ବହୁତ ପଇସା ନଥିଲେ ବି ଖୁବ୍ ଉତ୍ତମ ସ୍ୱଭାବର। ଏପର୍ଯ୍ୟନ୍ତ ଚାକିରୀ କିଛି ନପାଇଥିଲେ ବି ଦିନେ ନା ଦିନେ ସେତକ ଯୋଗାଡ କରିଦେବ ବୋଲି ଶୁଭାର ଅଖଣ୍ଡ ବିଶ୍ୱାସ ।

ସତ୍ୟ ସହିତ ପ୍ରଥମେ ଦେଖା ହୋଇଥିଲା ମନ୍ଦିର ପାଖରେ। ଦୀପଟିଏ କିଣିବାକୁ ଖୁଚୁରା ଟଙ୍କା ନେଇ ଦୋକାନୀ ସହିତ ଶୁଭାର ବାର୍ତ୍ତାଳାପ ରୁ ସବୁକଥା ବୁଝିପାରି, ଦୋକାନୀକୁ ନିଜ ଆଡୁ ଦୁଇଟି ଦୀପର ପଇସା ଦେଇ ସେଥିରୁ ଗୋଟିଏ ହସି ହସି ଶୁଭା ହାତକୁ ବଢାଇ ଦେଲା। ଏମିତି ଏକ ପରିସ୍ଥିତିରେ କ'ଣ କରିବ ବୋଲି ଥତମତ ହେଲା ଶୁଭା।–'ମୁଁ ଜାଣେ ଅନ୍ୟ କାହା ପଇସାରେ ଦୀପ କିମ୍ବା ଭୋଗ ଲଗା ଯାଏନା। ପର ସୋମବାର ଦିନ ମୋର ପାଉଣା ଫେରେଇ ଦେବ, ହେଲା ?' ।ଶୁଭା କିଛି କହିବା ପୂର୍ବରୁ ସମସ୍ୟାର ସମାଧାନ କରିଦେଲା ସତ୍ୟ। ମନ୍ଦିରରୁ ବାହାରିଲା ବେଳକୁ ସ୍ତ୍ରୀ ଲୋକଟିଏ ସତ୍ୟ ବାଇକ୍ ପଛରେ ବସି ଯାଉଥିବାର ଶୁଭା ନଜରରେ ପଡିଲା।

ସତକୁ ସତ ପର ସୋମବାର ଦିନ ମନ୍ଦିର ପାଖ କନିଅର ଗଛ ମୂଳେ ସତ୍ୟକୁ ଆବିଷ୍କାର କଲା ଶୁଭା। ପଇସା ଫେରେଇବା ପାଇଁ ହାତ ବଢାଇବା ବେଳକୁ ' ଆରେ, ମୁଁ ଦୀପ ଦେଇଥିଲି, ମୋତେ ଦୀପ ଫେରେଇବ। ହଁ, ମୋ ନାଁ ସତ୍ୟ। ସତ୍ୟ ସ୍ୱରୂପ ମିଶ୍ର' ହସି ହସି କହିଥିଲା ଖୁବ୍ ସାବଲୀଳ ଭାବରେ।

–'ଆଚ୍ଛା ସତ୍ୟ ବାବୁ,ସେଦିନ ଆପଣଙ୍କ ଗାଡ଼ିରେ କ'ଣ ଭାଉଜ ବସିଥିଲେ ? ଆଜି ଆସି ନାହାନ୍ତି କି !'

–' ହଁ, ଠିକ୍ କହିଛ। ସେ ମୋ ଭାଉଜ। ଆଜି ଆସି ନାହାନ୍ତି।' ଶୁଭାକୁ ଉତ୍ତର ଫେରେଇଲା ସତ୍ୟ। ସେଇଠୁ ସେମାନେ ପରସ୍ପର ବିଷୟରେ କିଛି ଆଳାପ ଆଲୋଚନା କଲେ । କ୍ରମେ ସେମାନଙ୍କ ମଧ୍ୟରେ ଆହୁରି ଅନ୍ତରଙ୍ଗତା ବଢ଼ି ଯାଇଥିଲା। କେତେ ଥର ଶୁଭାକୁ ବାଇକ୍ ରେ ବସେଇ ଘରଠାରୁ ଅଳ୍ପ ଦୂରରେ ଛାଡି ଆସିଛି ସତ୍ୟ। ହେଲେ କେବେ ବି ଶୁଭା ଦେହକୁ ଅଯଥା ଛୁଇଁବାକୁ ଚେଷ୍ଟା କରିନି । ଖୁବ୍ ସୁଧାର ଏବଂ ସଞ୍ଜତ ସେ।ଶୁଭା ମନକୁ ଦିନକୁ ଦିନ ଆବିଷ୍ଟ କରି ରଖିଲା ସତ୍ୟର କଥାବାର୍ତ୍ତା ଏବଂ ବ୍ୟବହାର ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। ତା ପ୍ରତି ଖୁବ୍ ବିଶ୍ୱାସ ଏବଂ ଭରସା ଆସି ଯାଇଥିଲା ଶୁଭା ମନରେ।

ପ୍ରଭା ଅପାର ଡାକରେ ଶୁଭା ଭାବନା ରାଜ୍ୟରୁ ଫେରି ଆସିଲା। ' ଆ, ଗହଣା ସବୁ ଦେଖିବୁ ଶୁଭା' । ବାପାଙ୍କ ଅବର୍ତ୍ତମାନରେ ମାଆ ସହ ସବୁ କାମରେ ଅପା ଠିଆ ହୋଇଥାଏ। ଅପାର ସ୍ୱର ଶୁଭୁଥିଲା ଆର ଘରୁ। କେତେ ଦିନ ଆଗରୁ ଶାଶୁଘରୁ ଆସି ମା ସହିତ ମିଶି ଶୁଭା ବାହାଘର ପାଇଁ ଲାଗି ପଡିଛି ଏଇ ଅପା। ଶୁଭା ଶୋଇଥବାର ଛଳନା କରି ବିଛଣାରେ ସେମିତି ପଡି ରହିଲା। ଗହଣା ଦେଖିବାକୁ ତା ମନରେ ସରାଗ ନାହିଁ। ହଠାତ୍ ମୁଣ୍ଡରେ ବୁଦ୍ଧିଟିଏ ଉଙ୍କି ମାରିଲା। ସତ୍ୟକୁ ଫୋନ୍ ଲଗାଇଲା।–' ଶୁଣ, ତୁମ ବିନା ମୁଁ ବଞ୍ଚି ପାରିବି ନାହିଁ। ତୁମେ କହୁଥିଲ ନା ପଇସା କିଛି ଯୋଗାଡ କଲେ ହାତଛଡ଼ା ହୋଇ ଯାଉଥିବା ଚାକିରି ତୁମର ହୋଇଯିବ ବୋଲି । ତୁମ ପ୍ରତି ମୋର ଅଗାଧ ବିଶ୍ୱାସ ଅଛି ।ବାହାଘର ପାଇଁ କିଣା ହୋଇଥିବା ଗହଣା ସବୁ ଆଉ ପଇସା କିଛି ଧରି କାଲି ସକାଳୁ ମନ୍ଦିର ପାଖରେ ପହଞ୍ଚିବି। ଆମେ କେଉଁଆଡେ ପଳେଇବା। ନହେଲେ ମାଆ ମୋ ବାହାଘର କରାଇ ଦେବ। ପ୍ଲିଜ, ନିଶ୍ଚୟ ଆସିବ !'

' ହେଉ ତୁମର ଯାହା ଇଚ୍ଛା !' ଶୁଭିଥିଲା ସତ୍ୟର ଭିଜିଲା ସ୍ୱର।

ପରଦିନ ସକାଳକୁ ସତ୍ୟ ଆଗତୁରା ଆସି ମନ୍ଦିର ପାଖରେ ଠିଆ ହୋଇଥିଲା।ଶୁଭା ହାତରୁ ବ୍ୟାଗଟିକୁ ନେଇ ଗାଡ଼ି ପାଖକୁ ଆସିଲା।–' ଶୁଭା ! ତୁମର ସୁଭବିଷ୍ୟତ ପାଇଁ ଠାକୁରଙ୍କୁ କିଛି ଯାଚ୍ନା କରିବନି ! ଆଶିର୍ବାଦ ନେବନି ?' ଏଇ ଘଡିସନ୍ଧି ମୂହୂର୍ତ୍ତରେ ବି ସତ୍ୟ କଥାରେ ଶୁଭା ଟିକେ ହସିଲା। ମନ୍ଦିର ଆଡକୁ ପାଦ ବଢେଇ ଶୁଭା ମନେ ମନେ ଭାବୁଥିଲା ସତରେ ଏବେ ସେଇ ଠାକୁର ହିଁ ଏକମାତ୍ର ଭରସା । ମନ୍ଦିରରୁ ବାହାରି ଶୁଭା ଦେଖିଲା ସତ୍ୟ ସେ ଜାଗାରେ ନାହିଁ ହେଲେ ଗୋଟିଏ କଡକୁ ତା'ର ଖୋଲା ବ୍ୟାଗଟା ପଡିଛି। ଗହଣା ଆଉ ଟଙ୍କା ଛଡା ବ୍ୟାଗରେ ସବୁ ଜିନିଷ ସେମିତି ରହିଛି। ଶୁଭ ଲଥ କରି ବସି ପଡିଲା ସେଇଠି। ଏମିତି ଅଧଘଣ୍ଟାଏ ବିତିଗଲା। ଏବେ କ'ଣ କରିବ ସେ !

ଭାଗ୍ୟକୁ ତା ଭେନିଟ ବ୍ୟାଗରେ ମୋବାଇଲ ଆଉ ଟଙ୍କା କିଛି ରହି ଯାଇଥିଲା। ଫୋନ୍ କରିବାକୁ ଚେଷ୍ଟା କଲା। ଆଶାନୁଯାୟୀ ସତ୍ୟର ଫୋନ୍ ସୁଇଚ୍ ଅଫ୍ ଅଛି। ରିକ୍ସାଟିଏ ନେଇ ଥରେ ଦୂରରୁ ସତ୍ୟ ଦେଖାଇ ଥିବା ତାଙ୍କ ଘରକୁ ଖୋଜିବାକୁ ଗଲା।ସେଇଠି ପହଞ୍ଚି ସତ୍ୟ ସହ ସେଲଫି ନେଇଥିବା ଫଟୋରୁ ସତ୍ୟକୁ ଏବଂ ତାଙ୍କ ଘରକୁ ଆବିଷ୍କାର କରିବାକୁ ଚେଷ୍ଟା କଲା। ଶେଷରେ ସେ ସଫଳ ବି ହେଲା। ହେଲେ ସତ୍ୟ ନିଜ ଘର ନୁହେଁ , ଭଡାଘରେ ରହୁଥିଲା ବୋଲି ଲୋକ ମାନଙ୍କ ଠାରୁ ଜାଣିଲା। ତଥାପି ତା ମନରେ ଆଶାର କିରଣ ଟିଏ ଯେମିତି ଉଙ୍କି ମାରିଲା। ସେତେବେଳକୁ ସୂର୍ଯ୍ୟ ବି ଚାରିଆଡେ ତୋଫା ଆଲୁଅ ବିଛେଇ ଦେଲେଣି।

ଠିକ୍ ଜାଗାରେ ପହଞ୍ଚି ଦେଖିଲା ସେ ଘରେ ତାଲା ଝୁଲୁଛି ।ଘର ମାଲିକଙ୍କୁ ଭେଟି ସତ୍ୟ ବିଷୟରେ ପଚାରିଲା। ଏଇ ଟିକିଏ ଆଗରୁ ବାକି ଥିବା ଦୁଇ ମାସର ଘରଭଡା ଟଙ୍କା ଦେଇ ଘର ଛାଡି କେଉଁଆଡେ ଚାଲି ଯାଇଛି ବୋଲି ଜାଣିବାକୁ ପାଇଲା। ଶୁଭା ଭଙ୍ଗାମନ ନେଇ ରିକ୍ସାରେ ବସିଲା।–' ଭାଗ୍ୟ ତୋର ଭଲ ଝିଅ ।ତୋ ଜୀବନକୁ ନଷ୍ଟ କରିନି ସେ ବଦମାସ୍। ହେଲେ ଏବେଠୁ ସାବଧାନ ଥିବୁ । ଆଗରୁ ଜଣେ ଦୁଇ ଜଣ ଝିଅ ଏଇଠୁ କାନ୍ଦି କାନ୍ଦି ଫେରିଛନ୍ତି।' ପଛରୁ ଶୁଭିଲା ଘର ମାଲିକଙ୍କ ସ୍ୱର ।ତା ସାମ୍ନାରେ ଏବେ ସେଇ ମା'ର ପଣତ ହିଁ ପତିତପାବନ ବାନା ହୋଇ ଅଭିପ୍ରେତ ହେଲା। ମାଆର ହୃଦୟ ତାକୁ କ୍ଷମା କରିଦେବ ବୋଲି ଶୁଭାର ଆଶା ଓ ବିଶ୍ୱାସ ଥିଲା ।

ରିକ୍ସା କୁ ଜୋରରେ ଟିକିଏ ଚଲାଇବାକୁ ଚାଳକଙ୍କୁ ଅନୁରୋଧ କଲା ଶୁଭା ।କଥା ପ୍ରଘଟ ହେବା ଆଗରୁ ତାକୁ ଘରେ ପହଞ୍ଚିବାକୁ ହେବ... !!!

*ନୂଆପଡା, କଟକ*

## ପ୍ରୀତି ପ୍ରଣତି

*ଯୁଧିଷ୍ଠିର କୁଅଁର*



ପ୍ରୀତିର ପଲ୍ଲବେ ଆବୃତ୍ତ ପ୍ରଣୟ
ପୁଷ୍ପିତ ପୂର୍ଣ୍ଣିମା ଚାନ୍ଦ।
ମାନସ ଭ୍ରମର ଭ୍ରମିତେ ଉଚ୍ଛ୍ୱାସ
ରସସିକ୍ତ କାମ ବନ୍ଧ ।୧।
ଯୁଧିଷ୍ଠିର କୁଅଁର।
ଡଗରପଡା,ବାଲେଶ୍ୱର।
ଆହୁତ ଉନ୍ମାଦ ମିଳନେ ବିଚ୍ଛନ୍ଦ
ବିଜନେ ବିଳାପେ ମନ।
ମନସ୍ୱିନୀ ଆସ ରସନା ଆହ୍ଲାଦେ
କାମନାର ମଧୁବନ।୨।
ଯୁଧିଷ୍ଠିର କୁଅଁର।
ଡଗରପଡା,ବାଲେଶ୍ୱର।
ପ୍ରୀତିର ପ୍ରାଚିରେ ମୃଦୁ ଗୁଞ୍ଜରିତ
ସୁଧାମୟ ରତି ସ୍ମୃତି।
ଦେହ ଦେହଳୀର ଗୋପନ ଗୀତିକା
ପ୍ରଣୟ ପିପାସା ତାତି।୩।
ଯୁଧିଷ୍ଠିର କୁଅଁର
ଡଗରପଡା,ବାଲେଶ୍ୱର।
ପ୍ରଣୟ ପାର୍ବଣେ ଆସହେ ପ୍ରେୟସୀ
ପ୍ରୀତିର ପସରା ନେଇ।
ଅଙ୍ଗନେ ଆଙ୍କହେ କନ୍ଦର୍ପ କୁହୁକ
ଚିନ୍ମୟ ଚୁମ୍ବନ ଦେଇ।୪।

*ଡଗରପଡା, ବାଲେଶ୍ୱର*

## ପଚା କିମ୍ବା ବଳକା

*ଡୁଇଟ୍ ଡେଭିଡ ଫିଲିପ୍*



ବୁଲା ବୁଲି ମୋର ସବୁ ଦିନିଆ ଜୀବନ,
କିଏ କହିବ ମୋର ହେଲା କେଉଁଠି ଜନମ,
ବୁଲି ବୁଲି ଖାଏ ଫିଙ୍ଗା, ପଚା, ମାଡ,
ଠେଙ୍ଗା, କଚଡ଼ା,
ସଜ ଖାଏ ଯେବେ ହୁଏ ବଳକା।

ରମ୍ଭା ରମ୍ଭି ହୁଏ ଯେ ମୋ ଖାଦ୍ୟ କୁ ଖାଏ,
ଖାଇ ସାରିଲେ ସାଙ୍ଗରେ ବୁଲେ,
କେବେ ଖେଳ ତ କେବେ ରାଗ,
କିଏ କହିବ, ମୁଁ କାହାର।

ଖରା, ବର୍ଷା, ଶୀତରେ,
ଜିୟେ ମରେ ବାହାରେ,
ନାମ ଦେବା କାହାର
ସେତ ଅଟେ କୁକୁର।

ଚେନ ବନ୍ଧା, ଗେଲ ଖିଆ,
ଆଇସ ନହେଲେ ଭୋକେ ଶୁଆ ।
ମନ୍ତ୍ରୀ, ଆରକ୍ଷୀ, ରାଷ୍ଟ୍ର ପତି ବା ବିଚାର
ପତି, ଯଦି ମାଲିକ, ସଭିଙ୍କଠୁ ମିଳେ
ସଲାମର ମଜା।

ନହେଲେ, ମୁଁ ବି ହିନସ୍ଥା,
ପଲିଥିନ୍ କିମ୍ବା, ଅଧା ତିଆରି, କିମ୍ବା
ପରିତ୍ୟକ୍ତ କଂକ୍ରିଟ ଗଦା,

ନୀତି ଦେଖା,
ସହରୀ ନାଳ କୁ ମୁନସିପାଲଟିର ମଳ ଗଦା,
ଲୁହା, ଜରି, ବୋତଲ, ଡାବଲ ଖୋଜା,
ଯାହା ମିଳିଲେ ତାକୁ ଖିଆ,

ଫଳ, ଆଇସ, ମାଛ, ପରିବା,
ସନ୍ଧ୍ୟା ରେ ଗଲେ, ପଚା ଓ ଦାମ ରେ ନିଛା,

ମୁଁ ଓ ବୁଲା, କେବେ ହେବୁ ଭୋଟର
କାର୍ଡ, ଆଧାର କାର୍ଡ ରେ ହେବୁ ବନ୍ଧା,
ରମ୍ଭା ରମ୍ଭୀ, ଠେଲା ପେଲା, ସର୍ବ
ସାଧାରଣ, , ଟ୍ରେନ ବୋଗି, ବସ,
ବସ୍ତିରେ ଆମେ ଜମା ।

ରହିଛି ଆମ ପାଇ ପଚା କିମ୍ବା ବଳକା।

*ଲେହେରି ଥାନା,*
*କାଟା ପାର,*
*ବାହାର ଶରିଫ, ନାଳନ୍ଦା, ବିହାର*
*ପିନ୍: ୮୦୩୧୦୧*
*ଦୂର ଭାଷା: ୯୪୩୭୧୦୪୩୦୩*

## ଅଷ୍ଟମ ଗର୍ଭ

*ନୃସିଂହ ଚରଣ ଷଡ଼ଙ୍ଗୀ*



ଏଥର ମୁଁ କାହାକୁ କହିବି, ଯେ ମୁଁ ନିଶ୍ଚିତ ଛଦ୍ମବେଶୀ ବୋଲି,
ମୋର ସବୁକିଛି ମିଛ, ସବୁ ମାୟା ଏପରିକି ମୋ ଈଶ୍ୱରପଣ
ଷୋଳପଣ ତୁମପାଇଁ ସମର୍ପିତ ପ୍ରେମସବୁ ଯାହାଥିଲା କାଲି,
ତୁମେ କେତେବୁଝ, କ'ଣ ବୁଝ, ମୁଁ କାହିଁକି ଭୁଲେ ତୁମ ରାଣ ?

ମୋ ବଂଶୀର ସବୁ ସୁର ଯେତେବେଳେ ପୀଡ଼ାକୁ ପରଖେ,
କାହାରି ନା କାହାରିତ ଡରଡର ପ୍ରେମ ପାଇଁ ସମୟ ବି ଲୁଚେ
ପାଉଁଜି ହୁଗୁଳିଯାଏ ପାଦରୁ ଓ ବାଟଭୁଲେ ନୀଳନଈ ପାଖେ
ମୋ ମୟୂରପୁଚ୍ଛ ଖସିପଡ଼େ, ସେତେବେଳେ ଦୁଷ୍ଟଖରା ନାଚେ।

ମଥୁରାରେ ବେଳ କାହିଁ ପରଖିବି ଗୋପରେ ମୁଁ ଅର୍ଜିଥିବା ପାପ,
ଗୋପଥିଲା ନାରୀମୟ ଚିତ୍ରପରି ପାପମାନେ ମୋରି ସାମ୍ନାରେ
ସଦମ୍ଭରେ ଆସୁଥିଲେ ମୋ ଆଡ଼କୁ ମଥୁରାର ଯେତେ ମିଛ ଗପ,
ତେଣୁ ନା' ମୁଁ ନିର୍ବାଣ ଲଭେ ଯଦିଓ ମୁଁ ଯେତେ ଇଚ୍ଛା କରେ ।

ମୁଁ କ'ଣ ମୋ ପାପର ଏକୁଟିଆ ଭାଗୁଆଳ, ତୁମେ ସେଠି ମିଛ ?
ତୁମକୁ ନିସ୍ତାର ଦି ଭୁଲିଯାଇ, କିଏ ଆଗ, କିଏ ପୁଣି ପଛ ।

*ସଦସ୍ୟ, କାର୍ଯ୍ୟକାରୀ ପରିଷଦ*
*ଓଡ଼ିଶା ସାହିତ୍ୟ ଏକାଡେମୀ, ମୋ-୯୯୩୭୨୨୨୧୨୨*

## ଅଦିନିଆ ମେଘ

*ରାହାସ କୁମାର ବେହେରା*



ଅଦିନିଆ ମେଘ ଶୀତଳ ବାଆ
ଉଡ଼ିଯାଏ କାନି ମଜିଯାଏ ମନ
ଆ'ସାଥି ଆ' ପାଖକୁ ଆ'
ଗାଇବା ମିଳନ ମଧୁର ସଂଗୀତ
ଉପସମେ ହଜୁ ଶୁଷ୍କ ଯୌବନ ।
ଦୂର ବଳୟରେ ପ୍ରୀତି ରୋଷଣୀ
ଝକ ଝକ ଦିଶେ ବିଜୁଳି ମାରଇ
ଆ' ପ୍ରିୟା ଆ' ନିରୋଳା ସକାଳେ
ନିଦାଘ ନିନୀଷା କରେ ଲୋକହସା
ମଜି ବରଷାରେ ଭିଜିବା ତହିଁ ।
ଘଞ୍ଚ କାନନରେ ବାଜୁଛି ବାଜା
ଦେଖ କାକ ପିକ କରନ୍ତି ମଜା
ସଜନୀ ଥରେ କଣେଇ ଚାହାଁ
ଇନ୍ଦ୍ରଧନୁ ରଙ୍ଗ ବୁଣେ ଆକାଶରେ
ଆଶ୍ୱସ୍ତି ହେଲେଣି ସୃଷ୍ଟିର ପ୍ରଜା ।
ଝିପି ଝିପି ବାରି ଅମୁଲ ମୂଲ
ଭୂମିରୁ ଭୁମା ଯେ ସୁଖର ପର୍ବ
ଆ' ପ୍ରଣୟିନୀ ପ୍ରୀତି-ପ୍ରିୟା ମୋର
ହଜିବା ଆନନ୍ଦେ ବହୁଛି ସମୀର
ନିଦାଘ ନିନାଦ ଭାଙ୍ଗିଛି ଗର୍ବ ।
ବନ ପତ୍ର ରାଜି ନହନହକା
ଜୀବନ ଫେରିଲା ଅଦିନ ମେଘରେ
ହସେ କୃଷ୍ଣଚୁଡା,ସୁନାରୀ,କେତକୀ
ପିଆସୀ ଫେରିଲା ପ୍ରିୟତମ ପାଶ
ଶୁଭେ ହୋହାଲା ଏଇ ଆଗରେ ।

*ବାଲ୍ୟମ୍ବା,ଭାପୁର*
*ଢେଙ୍କାନାଳ:୭୫୯୦୧୫*
*ମୋ: ୯୪୩୮୧୧୪୩୬୮*

## ସପନ ଦେଖା

**ନିରଞ୍ଜନ ସାହୁ**



ଏହି ଜୀବନରେ ଯେତେ ସ୍ୱପ୍ନ ଥିଲା
କେତେ ବା ପୂରଣ ହେଲା
ଭାବନା ସରିଲା ସ୍ୱପ୍ନ ଭାଙ୍ଗିଗଲା
ସମୟ ହିଁ ଧୋକା ଦେଲା ।

ଯେଉଁ ବୟସରେ ସ୍ୱପ୍ନ ଦେଖିଥିଲି
ସେ ବୟସ ନାହିଁ ଆଉ
ଜୀବନ କହୁଛି ସପନ ଦେଖିବା
ସେତିକି ତୋହରି ଥାଉ
ଚେଇଁକରି ଟିକେ ସ୍ୱପ୍ନ ଦେଖିବାର
ଅଧିକାର କିଏ ନେଲା ???

ସ୍ୱପ୍ନ ଦେଖିବା କେ ' ଛାଡି ପାରିଛି ଯେ
ସହଜେ ମୁଁ ଛାଡି ଦେବି
ମୋ ସପନ କେବେ ସତ ହେବ ନାହିଁ
ମନକୁ ବୁଝାଇ ନେବି
ତଥାପି ବି ସ୍ୱପ୍ନ ଦେଖିବା ପାଇଁକି
ମନ କରେ ଠେଲାପେଲା ।

*ନିହଲ ପ୍ରସାଦ, ଗଁଦିଆ ପାଟଣା*
*ଢେଙ୍କାନାଳ – ୭୫୯୦୧୬*
*ମୋ :୯୯୩୮୭୪୧୫୮୩*

## ପ୍ରେମ ସଂଜ୍ଞା

*ସଂଜୀବ କୁମାର ଦାଶ*



ଭାବନାର ଗୋଟେ ନିରୋଳା
ମୁହୂର୍ତ୍ତରେ,
ହୃଦୟରେ ଏକ ମୃଦୁ ସହାସ୍ୟ କମ୍ପନ,
ଏରୁଣ୍ଡିରେ ଝୁଣ୍ଟି ପଡୁ ପଡୁ କା'ର ସେଇ
ଅତର୍କିତ ଆତଙ୍କିତ ଚିତ୍କାର,
କିଛିଟା ସାଫଲ୍ୟ ବା ବିଫଳତା,ଅବା
ଦେହପା ମନ୍ଦରେ କାହା ଆଖିରୁ
ଝରୁଥିବା ଅଶ୍ରୁ ହିଁ ତ ତୁମେ,
ପ୍ରେମ!!!!

ଛୁଅଁନା ମୋତେ,
ଆଘାତ ପାଇବ, ରକ୍ତ ଝରିବ,
ଏଇଠି ଫୁଟୁଥିବି, ଝରୁଥିବି ତୁମ ପାଇଁ,
କଣ୍ଟାବଣ ଭିତରେ ଫୁଟିଥିବା ନିରୀହ
କଳିକାଟିର ସେଇ ଅସରନ୍ତି କୋହର
ସଂଗୁପ୍ତ ଝରଣାଟି, ନୁହେଁ କି
ପ୍ରେମ!!!!

ପାହାଡ଼ର ଅପହଞ୍ଚ ଚୂଡାରେ,
ରୁଦ୍ର ସନ୍ୟାସିନୀର ଅପ୍ରତିହତ
ପରାକାଷ୍ଠା,
ବର୍ଷ ବର୍ଷ ଧରି ଏକାନ୍ତ ଚିନ୍ତନର
ଶୁଭ୍ରତାରେ ଘନୀଭୂତ ସ୍ମିତପ୍ରଜ୍ଞା
ହିମଖଣ୍ଡ,
କାଳହୀନ ଧୈର୍ଯ୍ୟର ସେ ଅମୂର୍ତ୍ତ
ପ୍ରତ୍ୟୟ, ହିଁ ତ ପ୍ରେମ,ସାବଲୀଳ !!!

କିଛି ମୁହୂର୍ତ୍ତର ଆଳାପ, ଦର୍ଶନ,
ଭବ୍ୟତାରୁ,
ଅନ୍ତରର ଯେଉଁ ଦୃଷ୍ଟି
ଯୁଗାତୀତ ପ୍ରଲମ୍ବିତ ,
ବାସ୍ତବ ଅସ୍ତିତ୍ୱରୁ ନିଃସୃତ ବିନ୍ଦୁ,
ତା'ପରେ ଅଦୃଶ୍ୟ ଆଲୋଡନ ରଚେ
କାହାଠାରେ,
ସେଇ ତ ଚିରନ୍ତନ ଏକ ଆଭା,
ସେଇ ଏକା ପ୍ରେମ!!!!!

*ପ୍ରାଧ୍ୟାପକ, ପଦାର୍ଥ ବିଜ୍ଞାନ ବିଭାଗ*
*ଦେବଗଡ଼ ମହାବିଦ୍ୟାଳୟ*
*ମୋ ୯୪୩୭୭୩୯୫୭୭*

## ଗ୍ରୀଷ୍ମ ଓ ଇସ୍ପାତ

*ଉମେଶ ଚନ୍ଦ୍ର ପାତ୍ର*



ଏ ସନ ଗ୍ରୀଷ୍ମରେ
ଇସ୍ପାତ ସହରେ ଇସ୍ପାତ ନିବାସେ
ଇସ୍ପାତ ପରି
ବଜ୍ର କଠିନ ହୃଦୟର ଆର୍ତ୍ତନାଦ
ତରଳି ଯାଉଥିଲା ପ୍ରଚଣ୍ଡ ରୌଦ୍ରରେ
ବାହାରର ଟକ୍ ମକ୍ ଖରା
ଶରୀରର ସହିବାର ତାକତ୍ କୁ
ଦେଉଥିଲା ନିର୍ଦ୍ଦୟ ଆହ୍ୱାନ
ଥରେ ଛାଇତଳୁ ଛାତତଳୁ
ବାତାନୁକୂଳ ତୋ ଆଶ୍ରୟ ତଳୁ
ବାହାରି ଦେଖ୍ ଇସ୍ପାତ ମଣିଷ
ପାଣି ଟୋପେ ପାଇଁ
ରାସ୍ତାକଡ ଗଛମୂଳେ ବସା ବାନ୍ଧିଥିବା
ମଣିଷ ବୋଲାଉଥିବା
ରେସ୍ତୋରାଁ ପଛ ଡଷ୍ଟବିନ୍ ରୁ
ନିର୍ଦ୍ଧୁମ୍ ଖରାରେ ଉଚ୍ଛିଷ୍ଟ ସାଉଁଟୁଥିବା
କାଙ୍ଗାଳମାନଙ୍କର ଆର୍ତ୍ତନାଦ
ତୋ ଆଗରେ ଷ୍ଟେସନ୍ ବାହାରେ
ହାତ ପାତୁଥିବା ଫୁଙ୍ଗୁଳା ଦେହ
ଫୁରୁଫୁରୁ ଆଯନ୍ କେଶ
ଶୁଖିଲା ଓଠ ଯନ୍ତ୍ରଣାସିକ୍ତ ଆଖିରେ
ତୋ ମନର ଗଭୀରତାକୁ
ତୋ ଦାତାପଣିଆକୁ
ତୋ ସାହେବୀ ମିଜାଜ୍ କୁ
ତୋ ଆଖିର କାମୁକତା ଭରା
ନଜରର ସ୍ପର୍ଶକୁ
ମାପି ଚାଲିଥିବା
ପିତୃ ପରିଚୟହୀନ ଅନୂଢା ବାଳିକା
ସେମାନଙ୍କ ପାଇଁ
ଗ୍ରୀଷ୍ମ ବର୍ଷା ଶୀତ
ବରଷ ତମାମ୍ କ୍ଷୁଧାର ତାଡନା
ତୋ ରେଷ୍ଟୁରାଣ୍ଟର ଓଲିକର ବିଲ୍
ତା ପାଇଁ ମାସକ ଆହାର
ସେ କାହୁଁ ବା ଆଶା କରିବ
ତୋ ହାତରୁ ଅତିକଷ୍ଟରେ
ବେଳେ ବେଳେ ତା ପାଇଁ
ଖସୁଥିବା ମୁଦ୍ରାଟିଏ ..ସେତିକି ଭରସା
ଥରୁଟିଏ ଚାହିଁ ଦେଖ୍
ତୋ ଇସ୍ପାତ ଦୁନିଆ ବାହାରେ
ଦୁନିଆଟେ ଅଛି
ମନ ଅଛି
ଭୋକ ଅଛି
ଶୋଷ ଅଛି
ଅଛି ପୁଣି ରାଶି ରାଶି ସ୍ୱପ୍ନ
ସର୍ବଗ୍ରାସୀ କ୍ଷୁଧା ରାକ୍ଷସ ଉପରେ
ବିଜୟ ପ୍ରାପ୍ତ କରି ଜୀଇଁବାର
ସଳଖି ଠିଆ ହେବାର
ନିଜକୁ ଜୀବିତ ବୋଲି
ପ୍ରମାଣିତ କରି
ନିଜ ହକ୍ ତୋ ହାତରୁ ଛଡେଇ ନେଇ
ତୋ ଅହଂକାରକୁ ପାଦରେ ଦଳି
ଉପସ୍ଥିତି ଜାହିର୍ କରିବାର
ଏ ଗ୍ରୀଷ୍ମକୁ ପରାସ୍ତ କରି
ବିଦ୍ରୋହର ଉଦ୍‌ଘୋଷଣ କରି
ଗଛମୂଳ ହେଉ
ପ୍ଲାଟ୍ ଫର୍ମ ହେଉ
ହେଉ ପଛେ
ପରିତ୍ୟକ୍ତ ଭଙ୍ଗା କୋଠାଘର
ସବୁଠାରେ ଗ୍ରୀଷ୍ମ ଉପରେ
ବିଜୟର ବୈଜୟନ୍ତୀ ଉଡ ?
ତୋ ଇସ୍ପାତ ହୃଦୟକୁ
ସଦର୍ପ ଆହ୍ୱାନ ଜଣାଇ
ତୋ ପ୍ରତିଷ୍ଠାକୁ ଭୂଲୁଣ୍ଠିତ କରି
ଶୁଭେ ଖାଲି ଇସ୍ପାତ ଶପଥ
ତୋ ସହରରେ ଗ୍ରୀଷ୍ମର
ପ୍ରଚଣ୍ଡ ଆକ୍ରମଣ ପରି ।

*ଛତିଆ , ଯାଜପୁର*
*ମୋ – ୯୮୫୩୫୮୯୪୩୨*

## ଚାଷ ହିଁ ମୋହର ସାହା

*ଜୟନ୍ତ କୁମାର ମଲ୍ଲିକ୍*



ପାଠ ମୁଁ ପଢ଼ିକି ଚାକିରୀ ପାଇନି
ବିଲରେ କରୁଛି ଚାଷ
ସୁନାର ଫସଲ ଫଳାଉଛି ଏଠି
ଦେଖିବ କିଏସେ ଆସ ।
କ୍ଷେତରେ କରିଛି ଚାଳିଆ ଘରଟେ
ଫସଲ ଜଗିବା ପାଇଁ
ମତେ ଦେଖି ଆଉ ଗୋରୁ,ଛେଳି,ହନୁ
ଜମାରୁ ଆସନ୍ତି ନାହିଁ ।
ନୂଆ ନୂଆ ଚାରା ରୋପଣ କରୁଛି
କୃଷି ବିଭାଗରୁ ବୁଝି
ଜାଣିଛି ଫସଲ ଭଲକି ଫଳିଲେ
ଋଣଦେବ ପରେ ଶୁଝି ।
ଘରେ ଖାଇପିଇ ଯାହା ବଞ୍ଚୁଅଛି
ବେପାରୀଙ୍କୁ ଦିଏ ବିକି
ଘରଣୀ ରଖଇ ମୋ ଲାଭ କ୍ଷତିର
ହିସାବ ଯେ ଟିକିନିକି ।
ଚାଷହିଁ ମୋହର ସାହା
କରମ କରିଲେ ମନଜାଣି ଫଳ
ନିଶ୍ଚିତ ଦେବେ ଚଉବାହା ।

*ଶୁରଡିହ,ନନ୍ଦିପୁର, ଯାଜପୁର*
*ମୋ: ୯୪୩୭୮୬୫୭୨୭*

## ପାଟଦେଇ

*ଡ.ସତ୍ୟନାରାୟଣ ମିଶ୍ର*



ପାଟଦେଇ ତୁମେ ଚାଲିଗଲ
କେତେ ହସ୍ତାକ୍ଷର ଛାଡି ଦେଇଗଲ
ବିଦଗ୍ଧ ପାଠକେ ଭୁଲିଗଲ ।
ଡରନାହିଁ ଧନ ମୁଁ ଅଛି ବୋଲି
କିଏ ଆଉ ଅବା ବୁଝେଇବ
ମରଦ ନ ଥାଉ ମାଆ ତୋର
ଅଛି କାହା କଲମରେ ଉକୁଟିବ ?
ରାଜଜେମା ତୁମେ ସାହିତ୍ୟର
ଥିଲ ଭାବପ୍ରବଣ ସେ ମୁଖ ଶୋଭା
ହଜିଲା ଚିତାର ବହ୍ନିବଳୟେ
ଆଉ ଭେଟ ହେବ ନାହିଁ ଅବା ।
ତନ୍ଦ୍ରାହତ ର ନବ ଚୈତନ୍ୟ
ନବ ତରଙ୍ଗେ କି ଉଲ୍ଲସିବ
ଆରୋହଣ ତୁମ ଉର୍ଦ୍ଧ୍ୱମୁଖି ତ
ପୁଣି କି ମରତେ ଲେଉଟିବ।
ବୀଣାଶୂନ୍ୟ ଆଜି ବାଣୀଶୂନ୍ୟ ଆଜି
ନାହିଁ କେହି ଭରିଦେବ ସ୍ଥାନ
ଶାରଳା,ବିଷୁବ,ସାହିତ୍ୟଭାରତୀ
ପଦ୍ମଶ୍ରୀ କରିଲା ବିମଂଡନ
ସାହିତ୍ୟ ଆକାଶୁ ଉଜ୍ଜ୍ୱଳ ତାରକା
ଲିଭିଗଲା ତୁମ ଅବସାନେ
ଯେଉଁଠାରେ ଥାଅ ଶାନ୍ତିରେ ତୁମେ
ଅମୃତ ଅର୍ଘ୍ୟ ଘେନ ମନେ।

*ଲିଂଗରାଜବିହାର*
*ଭୁବନେଶ୍ୱର. ୨୦*
*ମୋ:୯୯୩୮୧୬୭୩୩୧*




# ବ୍ରଜରାଜନଗର ଉପନିର୍ବାଚନରେ ସିପିଆଇ (ଏମ୍) ପ୍ରାର୍ଥୀଙ୍କୁ ସମର୍ଥନ ପାଇଁ ଘୋଷଣା

ଭୁବନେଶ୍ୱର (ପିଏନ୍): ସି.ପି.ଆଇ.(ଏମ୍) ଓଡିଶା ରାଜ୍ୟ ସମ୍ପାଦକମଣ୍ଡଳୀର ଏକ ବୈଠକ ଶ୍ରୀ ଜଗନ୍ନାଥ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି । ଏହି ବୈଠକରେ ବ୍ରଜରାଜନଗର ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ହେଉଥିବା ଉପ-ନିର୍ବାଚନରେ ସି.ପି.ଆଇ. ପ୍ରାର୍ଥୀଙ୍କୁ ସମର୍ଥନ ପାଇଁ ଘୋଷଣା କରାଯାଇଛି । ଏହି ନିର୍ବାଚନରେ ହିନ୍ଦୁତ୍ୱ ସାଂପ୍ରଦାୟିକତାବାଦୀ ବିଜେପିର ଦରଦାମ ବେକାରୀ ବୃଦ୍ଧିକାରୀ ଘରୋଇକରଣ ନୀତି ସହ ବିଜେପିର ଅଘୋଷିତ ମିତ୍ର ରୂପେ କାର୍ଯ୍ୟ କରୁଥିବା ରାଜ୍ୟ ବିଜେଡିକୁ ଉଚିତ ଜବାବ ଦେବାକୁ ଆହ୍ୱାନ କରାଯାଉଛି ।

ସମସ୍ତ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ପତ୍ରର ଆକାଶଛୁଆଁ ଦରବୃଦ୍ଧି ଏବଂ ବର୍ଦ୍ଧିତ ବେକାରୀ ଯୋଗୁଁ ଗଭୀର ଉଦ୍‌ବେଗ ପ୍ରକାଶ କରାଯାଉଛି ।

ଏଠାରେ ଏକ ପ୍ରେସ୍ ବିବୃତ୍ତିରେ ଦଳର ରାଜ୍ୟ ସମ୍ପାଦକ ଶ୍ରୀ ଅଲିକିଶୋର ପଟ୍ଟନାୟକ କହିଛନ୍ତି ଯେ ଗତ ଏକବର୍ଷ ମଧ୍ୟରେ ପେଟ୍ରୋଲଜାତ ସାମଗ୍ରୀର ଦର ଶତକଡା ୭୦ ଭାଗ, ଖାଇବା ତେଲ ଦର ଶତକଡା ୨୩ ଭାଗ, ଡାଲି ଜାତ ସାମଗ୍ରୀର ଦର ଶତକଡା ୮ ଭାଗ ବୃଦ୍ଧି ହୋଇଛି । ରନ୍ଧନ ଗ୍ୟାସର ଦର ସିଲିଣ୍ଡର ପିଛା ୧୦୦୦ଟଙ୍କାରୁ ଉର୍ଦ୍ଧ୍ୱ ହେଲାଣି । ଦରଦାମ ବୃଦ୍ଧି ଫଳରେ ମୁଦ୍ରାସ୍ଫିତି ହାର ମଧ୍ୟ ବୃଦ୍ଧି ପାଉଛି । ଏତିକି ବେଳେ ଓଡିଶାରେ ଲକ୍ଷରୁ ଉର୍ଦ୍ଧ୍ୱ ଚାଷୀ ସରକାରୀ ମଣ୍ଡିରେ ଧାନ ବିକ୍ରୀ ପାଇଁ ଟୋକେନ୍ ପାଇ ସୁଦ୍ଧା ସରକାର କ୍ରୟ ନକରିବା ଫଳରେ ଚାଷି ଏବଂ ସାଧାରଣ ଲୋକଙ୍କ ଦୁର୍ଦ୍ଦଶା ବୃଦ୍ଧି ପାଇବାରେ ଲାଗିଛି ।

ଚଳିତ ମାସ ୨୫ରୁ ୩୧ ପର୍ଯ୍ୟନ୍ତ ଦେଶବ୍ୟାପି ୪ଟି ବାମପନ୍ଥୀ ଦଳ ପକ୍ଷରୁ ମିଳିତ ପ୍ରତିବାଦ ଆହ୍ୱାନକୁ ଓଡିଶାରେ ସଫଳ କରିବାକୁ ବୈଠକରେ ଆହ୍ୱାନ କରାଯାଇଛି । ଚଳିତ ବର୍ଷର ମାଟ୍ରିକ ପରୀକ୍ଷା ପାଇଁ ୪୩୦୦୦ ଛାତ୍ର ଛାତ୍ରୀ ପରୀକ୍ଷା ପାଇଁ ଫର୍ମ ପୂରଣ ନ କରିବା ସାଧାରଣ ଘଟଣା ନୁହେଁ । ୨ ବର୍ଷ ଧରି କୋଭିଡ୍ ମହାମାରୀ ସମୟରେ ଗରିବ ପରିବାର ବିଶେଷ କରି ଗ୍ରାମାଞ୍ଚଳ ଏବଂ ଆଦିବାସୀ ଅଞ୍ଚଳର ଛାତ୍ର ଛାତ୍ରୀମାନେ ଶିକ୍ଷା ପ୍ରାପ୍ତିରୁ ସଂପୂର୍ଣ୍ଣ ବଞ୍ଚିତ ହେଲେ । ସରକାରୀ ସହଯୋଗ ଅଭାବ ସହ ଦାରିଦ୍ର୍ୟ ହେତୁ ଅନଲାଇନ ପାଠ ପଢା ମଧ୍ୟ ଅସମ୍ଭବ ହେବା ସହିତ ପଢା ବହିରେ ଡୋରି ବାନ୍ଧି ଦେଇ ହଜାର ହଜାର ବାଳକ ଓ ବାଳିକା ରାଜ୍ୟ ଛାଡି ରାଜ୍ୟ ବାହାର ଶ୍ରମିକ ଭାବେ କାର୍ଯ୍ୟ ଅନ୍ୱେଷଣରେ ଚାଲିଯାଇଛନ୍ତି । ରାଜ୍ୟ ସରକାରଙ୍କ ପ୍ରଚାର ସର୍ବସ୍ୱ ପଦକ୍ଷେପର କୌଣସି ପ୍ରଭାବ ପଡିନାହିଁ ।

ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତିରେ ଘୋର ଅବନତି ସହିତ ସବୁ ସ୍ତରରେ ବ୍ୟାପକ ଦୁର୍ନୀତି ପାଇଁ ବୈଠକରେ ଉଦ୍‌ବେଗ ପ୍ରକାଶ କରାଯାଇଛି ।

ଓଡିଶାରେ ବିଜେଡି ଦଳର ପ୍ରତ୍ୟକ୍ଷ ଇଙ୍ଗିତରେ ପୋଲିସ୍ ଥାନା ଓ ସରକାରୀ ଅଫିସ୍ ମାନ ପରିଚାଳିତ ହେଉଛି । ଫଳରେ ବେପରୁଆ ଭାବେ ରାଜ୍ୟରେ ଥାନା ହାଜତ ମୃତ୍ୟୁ, ପୋଲିସ୍ ଥାନାରେ ଅଭିଯୋଗକାରୀଙ୍କ ଉପରେ ଆକ୍ରମଣ , ମିଥ୍ୟା ମକଦ୍ଦମା ଆଦି ବଢି ଚାଲିଛି । ରାଜ୍ୟରେ ମହିଳାମାନଙ୍କ ଉପରେ ଅତ୍ୟାଚାର, ଚୋରୀ, ଡକାୟତି, ରାହାଜାନି, ରାଜନୈତିକ ହତ୍ୟାକାଣ୍ଡ ବୃଦ୍ଧି ପାଉଛି । ପୋଲିସ୍ ଥାନା ଓ ସରକାରୀ ଅଫିସଗୁଡିକ ଦୂର୍ନୀତି, ଲାଞ୍ଚ ମିଛର ପେଣ୍ଠରେ ପରିଣତ ହୋଇଛି ।

ସାଧାରଣ ଲୋକେ ପୋଲିସ୍ ଥାନାକୁ ଯାଇ ଅଭିଯୋଗ ପାଇଁ ସାହସ କରୁନାହାନ୍ତି । ଏଣୁ ଥାନା ଭିତରେ ପୋଲିସ୍‌ର ଦୁର୍ବ୍ୟବହାର, ଅତ୍ୟାଚାରୀ ଆଚରଣକୁ ରୋକିବା ପାଇଁ ସମସ୍ତ ଥାନାରେ ସିସି ଟିଭି କ୍ୟାମେରା ସଂଯୋଗ ପାଇଁ ଦଳ ପକ୍ଷରୁ ଦାବୀ କରାଯାଇଛି ।

# ଶିବାନନ୍ଦ ଆଶ୍ରମରେ ବିଶ୍ୱ ଶ୍ରମିକ ଦିବସ ପାଳିତ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ କପାଳେଶ୍ୱର ପଞ୍ଚାୟତର ଗରାପୁରସ୍ଥିତ ଶିବାନନ୍ଦ ଆଶ୍ରମରେ ମା' ରାମଚଣ୍ଡୀ ଉପକୂଳ ବିକାଶ ପରିଷଦ ଆନୁକୂଲ୍ୟରେ ବିଶ୍ୱ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ପରିଷଦର କେନ୍ଦ୍ରାପଡା ବ୍ଲକ ମହିଳା ସଭାନେତ୍ରୀ ଗାୟତ୍ରୀ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଆଶ୍ରମର ପ୍ରତିଷ୍ଠାତା ମୁଖ୍ୟ ଶ୍ରୀମା ଦିବ୍ୟ ସ୍ୱରୂପାନନ୍ଦ ସରସ୍ୱତୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଶ୍ୱ ଶ୍ରମିକ ଦିବସ ଅବସରରେ ସମସ୍ତ ଶ୍ରମିକମାନଙ୍କ ମଙ୍ଗଳକାମନା କରିଥିଲେ। ଏଥିସହିତ ମହିଳା ଶସକ୍ତିକରଣ ନାମରେ ମହିଳାମାନେ ସ୍ୱେଚ୍ଛାଚାରୀ ନହୋଇ ସୁଗୃହିଣୀ ହୋଇ ଏକ ସୁସମାଜ ଗଠନରେ ବ୍ରତୀ ହେବାକୁ ପରାମର୍ଶ ଦେଇଥିଲେ। ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ରାପଡା ପୌରାଞ୍ଚଳ ମହିଳା ସଭାନେତ୍ରୀ ସ୍ନେହାଙ୍ଗୀନି ମହାରଣା, କେନ୍ଦ୍ରାପଡା ବ୍ଲକ ବିଜେଡି ସଭାପତି ସୁମିତ୍ରା ପାଢୀ, କପାଳେଶ୍ୱର ସରପଞ୍ଚଙ୍କ ପ୍ରତିନିଧି ଲୋହିତ ମହାନ୍ତି, ପରିଷଦର ରାଜକନିକା ବ୍ଲକ ମହିଳା ସଭାନେତ୍ରୀ ରୀତାଞ୍ଜଳି ନାଥ, କେନ୍ଦ୍ରାପଡା ବ୍ଲକ ସଭାପତି ସୁଧାଂଶୁ ଜେନା, କେନ୍ଦ୍ରାପଡା ବ୍ଲକ କାର୍ଯ୍ୟକାରୀ ସଭାପତି ଭବାନିଶଙ୍କର ସାହୁ, ଲକ୍ଷ୍ମୀଧର ପଲେଇ, ସ୍ନେହଲତା ପ୍ରଧାନ, ମନୋରମା ଆଟୋଇ, କମଳା ମହାନ୍ତି, ଧରିତ୍ରୀ ମହାନ୍ତି, ଉର୍ମିଳା ପରିଡା, ଶ୍ରୀଧର ମହାନ୍ତି, ଶିକ୍ଷାବୀତ ମନୋରଞ୍ଜନ ତ୍ରିପାଠୀ ଓ ଗବେଷକ ନିରଞ୍ଜନ ମେକାପ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଶେଷରେ ରଞ୍ଜିତାରାଣୀ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।

# ରାଷ୍ଟ୍ରର ବିକାଶରେ ସାମ୍ବାଦିକଙ୍କର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଅଛି

ଭୁବନେଶ୍ୱର (ପିଏନ୍): ଉତ୍କଳ ବୁଲେଟିନ୍ ଚାରିଟେବୁଲ୍ ଟ୍ରଷ୍ଟର ବାର୍ଷିକ ବୈଠକ ସ୍ଥାନୀୟ ଜନକଲ୍ୟାଣ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ, ପ୍ରାଧ୍ୟାପକ ଡ. ଅସିତ ଦାସ, ସମ୍ମାନିତ ଅତିଥି ଭାବେ ପୂର୍ବତନ ଅଧ୍ୟକ୍ଷ, ସାହିତ୍ୟିକ, ସମାଜସେବୀ ଡ. ଚିତ୍ତରଞ୍ଜନ ମହାନ୍ତି, ଶହୀଦ ରଘୁ-ଦିବାକର ସ୍ମୃତି ସଂସଦର ସାଧାରଣ ସମ୍ପାଦକ ବ୍ରଜବନ୍ଧୁ ପରିଡ଼ା ଯୋଗଦେଇ ରାଷ୍ଟ୍ରର ବିକାଶରେ ସାମ୍ବାଦିକର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ସଂଗଠନର ସମ୍ପାଦକ ଅରବିନ୍ଦ ତ୍ରିପାଠୀ କାର୍ଯ୍ୟକ୍ରମକୁ ସଂଯୋଜନା କରି ମତବ୍ୟକ୍ତ କରିଥିଲେ ଯେ, ଅଧୁନା ସାମ୍ବାଦିକ ଓ ସାମ୍ବାଦିକତା କ୍ଷେତ୍ର ବହୁ କଣ୍ଟକିତ ପଥ ଦେଇ ଅତିକ୍ରମ କରୁଛି। ଏହି ଅବସରରେ ଡ. ଚିତ୍ତରଞ୍ଜନ ମହାନ୍ତିଙ୍କୁ ଟ୍ରଷ୍ଟର ନୂତନ ପରିଚାଳନା ନିର୍ଦ୍ଦେଶକ ଭାବେ ଦାୟିତ୍ୱ ମିଳିବା ସହ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ସତ୍ୟ, ନିରପେକ୍ଷ ଖବର ସହ ନିଜର ସମ୍ମାନ ଓ ସ୍ୱାଭିମାନକୁ ସମସ୍ତେ ବଜାୟ ରଖି କାର୍ଯ୍ୟ କରନ୍ତୁ ବୋଲି କହିଥିଲେ। ଉପଦେଷ୍ଟା ମନୀଷା ରାୟ ଭର୍ଚୁଆଲ୍ ମୋଡ୍‌ରେ ଯୋଗଦେଇଥିବା ବେଳେ କାର୍ଯ୍ୟକ୍ରମକୁ ପ୍ରମୁଖ ପରିଚାଳନା କରିଥିଲେ ପ୍ରିୟବ୍ରତ ବାରିକ, ସତ୍ୟବ୍ରତ, ସ୍ୱାଗତିକା ଓ ଚନ୍ଦନକ୍ରା।

# ଦରଦାମ ବୃଦ୍ଧି ବିରୋଧରେ ପ୍ରତିବାଦ ଆନ୍ଦୋଳନ ପାଇଁ ବାମପନ୍ଥୀ ଦଳମାନଙ୍କର ଆହ୍ୱାନ

ଭୁବନେଶ୍ୱର (ପିଏନ୍): ସମସ୍ତ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷପତ୍ରର ଦରଦାମ ଆକାଶ ଛୁଆଁ ଯୋଗୁଁ ସାଧାରଣ ଲୋକଙ୍କ ଜୀବନ ଅତିଷ୍ଠ ହୋଇ ପଡିଲାଣି । କୋଟି କୋଟି ଲୋକ ଦାରିଦ୍ର୍ୟ ମଧ୍ୟକୁ ଠେଲି ହୋଯାଉଛନ୍ତି । ଦରଦାମ ବୃଦ୍ଧି ସହିତ ବେକାରୀ ଭୟଙ୍କର ଭାବେ ବୃଦ୍ଧି ପାଇବା ଯୋଗୁଁ ଲୋକଙ୍କ ଦୁର୍ଦ୍ଦଶା ବହୁ ଗୁଣ ବୃଦ୍ଧି ପାଉଛି ।

ଗତ ଏକ ବର୍ଷ ମଧ୍ୟରେ ପେଟ୍ରୋଲଜାତ ସାମଗ୍ରୀର ଦର ଶତକଡା ୭୦ ଭାଗ, ପନିପରିବା ଶତକଡା ୨୦ ଭାଗ, ଖାଇବା ତେଲା ଶତକଡା ୨୩ ଭାଗ ଏବଂ ଡାଲିର ଦର ଶତକଡା ୮ ଭାଗ ବୃଦ୍ଧି ପାଇଛି । ପରିବାରର ଅନ୍ୟତମ ମୂଖ୍ୟ ଖାଦ୍ୟ ଗହମର ଦର ଶତକଡା ୧୪ ଭାଗ ବୃଦ୍ଧି ଯୋଗୁଁ ସାଧାରଣ ଲୋକେ କିଣିବା ଅସମ୍ଭବ ହୋଇ ପଡିଛି । ସରକାରଙ୍କ ପକ୍ଷରୁ ଗତ ବର୍ଷ ତୁଳନାରେ ଅର୍ଦ୍ଧେକ ପରିମାଣ ମାତ୍ର ଗହମ ସଂଗୃହିତ ହୋଇଛି । ଗତ ବର୍ଷ ୪୪.୪ ମେଟ୍ରିମ୍ ଟନ ଗହମ କେନ୍ଦ୍ର ସରକାର ସଂଗ୍ରହ କରିଥିବା ବେଳେ ଚଳିତ ବର୍ଷ ଏହା ୨୦ ମେଟ୍ରିକ୍ ଟନ୍‌ରୁ ବେଶି ହେବ ନାହିଁ । ଓଡିଶାରେ ଖରିଫରେ ଅମଳ କରିଥିବା ଧାନ ପ୍ରାୟ ୪ ଲକ୍ଷ ଚାଷୀ ସରକାରୀ ମଣ୍ଡିରେ ଟୋକେନ ପାଇଥିଲେ ସୁଦ୍ଧା ବିକ୍ରୀ କରିପାରିନାହାନ୍ତି । ଫଳରେ ଚାଷୀମାନେ କ୍ୟୁଣ୍ଟାଲ ପ୍ରତି ୧୦୦୦/୧୨୦୦ ଟଙ୍କାରେ ଧାନ ବିକ୍ରୀ କରି ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଛନ୍ତି ।

ଧାରାବାହିକ ଭାବେ ପେଟ୍ରୋଲ ଜାତ ସାମଗ୍ରୀ, ରନ୍ଧନଗ୍ୟାସ ସିଲିଣ୍ଡର ଏବଂ ଗହମର ଉତ୍କଟ ଅଭାବ ଯୋଗୁଁ ଦେଶର ସାମଗୀକ ଭାବେ ମୁଦ୍ରାସ୍ଫିତି ବୃଦ୍ଧି ପାଇଛି । ଏତିକି ବେଳେ ପୁଣି ବିଜୁଳି ଦର ବୃଦ୍ଧି, ଘନ ଘନ ବିଦ୍ୟୁତ୍ କାଟ ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ।

ଏଭଳି ସ୍ଥିତିରେ ଦରଦାମ ବୃଦ୍ଧିରେ ଅଙ୍କୁଶ ଲଗାଇ ଲୋକଙ୍କୁ ବଞ୍ଚାଇବା ପାଇଁ ସି.ପି.ଆଇ.(ଏମ୍), ସି.ପି.ଆଇ.,, ସି.ପି.ଆଇ.ଏମ୍.ଏଲ୍.(ଲିବରେସନ୍), ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକ ଭଳି ବାମପନ୍ଥୀ ଦଳମାନେ, କେନ୍ଦ୍ର ସରକାର ତୁରନ୍ତ ପେଟ୍ରୋଲଜାତ ସାମଗ୍ରୀ ଉପରେ ଆଦାୟ କରୁଥିବା ସେସ/ସରଚାର୍ଜ ପ୍ରତ୍ୟାହାର କରି ଦର କମାଇବା ଏବଂ ରନ୍ଧନଗ୍ୟାସ ସିଲିଣ୍ଡର ଦର କମାଇବା ପାଇଁ ଦାବୀ କରିଛନ୍ତି । ଏତଦ୍ ବ୍ୟତୀତ , ସରକାରୀ ଖୁଚୁରା ବିକ୍ରି କେନ୍ଦ୍ରରେ ଗହମ ସରକାରୀ ଦରରେ ଉପଲବ୍ଧ କରିବା ଏବଂ ଗଣ ବଣ୍ଟନ ବ୍ୟବସ୍ଥାକୁ ସୁଦୃଢ କରି ଖାଇବା ତେଲ, ଡାଲି ସମେତ ସମସ୍ତ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ଯୋଗାଣ, ଆୟକର ଦେଉନଥିବା ପରିବାର ଗୁଡିକୁ ମାସିକ ୭୫୦୦/- ଟଙ୍କା ନଗଦ ଦେୟ ଦେବାକୁ ବାମପନ୍ଥୀ ଦଳମାନେ ଦାବୀ କରିଛନ୍ତି ।

ବେକାରୀ, ବେରୋଜଗାରୀ ଦୂରିକରଣ ଲାଗି ଜାତୀୟ ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମ ଯୋଗାଣ ଆଇନ (ଗଏଘଜରଏଇ) ରେ ଅଧିକ ବ୍ୟୟ ବରାଦ, ସହରାଞ୍ଚଳରେ କର୍ମନିଯୁକ୍ତି ନିଶ୍ଚିତ କରିବା ଲାଗି ସ୍ୱତନ୍ତ୍ର ଆଇନ ପ୍ରଣୟନ, ସମସ୍ତ ଖାଲିଥିବା ପଦବୀ ପୂରଣ ଏବଂ ନିଯୁକ୍ତି ନଚେତ ବେକାରୀ ଭତ୍ତା ପାଇଁ ଦାବୀ କରାଯାଇଛି । ଚଳିତ ମଇ ମାସ ୨୫ରୁ ୩୧ ପର୍ଯ୍ୟନ୍ତ ବାମପନ୍ଥୀ ଦଳଗୁଡିକ ଦେଶବ୍ୟାପି ପ୍ରତିବାଦ ଆନ୍ଦୋଳନ ପାଇଁ ଆହ୍ୱାନ କରିଛନ୍ତି । ଓଡିଶାର ସର୍ବତ୍ର ଏହି ଆନ୍ଦୋଳନକୁ ସଫଳ କରିବାକୁ ଶ୍ରୀ ଆଶିଷ୍ କାନୁନ୍‌ଗୋ, ସଂପାଦକ ସି.ପି.ଆଇ. ଓଡିଶା ରାଜ୍ୟ କାଉନ୍‌ସିଲ୍ , ଅଳି କିଶୋର ପଟ୍ଟନାୟକ, ସମ୍ପାଦକ ସି.ପି.ଆଇ.(ଏମ୍) ଓଡିଶା ରାଜ୍ୟ କମିଟି, ଯୁଧିଷ୍ଠିର ମହାପାତ୍ର, ସି.ପି.ଆଇ.(ଏମ୍.ଏଲ୍) ଲିବରେସନ୍ ଓଡିଶା ରାଜ୍ୟ କମିଟି, ଜ୍ୟୋତି ରଞ୍ଜନ ମହାପାତ୍ର ସାଧାରଣ ସମ୍ପାଦକ ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକ ଓଡିଶା ରାଜ୍ୟ କମିଟି ପକ୍ଷରୁ ଏକ ମିଳିତ ବିବୃତ୍ତିରେ ନିବେଦନ କରିଛନ୍ତି ।

# ବିଜୟ ପ୍ରଧାନଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡ଼ା ଜିଲ୍ଲାର ମହାକାଳପଡ଼ା ନିର୍ବାଚନମଣ୍ଡଳୀର ବିଜେପି ନେତା ବିଜୟ ପ୍ରଧାନଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକ ପ୍ରକାଶ କରାଯାଇଛି। ଏହି ଅବସରରେ ବିଶିଷ୍ଟ ସମବାୟବିତ ପ୍ରମୋଦ କୁମାର ସାହୁ ଶୋକବ୍ୟକ୍ତ କରି କହିଛନ୍ତି ସ୍ୱର୍ଗତ ପ୍ରଧାନ ଜଣେ ଅମାୟିକ ଓ ମିଷ୍ଟଭାସୀ ରାଜନେତା ଥିଲେ ବୋଲି କହିଛନ୍ତି। ଭୁବନେଶ୍ୱରରୁ ସ୍ୱର୍ଗତ ପ୍ରଧାନଙ୍କ ଶବାଧାର ତାଙ୍କ ଗ୍ରାମ ଅଭିମୁଖେ ଯିବା ବେଳେ କେନ୍ଦ୍ରାପଡା ସହରର ପୁରୁଣା ବସଷ୍ଟାଣ୍ଡରେ ତାଙ୍କ ମରଶରୀରରେ ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ସମାଜସେବୀ ପ୍ରଦୀପ କୁମାର ମହାନ୍ତି, ପୂର୍ବତନ ନଗରପାଳ ମହମ୍ମଦ ଆକବର ଅଲ୍ଲୀ, କଂଗ୍ରେସ ନେତା ଫକୀର ଚରଣ ଖଟୁଆ, ମୁକ୍ତାର ଖାଁ, ଗୋପାଳକୃଷ୍ଣ ଜେନା, ମହମ୍ମଦ ସଲିମ ଖାନ, ହରେକୃଷ୍ଣ କର, ଗୌରାଙ୍ଗ ଚରଣ ବେହେରା, ବିଜୟ କୁମାର ଅଗ୍ରୱାଲ, କେନ୍ଦ୍ରାପଡା ସାଂସଦଙ୍କ ମହାକାଳପଡା ପ୍ରତିନିଧି ତଥା ଗୋଗୁଆ ପଞ୍ଚାୟତର ସମିତିସଭ୍ୟ ପ୍ରତାପ ଚନ୍ଦ୍ର ଦାସ, ମୀର ମୂର୍ଶିଦ, ମମତାମୟୀ ସାମଲ, ଭୁବନମୋହନ ଜେନା, ସୁନାକର ବେହେରା ପ୍ରମୁଖ ତାଙ୍କ ଶବାଧାରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାସୁମନ ଜ୍ଞାପନ କରିଥିଲେ।

# କୃଷି ବିଜ୍ଞାନ କେନ୍ଦ୍ରରେ ଜିଲ୍ଲାସ୍ତରୀୟ କୃଷି ଦିବସ ପାଳିତ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ କପାଳେଶ୍ୱର ପଞ୍ଚାୟତର ଜଜାଙ୍ଗସ୍ଥିତ କୃଷି ବିଜ୍ଞାନ କେନ୍ଦ୍ରରେ ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଜିଲ୍ଲା ସ୍ତରୀୟ କୃଷି ଦିବସ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଅନୁଷ୍ଠିତ ଉତ୍ସବରେ କେନ୍ଦ୍ରାପଡା ବିଧାୟକ ଶଶିଭୂଷଣ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃଷିର ବିକାଶ ହେଲେ ରାଜ୍ୟର ବିକାଶ ହୋଇପାରିବ ବୋଲି କହିଥିଲେ। ଏଥିସହିତ ବିଧାୟକ ଶ୍ରୀ ବେହେରା ଅକ୍ଷିମୁଠି ବୁଣି ଶୁଭ ଅନୁକୂଳ କରିଥିଲେ । ଏହି ଉପଲକ୍ଷେ ଅନୁଷ୍ଠିତ ଉତ୍ସବରେ କେନ୍ଦ୍ରାପଡା ବ୍ଲକ ଉପାଧ୍ୟକ୍ଷ ପ୍ରତାପ ନାରାୟଣ ମହାପାତ୍ର, ଜିଲ୍ଲା ପରିଷଦ ସଭ୍ୟା ନିର୍ମଳା ମହାନ୍ତି, ରଶ୍ମି ରଞ୍ଜନ ରାଉତ, ମଧୁଛନ୍ଦା ମହାନ୍ତି, ଲିଲିତା ଦାସ, କପାଳେଶ୍ୱର ପଞ୍ଚାୟତ ସରପଞ୍ଚ କଳ୍ପନା ମହାନ୍ତି, ବରିଷ୍ଠ ରାଜନେତା ଭଜକୃଷ୍ଣ ରାଉତ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଚାଷୀମାନଙ୍କ ବିକାଶ ପାଇଁ ରାଜ୍ୟ ସରକାର କିଭଳି କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି ସେ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । କେନ୍ଦ୍ରାପଡା ଉଦ୍ୟାନ କୃଷି ବିଭାଗର ସହକାରୀ ନିର୍ଦ୍ଦେଶକ କନ୍ଦ ଜେନା, ସହକାରୀ ମୃର୍ତ୍ତିକା ସଂରକ୍ଷଣ ଅଧିକାରୀ ଆଶୋକ କୁମାର ସାମଲ, 'ଆତ୍ମା'ର ଉପପ୍ରକଳ୍ପ ନିର୍ଦ୍ଦେଶକ ମନୋରଞ୍ଜନ ରାଉଳ, ଜିଲ୍ଲା କୃଷି କାର୍ଯ୍ୟାଳୟର ଯୋଜନା ଅଧିକାରୀ ପ୍ରଦୀପ୍ତ ଘୋଷ, କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ତଥା ମୁଖ୍ୟ ଡଃ. ସୂର୍ଯ୍ୟ ନାରାୟଣ ମିଶ୍ର, ଉଦ୍ୟାନ କୃଷି ବିଭାଗ ବୈଜ୍ଞାନିକ ପ୍ରଭଞ୍ଜନ ମିଶ୍ର, କୃଷି ବିଭାଗର କାର୍ଯ୍ୟକ୍ରମ ସହାୟକ ପ୍ରଭାତ କୁମାର ସାହୁ, ମତ୍ସ୍ୟ ବିଭାଗ ବୈଜ୍ଞାନିକ ମାନସ ରଞ୍ଜନ ବେହେରା ଓ ମାତୃପ୍ରସାଦ ମହାନ୍ତି ପ୍ରମୁଖ ଉତ୍ସବରେ ଯୋଗଦେଇ ଚାଷୀମାନଙ୍କୁ କିଭଳି ଧାନ ଚାଷଠାରୁ ଆରମ୍ଭ କରି ମାଛ, ପନିପରିବା ଏବଂ ଅନ୍ୟାନ୍ୟ ଚାଷ ସମ୍ପର୍କରେ ବୁଝାଇଥିଲେ । ଶେଷରେ କୃଷି ବିଜ୍ଞାନ କେନ୍ଦ୍ର ଗୃହବିଜ୍ଞାନ ବିଭାଗର ବୈଜ୍ଞାନିକନମିତା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।


## DISPLAY CLASSIFIED

FOR ADVERTISEMENT CONTACT

Phone No. (0674) 2555116/9853400829

Fax: (0674) 2550504

E-mail : paryabekhyak@gmail.com

editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)

10c.m.x 4cm: Rs. 350/- (One day)

5c.m.x 4cm: Rs. 5,000/- (One Month)

5c.m.x 4cm: Rs. 200/- (One day)

VED BHAWAN

Creating Peace, Progress & Prosperity

For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.

DO YOU NEED PUNDITS / ASTROLOGERS / VASTU EXPERTS ?

Contact

Near Mukteswar Temple,

Sarbodaya Nagar, Puri.

N-3, B-14/15, MPS Campus, Nayapalli, Bhubaneswar

Ph. 0674-2550786, Fax : 0674-2550504

Email.: yagyaanusthan@sify.com

ADMISSION ON

MPS PLAY HOME

Where awareness nurtured, innocence blossoms.

For

PRE-NURSERY, NURSERY, L.K.G. & U.K.G.

N-3B-14/15, Ekamra Kanan Road,Nayapalli, BBSR

Tel : (0674) 2556225, 2558884, Fax : 2550504

Email : maharishipublicschool@yahoo.com

Web : www.maharishipublicschool.com

Pragyan Communication

Mahaditya Publication

ADMISSION ON

MAHARISHI PUBLIC SCHOOL

your gateway to complete education

For

PRE-NURSERY, NURSERY, L.K.G., U.K.G., Std-1 to Std-VIII

Baghra Road, Baripada

Tel-06792-255227

Email : maharishipublicschool@yahoo.com

Web : www.maharishipublicschool.com


# ଶ୍ରୀ ଜଗନ୍ନାଥଙ୍କ ପଟିଦିଅଁ ଅଙ୍କନ ପାଇଁ ସ୍ୱୀକୃତି ପ୍ରଦାନ



ବାଲେଶ୍ୱର (ପିଏନ୍)- ବାଲେଶ୍ୱରରେ ପ୍ରତିବର୍ଷ ପରି ଚଳିତ ବର୍ଷ ବାଲେଶ୍ୱରୀ କଳା କେନ୍ଦ୍ର ଓ ନୋସି କଲଚ୍ୟୁରାଲ ଏକାଡ଼େମୀର ମିଳିତ ଆନୁକୂଲ୍ୟରେ ଶ୍ରୀ ଜଗନ୍ନାଥ ସଂସ୍କୃତିର ଅନନ୍ୟ ଓ ନିଆରା ଅଙ୍କନ ପରମ୍ପରା ପଟିଦିଅଁ ଅଙ୍କନ ଉତ୍ସବ ପାଇଁ ପବିତ୍ର ଅକ୍ଷୟ ତୃତୀୟା ଅବସରରେ ରେମୁଣା ଗୋଲେଇ ନିକଟସ୍ଥ ମଙ୍ଗଳପୁର ଜଗନ୍ନାଥ ମନ୍ଦିରରେ ପୂର୍ବାହ୍ନ ୮ ଘଟିକାରେ ଶିଳ୍ପୀ କେଶୁ ଦାସ ଜଗନ୍ନାଥଙ୍କ ଅନନ୍ତ ନାରାୟଣ ଓ ଅରୁଣ କୁମାର ବାରିକ, ବଳଭଦ୍ରଙ୍କ ଅନନ୍ତ ବାସୁଦେବ ଓ ଦେବାଶିଷ ପତି, ସୁଭଦ୍ରାଙ୍କ ଭୁବନେଶ୍ୱରୀ ପଟିଦିଅଁ ଆଙ୍କିବା ପାଇଁ ମନ୍ଦିରରୁ ବିଧିପୂର୍ବକ ଚିତ୍ରକରଙ୍କୁ ସ୍ୱୀକୃତି ପ୍ରଦାନ କରାଯାଇଛି। ଚଳିତ ବର୍ଷ ବାଲେଶ୍ୱରର ନୀଳଗିରି ଜଗନ୍ନାଥ ମନ୍ଦିର, ସାସଙ୍ଗ ଜଗନ୍ନାଥ ମନ୍ଦିର, ମୋତିଗଞ୍ଜ ବାଣିଆ ଜଗନ୍ନାଥ ମନ୍ଦିର, ଜଳେଶ୍ୱର ଇସ୍କନ ଜଗନ୍ନାଥ ମନ୍ଦିର, ଜୟଦେବ କଷବାର ଜଗନ୍ନାଥ ମନ୍ଦିର, ମଙ୍ଗଳପୁର ଜଗନ୍ନାଥ ମନ୍ଦିର, ଦୁବଲାଗଡ଼ିର ପତିତପାବନ ଶ୍ରୀଜଗନ୍ନାଥ ଓ ଗଣେଶ୍ୱରପୁରର କାଳିଆ ଛୁଆ ଶ୍ରୀଜଗନ୍ନାଥ ଓ ରେମୁଣାର ଜଗନ୍ନାଥ ମନ୍ଦିରରୁ ଯଥାବିଧି ସ୍ୱୀକୃତି ପ୍ରଦାନ କରାଯାଇଛି। ମଙ୍ଗଳପୁର ଜଗନ୍ନାଥ ମନ୍ଦିରର ପୂଜକ ଜ୍ୟୋତିର୍ମୟ ପଣ୍ଡା, ମନ୍ଦିରର ମୁଖ୍ୟ ମନୋରଞ୍ଜନ ସାହୁ, ଚିତ୍ରଶିଳ୍ପୀ ଭବାନିଶଙ୍କର ନାୟକ, ପପୁନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିବା ବେଳେ ପୂଜକ ହରେକୃଷ୍ଣ ବେହେରା ବିଧି ସଂପାଦନ କରିଥିଲେ। ଆସନ୍ତା ଜୁନ ମାସ ୧୦ରୁ ୧୪ ତାରିଖ ପର୍ଯ୍ୟନ୍ତ ୫ ଦିନ ବ୍ୟାପି ନୋସି ବିଜିନେସ ପାର୍କର ଉତ୍କଳିକା ଶିଳ୍ପ ଗ୍ରାମରେ ଏକ କଳାତ୍ମକ ତଥା ଆଧ୍ୟାତ୍ମିକ ପରିବେଶ ସହ ପଟ୍ଟଚିତ୍ରର ପ୍ରଦର୍ଶନୀ, କର୍ମଶାଳା, ପ୍ରତିଯୋଗିତା ଓ ଆଲୋଚନା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ପଟିଦିଅଁ ଅଙ୍କନ ଉତ୍ସବ ସମ୍ପନ୍ନ ହେବ ବୋଲି ଜଣାପଡ଼ିଛି।

# ପ୍ରଚଣ୍ଡ ଖରାରେ ଛତା ବଣ୍ଟନ କଲା ଶ୍ରୀରାମ ସେବା ସଂଗଠନ



ବାଲେଶ୍ୱର (ପିଏନ୍)-ଶ୍ରୀରାମ ସେବା ସଂଗଠନ ତରଫରୁ ବହୁ ଦିନରୁ ପ୍ରୟାସ ଥିଲା ଯେ ଯେଉଁ ଅସହାୟ, ଭିକ୍ଷୁକ, ବିକଳାଙ୍ଗ ଲୋକମାନେ ଚଳିତ ବର୍ଷ ହେଉଥିବା ପ୍ରଚଣ୍ଡ ଖରାରେ ବସଷ୍ଟାଣ୍ଡ, ରେଲୱେ ଷ୍ଟେସନ, ସାଇ ମନ୍ଦିର ଓ ଝାଡ଼େଶ୍ୱର ମନ୍ଦିର ଆଦି ସ୍ଥାନମାନଙ୍କରେ ବସି ଭିକ୍ଷାବୃତି କରୁଛନ୍ତି ସେମାନଙ୍କୁ କେମିତି ସେହି ଯାଗାରେ ବସି ଆରାମରେ ନିଜ ପେଟ ପାଇଁ ଖାଦ୍ୟ ଯୋଗାଡ଼ କରିପାରିବେ ସେଥିପାଇଁ ଶ୍ରୀରାମ ସେବା ସଂଗଠନ ତରଫରୁ କିଛି ଖାଦ୍ୟପୁଡ଼ିଆ ଓ ଛତା ବଣ୍ଟନ କରାଯାଇଥିଲା। ବାଲେଶ୍ୱର ନୂଆ ବଜାର ସ୍ଥିତ ବାବା ଝାଡ଼େଶ୍ୱର ମନ୍ଦିର ପାଖରୁ ଏହି କାର୍ଯ୍ୟ ଆରମ୍ଭ କରାଯାଇଥିଲା। ସଂଗଠନର ସଂପାଦକ ଶ୍ରୀଯୁକ୍ତ କୃତିବାସ ପଣ୍ଡା, ସହ-ସଂପାଦକ ଚିତରଞ୍ଜନ ମହାନ୍ତି, କାର୍ଯ୍ୟନିର୍ବାହୀ ସହକର୍ମୀ କୁମାର ଶୁଭକାନ୍ତ ଓ ଅନ୍ୟ ସଦସ୍ୟ ସଦସ୍ୟାମାନେ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ବୈଶାଖ ମାସର ପ୍ରଚଣ୍ଡ ଖରାରେ ଏଭଳି କାର୍ଯ୍ୟକ୍ରମକୁ ବୁଦ୍ଧିଜୀବୀ ମହଲରେ ପ୍ରଶଂସା କରାଯାଇଛି।

# ବିଳମ୍ବିତ ରାତ୍ରିରେ ଅସହାୟ ବୃଦ୍ଧାଙ୍କ ଶବ ଉଦ୍ଧାର

ବାଲେଶ୍ୱର (ପିଏନ୍)- ବାଲେଶ୍ୱର ରେମୁଣା ବ୍ଲକ ଗୁଡୁଦା ପଞ୍ଚାୟତ ଅନ୍ତର୍ଗତ ମାଦଳବଜା ଗ୍ରାମରେ ଦିବା ୩ଟା ସମୟରେ ଜଣେ ଅସହାୟ ବୃଦ୍ଧାଙ୍କ ମରଶରୀର ପଡ଼ିରହିଥିବା ସତ୍ୱେ ଗ୍ରାମବାସୀ କୌଣସି ସହଯୋଗ କରି ନ ଥିଲେ। ସ୍ଥାନୀୟ ଲୋକେ ଗୁଡୁଦା ସରପଞ୍ଚ ଏବଂ ଦୂର୍ଗାଦେବୀ ଫାଣ୍ଡି ଅଧିକାରୀଙ୍କୁ ଖବର ଦେବା ପରେ ଫାଣ୍ଡି ଏବଂ ରେମୁଣା ଥାନାର କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ରାତି ପ୍ରାୟ ୧୧ଟା ସମୟରେ ସେବା ସଂଗଠନ ଓଡ଼ିଶାର ଅଧ୍ୟକ୍ଷ ତଥା ବଡ଼ପାଳ ସରପଞ୍ଚ କମଳଲୋଚନ ପଣ୍ଡାଙ୍କୁ ଫୋନ କରି ଏ ବିଷୟରେ ଜଣାଇଥିଲେ। ସଂଗେ ସଂଗେ ସେବା ସଂଗଠନ ଓଡ଼ିଶାର ସଦସ୍ୟ କ୍ଷିତି କୁମାର ବିନ୍ଧାଣୀ, ମନୋଜ କୁମାର ରାଉତ, ରତିକାନ୍ତ ମାଝି, ବିଜୟ ସାହୁ, ସୂର୍ଯ୍ୟ ଲକ୍ଷ୍ମୀ ବିନ୍ଧାଣୀ, ରତ୍ନାକର ସେଠୀ ଏବଂ ଅନ୍ୟ ସଦସ୍ୟ ମାନେ ସେଠାରେ ପହଞ୍ଚି ଶବକୁ ଆମ୍ବୁଲାନ୍ସ ଜରିଆରେ ବାଲେଶ୍ୱର ବଡ଼ଡାକ୍ତରଖାନାକୁ ପଠାଇଥିଲେ।

# ସ୍ୱଚ୍ଛ ଭାରତର ଅସ୍ୱଚ୍ଛ ଚିତ୍ର



ଭୁବନେଶ୍ୱର (ପିଏନ୍): ସ୍ୱଚ୍ଛ ଭାରତର ଅସ୍ୱଚ୍ଛ ଚିତ୍ର। ଏହି ଅସ୍ୱଚ୍ଛତାର ଚିତ୍ର ଦେଖିବାକୁ ମିଳିଛି ଐତିହ୍ୟ, କୀର୍ତ୍ତିରାଜି ମଣ୍ଡିତ ମହାପ୍ରଭୁ ଶ୍ରୀଲିଙ୍ଗରାଜ ମନ୍ଦିରର ବାହାର ପ୍ରାଚୀର ପାର୍ଶ୍ୱରେ। ପରିମଳ ଦିନକୁ ଦିନ ବିଗିଡ଼ିବାରେ ଲାଗିଛି। ସିଂହଦ୍ୱାର ଓ ଜୋତାଷ୍ଟାଣ୍ଡ ନିକଟରେ ରହିଥିବା ପାଚେରୀ କଡ଼ରେ ଅସାମାଜିକ ବ୍ୟକ୍ତିବିଶେଷଙ୍କ ମଳତ୍ୟାଗ କରିବାଠାରୁ ଆରମ୍ଭ କରି ଆଖପାଖରେ ବସି ମଦ୍ୟପାନ କରି ପାଚେରୀ କଡ଼କୁ ମଦବୋତଲ ଫିଙ୍ଗିବା ଏବଂ ପାଦ ପ୍ରଖ୍ୟାଳନ ପ୍ରକଳ୍ପ ପାର୍ଶ୍ୱରେ ପରିସ୍ରା କରିବା ଯାହା ସମ୍ପୂର୍ଣ୍ଣ ପରିବେଶକୁ ବିଗାଡ଼ି ଦେଇଛି। ଗଣ୍ଡା ଗଣ୍ଡା ପୁଲିସ୍ ପଇଁତରା ମାରୁଥିଲେ ମଧ୍ୟ ପୁଲିସ୍‌ର ଆଖି ସାମ୍ନାରେ ଘଟୁଛି ବିପର୍ଯ୍ୟସ୍ତ ପରିମଳ। ଯାହାକୁ ନେଇ ଚିନ୍ତାପ୍ରକଟ କରିଛନ୍ତି ସାମାଜିକ କର୍ମୀ ତଥା ପରିବେଶବିତ୍ ସୁଶାନ୍ତ ସାହୁ। ପବିତ୍ରତାକୁ ବିଗାଡୁଥିବା ଅସାମାଜିକ ବ୍ୟକ୍ତିବିଶେଷଙ୍କ ପାଇଁ କଡ଼ା କାର୍ଯ୍ୟାନୁଷ୍ଠାନ ସହ ସିସିଟିଭି ପରିସର ଭିତରେ ଅଞ୍ଚଳଟିକୁ ନିଆଯାଉ। ଯେଉଁ ଐତିହ୍ୟକୁ ନେଇ ଆମେ ସାରା ବିଶ୍ୱରେ ଗର୍ବିତ ତା'ର ସୁରକ୍ଷା ପାଇଁ ପ୍ରତିଟି ନାଗରିକ ଯତ୍ନବାନ ହେବା ସହ ମନ୍ଦିର ପ୍ରଶାସନ, ସେବାୟତ ଏବଂ ସ୍ଥାନୀୟ ବାସିନ୍ଦାଙ୍କ ସହଯୋଗ ନିତାନ୍ତ ଜରୁରୀ ବୋଲି ଶ୍ରୀ ସାହୁ ପ୍ରକାଶ କରିଛନ୍ତି।




# ହାଇଦ୍ରାବାଦରେ ଦାଦନ ଶ୍ରମିକଙ୍କ ମୃତ୍ୟୁ, ଥାନାରେ ମାମଲା

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲାରେ ପୁଣି ଜଣେ ଦାଦନ ଶ୍ରମିକଙ୍କର ମୃତ୍ୟୁ ଘଟିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି । ଏନେଇ ମୃତ ଦାଦନ ଶ୍ରମିକଙ୍କ ଭାଇ ଖଡିଆଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ସୂଚନାମତେ ଖଡିଆଳ ବ୍ଲକ ରାଣିମୁଣ୍ଡା ଗ୍ରାମର ମନୋଜ ହିଆଲ ନାମକ ଯୁବକ ଚଳିତ ମାସ ୫ ତାରିଖ ଦିନ ହଇଦ୍ରାବାଦକୁ ଦାଦନ ଖଟିବାକୁ ବାହାରିଥିଲେ । ସେ ଗତ ୭ ତାରିଖ ଦିନ ହାଇଦ୍ରାବାଦର ଇନ୍ଦ୍ରମପାଟନମ ଥାନା ସ୍ଥିତ ପିତୁଲା ଗ୍ରାମରେ ଥିବା ଇଟାଭାଟିରେ ପହଂଚିଥିଲେ । ଦାଦନ ମାଲିକ ଏଙ୍କେଟେସ ମନୋଜ ହିଆଲଙ୍କୁ ପ୍ରଥମେ ଟ୍ରେନରେ ଟିକେଟ କାଟି ଦେଇ ପହଂଚିଲା ପରେ ୬୦ ହଜାର ଟଙ୍କା ଦେବାକୁ ପ୍ରତିଶୃତି ଦେଇଥିଲେ । ହେଲେ ମନୋଜ ପହଂଚିବା ପରେ କାମ କରିବାକୁ କହିଥିଲେ । ଟଙ୍କା କଥା କହିବାରୁ କିଛି ଦିନ ପରେ ଦିଆଯିବ ବୋଲି କହିଥିଲେ । କିନ୍ତୁ ଗତକାଲି ମନୋଜ କାମ କରିବା ପରେ ଅସୁସ୍ଥ ଅନୁଭବ କରିଥିଲେ । ସାଥି ମାନେ ଏନେଇ ମାଲିକଙ୍କୁ ମଧ୍ୟ ଖବର ଦେଇଥିଲେ । କିନ୍ତୁ ମାଲିକ କୌଣସି ଗୁରୁତ୍ୱ ଦେଇନଥିଲେ । ଶେଷରେ ଗ୍ରାମରୁ ମନୋଜଙ୍କ ଭାଇ ତୁକାରାମ ହିଆଲ ମାଲିକ ଏଙ୍କେଟେସଙ୍କୁ ଫୋନ କରି ଭାଇର ଦେହ ଖରାପ ଥିବା କହି ଡାକ୍ତରଖାନା ନେବାକୁ କହିଥିଲେ । ଶେଷରେ ଗତରାତ୍ରୀରେ ଡାକ୍ତରଖାନାକୁ ନେବା ବେଳକୁ ତାଙ୍କର ମୃତ୍ୟୁ ହୋଇ ସାରିଥିଲା । ଏନେଇ ମନୋଜଙ୍କ ଭାଇ ତୁକାରାମ ହିଆଲ ମାଲିକ ଏଙ୍କେଟେସଙ୍କ ବିରୁଦ୍ଧରେ ଖଡିଆଳ ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାପଡିଛି । ଏଠାରେ ସୂଚନା ଯୋଗ୍ୟ ଯେ ନୂଆପଡା ଜିଲାରେ ଦାଦନ ସମସ୍ୟାର ଅନ୍ତ ଘଟୁନାହିଁ । ଜିଲାର ପ୍ରତି ପ୍ରାନ୍ତରୁ ଦାଦନ ସମସ୍ୟା ଦେଖାଦେଇଛି । ଏଠାକାର ଶ୍ରମିକ ଦାଦନ ଖଟିଯାଇ ଅନେକ ସମୟରେ ଅକଥନୀୟ ନିର୍ଯାତନା ଭୋଗ କରୁଥିବା ସ୍ଥଳେ ଦାଦନ ସମସ୍ୟାର ସମସ୍ୟାର ସମାଧାନ ହୋଇ ପାରୁନାହିଁ । ସରକାର ଦାଦନ ରୋକିବା ସକାଶେ ଅନେକ ଯୋଜନା କାର୍ଯ୍ୟକାରୀ କରିଥିବା ସ୍ଥଳେ ତାର ସମାଧାନ ହୋଇ ପାରୁନାହିଁ । ଫଳରେ ଏଠାକାର ଲୋକେ ଅଧିକ ଅର୍ଥ ଲାଳସାରେ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇ ଅକାରଣରେ ସେମାନଙ୍କ ଜୀବନ ଚାଲି ଯାଉଥିବା ଭଳି ଘଟଣା ଅନେକ ସମୟରେ ଘଟୁଅଛି । ଜିଲ୍ଲା ପ୍ରଶାସନ ସହ ରାଜ୍ୟ ସରକାର ତୁରନ୍ତ ଦୃଷ୍ଟି ଦେଇ ଦାଦନ ସମସ୍ୟାର ସମାଧାନ କରିବାକୁ ସାଧାରଣରେ ଦାବୀ ହେଉଛି ।

# ୨୬୦ ଗ୍ରାମ ବ୍ରାଉନ ସୁଗାର ଜବତ,ଦୁଇ ଗିରଫ



ଖୋର୍ଦ୍ଧା,(ପିଏନ): ଖୋର୍ଦ୍ଧା ଜିଲ୍ଲା ଆରକ୍ଷୀ ଅଧିକାରୀ ସିଦ୍ଧାର୍ଥ କଟରିଆଙ୍କ ନିର୍ଦ୍ଦେଶକ୍ରମେ ଏସଡପିଓ ଶୁଶୀଲ କୁମାର ମିଶ୍ରଙ୍କ ତତ୍ୱାବଧାନରେ ସଦରଥାନା ଅଧିକାରୀ ସଞ୍ଜୟ କୁମାର ପଟ୍ଟନାୟକଙ୍କ ସହଯୋଗରେ ଅତର୍କିତ ଭାବରେ ଚଢାଉ କରି ଲକ୍ଷାଧିକ ଟଙ୍କାର ବ୍ରାଉନ ସୁଗାର ଜବତ ସହ ଦୁଇ ଜଣଙ୍କୁ ଗିରଫ କରାଯାଇଛି । ସୂଚନା ଅନୁଯାଇ ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ଅରାଙ୍ଗ ଗ୍ରାମର ଅଁଳେଇ ମନ୍ଦିର ଆଗରେ ଶନିବାର ପୂର୍ବାହ୍ନରେ ସଦର ଥାନା ପୋଲିସ ଚଢାଉ କରି ୨୬୦ ଗ୍ରାମ ବ୍ରାଉନସୁଗାର ଓ ଗୋଟିଏ ଆପାଚି ମୋଟର ସାଇକେଲ ଜବତ କରିବା ସହ ଦୁଇ ଅଭିଯୁକ୍ତକୁ ଗିରଫ କରାଯାଇଛି । ଯାହାର ଆନୁମାନିକ ମୂଲ୍ୟ ପଦରାୟ ୨୫ ଲକ୍ଷ ହେବ ବୋଲି ଆକଳନ କରାଯାଇଛି । ଅଭିଯୁକ୍ତ ଦ୍ୱୟ ହେଲେ ଖୋର୍ଦ୍ଧା ସଦର ମହକୁମାର ନୂଆ ହସପିଟାଲ ନିକଟସ୍ଥ ସତ୍ୟ ନାରାୟଣ ନଗରର ପ୍ରକାଶ ନାୟକ (୪୨) ଓ ଆଦର୍ଶ ଥାନା ଅନ୍ତର୍ଗତ ଗୁରୁଜଙ୍ଗ ଟାଙ୍ଗି ସାହିର ସୁରେଶ କୁମାର ସାହୁ ।

## ନ୍ତସମାସ' ସାହିତ୍ୟାନୁଷ୍ଠାନର ବାର୍ଷିକୋତ୍ସବ ଆୟୋଜନ

ଭୁବନେଶ୍ୱର,୨୮।୫(ପି.ଏନ): ନ୍ତସମାସ' ସାହିତ୍ୟାନୁଷ୍ଠାନର ବାର୍ଷିକୋତ୍ସବ ତା ୨୯.୦୫.୨୦୨୨ରିଖ ଦିନ ସନ୍ଧ୍ୟା ୬.୩୦ ଘଟିକାରେ ଭୁବନେଶ୍ୱରସ୍ଥ ବୁଦ୍ଧ ମନ୍ଦିର, ୟୁନିଟ-୯ ଠାରେ ଅନୁଷ୍ଠିତ ହେଉଅଛି । ଏଥିରେ କବି ଡକ୍ଟର ଫନୀ ମହାନ୍ତି ଓ କବି ସମାଲୋଚକ ଡକ୍ଟର ଭଗବାନ ଜୟସିଂହ ସମ୍ମାନିତ ଅତିଥି, ଡକ୍ଟର ମନୋରମା ବିଶ୍ୱାଳ ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦାନ କରିବେ । ଏହା ସାଙ୍ଗକୁ ଏକ କବିତା ପାଠୋତ୍ସବ ଅନୁଷ୍ଠିତ ହେବ । ଏଥିରେ ଓଡ଼ିଶାର ପ୍ରତିଷ୍ଠିତ କବିମାନେ ଅଂଶ ଗ୍ରହଣ କରିବେ । ଏହା ସହ ପେଜ୍‌ମେକର ପବ୍ଲିକେଶନ ପକ୍ଷରୁ ପୁସ୍ତକ ପ୍ରଦର୍ଶନୀ ମଧ୍ୟ କରାଯିବ । ବାଣଭଟ୍ଟଙ୍କ ଲିଖିତ ସଂସ୍କୃତ ଉପନ୍ୟାସର ଦ୍ୱି-ଭାଷିକ ଅନୁବାଦ ଗ୍ରନ୍ଥ ନ୍ତକାଦମ୍ବରୀ' ଉନ୍ମୋଚିତ ହେବ ।

## ତରତରା ପଞ୍ଚାୟତରେ ଜାଲି ସାର୍ଟିଫିକେଟ୍ ଦେଇ ଶିକ୍ଷକ ନିଯୁକ୍ତି

କେନ୍ଦୁଝର,(ପି.ଏନ): ସଂପ୍ରତି ସାରା ରାଜ୍ୟରେ ଜାଲି ସାର୍ଟିଫିକେଟ୍‌ରେ ଶିକ୍ଷା ବିଭାଗରେ ହଜାର ହଜାର ଶିକ୍ଷକ ନିଯୁକ୍ତି ପାଇ ଶିକ୍ଷକତା କରୁଛନ୍ତି । ଶିକ୍ଷା ବିଭାଗ ପରି ଏକ ସମ୍ବେଦନଶୀଳ ବିଭାଗରେ ବହୁ ଅଯୋଗ୍ୟ ବ୍ୟକ୍ତି ନିଯୁକ୍ତି ପାଇବା ଫଳରେ ବହୁ ଛାତ୍ରଛାତ୍ରୀଙ୍କ ଜୀବନ ଅନ୍ଧକାର ମଧ୍ୟକୁ ଗତି କରୁଛି । ଏପରିକି ଜାଲି ସାର୍ଟିଫିକେଟ ଦେଇ ନିଯୁକ୍ତି ପାଇଥିବା ଶିକ୍ଷକ ଓ ଶିକ୍ଷୟତ୍ରୀମାନେ ଇତି ମଧ୍ୟରେ ଅବସର ଗ୍ରହଣ ମଧ୍ୟ କରି ସାରିଲେଣି । ଏଥିରେ ସମ୍ପୃକ୍ତ ବିଭାଗର କିଛି ଅସାଧୁ କର୍ମଚାରୀ ହାତଚିକ୍କଣ କରି ସବୁ ଜାଣିଶୁଣି ମଧ୍ୟ ସେହିପରି ଅସାଧୁ ବ୍ୟକ୍ତିଙ୍କୁ ଘଣ୍ଟ ଘୋଡାଉଛନ୍ତି । ସାଧାରଣ ଲୋକଙ୍କ ଅଭିଯୋଗ ପରେ ସରକାର ସାର୍ଟିଫିକେଟ ଯାଞ୍ଚ ପାଇଁ ବିଭାଗୀୟ ଅଧିକାରୀଙ୍କୁ ଚିଠି ଲେଖି ଦେଇ ତାଙ୍କ କର୍ତ୍ତବ୍ୟ ସାରି ଦେଉଛନ୍ତି । ଜିଲ୍ଲା ତଥା ରାଜ୍ୟରେ ସାର୍ଟିଫିକେଟ ଯାଞ୍ଚ ପରେ ଏହିପରି ମିଥ୍ୟା ସାର୍ଟିଫିକେଟ ଦେଇ ଚାକିରୀ କରୁଥିବା ବ୍ୟକ୍ତିଙ୍କ ସଂଖ୍ୟା ଜଣାପଡିଛି । ତଥାପି ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କ ଜ୍ଞାତସାରରେ ଆହୁରି ଏହିପରି ମିଥ୍ୟା ସାର୍ଟିଫିକେଟ୍ ଦେଇ ଚାକିରୀ କରିଥିବା ବ୍ୟକ୍ତି ଅଦ୍ୟାବଧି କାର୍ଯ୍ୟରତ ଅଛନ୍ତି । ନିର୍ଭରଯୋଗ୍ୟ ସୂତ୍ରରୁ ଜଣାପଡିଛି ସାର୍ଟିଫିକେଟ ଯାଞ୍ଚ ପରେ ତରତରା ପଂଚାୟତର କିଛି ବ୍ୟକ୍ତି ମିଥ୍ୟା ସାର୍ଟିଫିକେଟ୍ ଦେଇ ଚାକିରୀ କରୁଥିବା ଜଣାପଡିଛି । ବିଧିବଦ୍ଧ ଭାବେ ତଦନ୍ତ କରାଗଲେ ଏ ପ୍ରକାର ଅସାଧୁ ବ୍ୟକ୍ତିଙ୍କ ସଂଖ୍ୟା ସଠିକ୍ ଜଣାପଡିବ । ନିୟମତଃ ଚାକିରୀ କରିବା ବେଳେ ନିଯୁକ୍ତି ପାଇବା ପୂର୍ବରୁ ସେମାନଙ୍କର ସାର୍ଟିଫିକେଟ୍ ସଠିକ୍ ଭାବେ ଯାଞ୍ଚ କରିବା କଥା । କିନ୍ତୁ ବିଭାଗୀୟ ଅଧିକାରୀ ହାତଚିକ୍କଣ କରି ଏ ନିୟମକୁ ପୂର୍ଣ୍ଣ ଭାବରେ ଆଖି ବୁଜି ଦେଇଛନ୍ତି । ଏହା ଦ୍ୱାରା ବହୁ ମେଧାବୀ ଶିକ୍ଷିତ ଯୁବକ ଯୁବତୀ ଚାକିରୀରୁ ବଂଚିତ ହେଉଛନ୍ତି । ସର୍ବସାଧାରଣରେ ଦାବି ହେଉଛି ଜିଲ୍ଲା ଯାକ ସମସ୍ତ ଶିକ୍ଷକଙ୍କ ସାର୍ଟିଫିକେଟ ପୁନଃ ଯାଞ୍ଚ କରିବା ସଙ୍ଗେ ସଙ୍ଗେ ସମ୍ପୃକ୍ତ ଅଧିକାରୀ ନିଜ କର୍ତ୍ତବ୍ୟରେ ଗୁରୁତର ଅବହେଳା ପାଇଁ ସମାନୁପାତିକ ଭାବେ ଉତ୍ତରଦାୟୀ କରାଯିବା ଉଚିତ୍ ଏବଂ ସେମାନଙ୍କ ପ୍ରତି କଠୋର ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲେ ପିଲାଙ୍କ ଭବିଷ୍ୟତ ନେଇ ଖେଳୁଥିବା ଏ ପ୍ରକାର ଅବାଂଛିତ ବ୍ୟକ୍ତି ପୁନଃ ଦୁର୍ନୀତି କରିବାକୁ ସାହାସ କରିବେ ନାହିଁ ।

# ନିରୁଦ୍ଧିଷ୍ଟ ଶ୍ରମିକଙ୍କୁ ଉଦ୍ଧାର ଦାବୀରେ ଦଳିତ ଅଧିକାର ମଂଚର ଥାନାଧିକାରୀଙ୍କୁ ଦାବୀପତ୍ର ପ୍ରଦାନ

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲା ଦଳିତ ଅଧିକାର ମଂଚ ପକ୍ଷରୁ ନିରୁଦ୍ଧିଷ୍ଟ ଦାଦନ ଶ୍ରମିକ କିଶୋର ବନଛୋରଙ୍କୁ ଉଦ୍ଧାର ଦାବୀରେ ବୋଡେନ ଥାନାଧିକାରୀଙ୍କୁ ୫ ଦଫା ଦାବୀପତ୍ର ପ୍ରଦାନ କରାଯାଇ ତାଙ୍କୁ ଉଦ୍ଧାର କରିବାକୁ ଦାବୀ କରିଛନ୍ତି । ସୂଚନାମତେ ବୋଡେନ ଥାନା ଅନ୍ତର୍ଗତ ଆମଗୁଡା ଗ୍ରାମର କିଶୋର ବନଛୋର ୨୦୧୯ ମସିହା ମାର୍ଚ୍ଚ ମାସରେ ସିକନ୍ଦରାବାଦକୁ ଦାଦନ ଖଟିବାକୁ ଯାଇଥିଲେ । ତାଙ୍କୁ ସ୍ଥାନୀୟ ବିନୋପୁର ଗ୍ରାମର ଅରୁପ ନିଆଲ ଏବଂ କଂଟାବାଞ୍ଜିର ପାର୍ଥବ ବେହେରା ପଠାଇଥିବା ନେଇ କିଶୋରଙ୍କ ପତ୍ନୀ କୁଳ ବନଛୋର ଜଣାଇଛନ୍ତି । ଏନେଇ ଗତ ୨୧.୮.୨୦୨୦ ରେ କୁଳ ବନଛୋର ତାଙ୍କ ସ୍ୱାମୀ ନିଖୋଜ ଥିବା ନେଇ ବୋଡେନ ଥାନାରେ ଲିଖିତ ଅଭିଯୋଗ କରି ତାଙ୍କ ସ୍ୱାମୀଙ୍କୁ ଉଦ୍ଧାର କରିବାକୁ ଦାବୀ କରିଥିଲେ । ହେଲେ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଇନଥିବା ଜଣାପଡିଛି । ଏନେଇ ନୂଆପଡା ଜିଲ୍ଲା ଦଳିତ ଅଧିକାର ମଂଚର ସଭାପତି କମଳ ଚରଣ ତାଣ୍ଡି ଖବର ପାଇ ମଂଚର କର୍ମକର୍ତା ବୋଡେନ ଥାନାଧିକାରୀଙ୍କୁ ଭେଟି ୫ ଦଫା ଦାବୀପତ୍ର ପ୍ରଦାନ କରି ତୁରନ୍ତ କିଶୋରଙ୍କୁ ଉଦ୍ଧାର କରିବାକୁ ଦାବୀ କରିଛନ୍ତି । ଦାବୀରେ କୁଳ ବନଛୋରଙ୍କ ଏତଲା ଆଧାରରେ ଅରୁପ ନିଆଲ ଓ ପାର୍ଥ ବେହେରାଙ୍କୁ ଥାନାକୁ ଡାକି ସତ୍ୟାସତ୍ୟ ଅନୁସନ୍ଧାନ କରିବା, ଏହି ୨ ଜଣ ସନ୍ତୋଷଜନକ ଉତର ନଦେଲେ ସେମାନଙ୍କୁ ଗିରଫ କରିବା, ପୀଡିତ ପରିବାରଙ୍କୁ ୩ ଲକ୍ଷ ଟଙ୍କା ଆର୍ଥୀକ ସହାୟତା ପ୍ରଦାନ କରିବା, କିଶୋରଙ୍କ ସନ୍ଧାନ ନିମନ୍ତେ ଏକ ତଦନ୍ତକାରୀ ଟିମ ଗଠନ କରିବା, ପ୍ରଶାସନ ତରଫରୁ ପରିବାରଙ୍କୁ ରାସନ ସାମଗ୍ରୀ ପ୍ରଦାନ ପ୍ରମୁଖ ଦାବୀ କରିଛନ୍ତି । ଯଦି ଏସବୁ ସମସ୍ୟାର ସମାଧାନ କରାନଯାଏ ତେବେ ଆଗାମୀ ଦିନରେ ବୋଡେନ ଥାନାକୁ ଘେରାଉ କରିବା ସହ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି । ଏହି ଦାବୀପତ୍ର ପ୍ରଦାନ ବେଳେ ଦଳିତ ଅଧିକାର ମଂଚର ଜିଲ୍ଲା ସଭାପତିଙ୍କ ସହ ବୋଡେନ ବ୍ଲକ ସଭାପତି ବେଣୁଧର ଜଗତ, ବିଶ୍ୱ ବେହେରା, କାର୍ତିକ ମହାନନ୍ଦ, ଗଣେଷ ବାଗ, ସଞ୍ଜୟ ଜାଲ, ଲମ୍ବୋଦର ତାଣ୍ଡି ପ୍ରମୁଖ ଯୋଗ ଦେଇଥିଲେ ।

## ଅନ୍ନପୂର୍ଣ୍ଣା ଫାଇନାନସ ପକ୍ଷରୁ ମେଗା ସ୍ୱାସ୍ଥ୍ୟ ଶିବିର

ଖୋର୍ଦ୍ଧା, (ପିଏନ): ଖୋର୍ଦ୍ଧା ସଦର ମହକୁମାର ନୂଆ ବସଷ୍ଟାଣ୍ଡ ନିକଟସ୍ଥ ଅଂଞ୍ଜୁଶ୍ରୀ କଲ୍ୟାଣ ମଣ୍ଡପ ପରିସରରେ ଶନିବାର ପୂର୍ବାହ୍ନରେ ଅନ୍ନପୂର୍ଣ୍ଣା ଫାଇନାନସ ପକ୍ଷରୁ ମେଗା ସ୍ୱାସ୍ଥ୍ୟ ଶିବିରର ଆୟୋଜନ କରାଯାଇଥିଲା । ଏ ନେଇ ଆୟୋଜିତ ଶିବିରରେ କମ୍ପାନୀର ମୁଖ୍ୟ ଗୋବିନ୍ଦ ପଟ୍ଟନାୟକ ଅତିଥି ଭାବେ ଯୋଗ ଦେଇ ଶିବିରକୁ ଉଦଘାଟନ କରିଥିଲେ । ଏହି ଶିବିରରେ ଆମ୍ରି ହସପିଟାଲର ଭେଷଜ ବିଶେଷଜ୍ଞ ଡଃ ସମ୍ବିତ ଦାସ ଓ ଡଃ ହେମସାଗର ସୋରନ ଯୋଗ ଦେଇ ସ୍ୱାସ୍ଥ୍ୟ ପରୀକ୍ଷା ଓ ମାଗଣା ଔଷଧ ବଂଟନ କରିବା ସହ ଅନ୍ୟ ରୋଗ ସମ୍ବନ୍ଧୀୟ ପରାମର୍ଶ ଦେଇଥିଲେ ।ଏଥିରେ ଖୋର୍ଦ୍ଧା,ବାଣପୁର,ବାଲୁଗାଁ,ବେଗୁନିଆ ଓ ଚିଲିକା ଶାଖାର ୪୫୦ ରୁ ଉର୍ଦ୍ଧ୍ୱ କମ୍ପାନୀର ହିତାଧିକାରୀ ଯୋଗ ଦେଇଥିଲେ ।

## ଆନନ୍ଦପୁର ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ତମାଖୁ ବର୍ଜନ ସଚେତନତା ରାଲି

ଆନନ୍ଦପୁର,(ପି.ଏନ):ଆଜି ଆନନ୍ଦପୁର ମହାବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ତମାଖୁ ବର୍ଜନ ପାଇଁ ଏକ ସଚେତନତା ରାଲି ମହାବିଦ୍ୟାଳୟରୁ ଆରମ୍ଭ ହୋଇ ଆନନ୍ଦପୁର ସହର ପରିକ୍ରମା କରି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଦେଇ ମହାବିଦ୍ୟାଳୟରେ ଶେଷ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଜାତୀୟ ସେବା ସଂସ୍ଥା ଯୁବ ରେଡକ୍ରସର ଛାତ୍ରଛାତ୍ରୀମାନେ ଯୋଗ ଦେଇଥିଲେ । ସର୍ବପ୍ରଥମେ ପ୍ରାତଃ ୬.୩୦ରେ ଏକ ସଚେତନତା ଧର୍ମୀ ଶୋଭାଯାତ୍ରା ମହାବିଦ୍ୟାଳୟରୁ ବାହାରି ଆନନ୍ଦପୁର ବଡଦାଣ୍ଡ ପର୍ଯ୍ୟନ୍ତ ଯାଇ ସେଠାରୁ ଫେରିବା ପରେ ମହାବିଦ୍ୟାଳୟ ପରିସରରେ ଏକ ସଭାର ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ମେଜର ଦିଲ୍ଲୀପ କୁମାର ଦାସ ଯୋଗ ଦେଇଥିଲେ । ପ୍ରଫେସର ପ୍ରଫୁଲ କୁମାର ପଣ୍ଡା, ପ୍ରଫେସର ଭଗବାନ ସାହୁ, ପ୍ରଫେସର ସଂଘମିତ୍ରା ରାଉତ, ପ୍ରଫେସର ଓଜେଲ ପଟ୍ଟନାୟକ, ପ୍ରଫେସର ରନ କୁମାର ନାୟକ, ପ୍ରଫେସର ମଧୁସ୍ମିତା ସାହୁ ପ୍ରମୁଖ ସଭାର କାର୍ଯ୍ୟ ଭାର ଗ୍ରହଣ କରିଥିବା ବେଳେ ମହାବିଦ୍ୟାଳୟର ବରିଷ୍ଠ ଅଧ୍ୟାପିକା ଓ ଅଧ୍ୟାପିକା ପ୍ରଫେସର କମଳିନୀ ପାଣିଗ୍ରାହୀ, ପ୍ରଫେସର ଶ୍ରୀଲେଖା ସାହୁ, ପ୍ରଫେସର ଶିବ ଚରଣ ବେହେରା, ପ୍ରଫେସର ରଘୁଦିପ୍ତୀ ନାୟକ ଉପସ୍ଥିତ ଥିଲେ ।

# କେନ୍ଦ୍ରାପଡାରେ ଜିଲ୍ଲା ସ୍ତରୀୟ ବ୍ୟାଙ୍କ ପରାମର୍ଶ ଦାତା କମିଟି ବୈଠକ

କେନ୍ଦ୍ରାପଡ଼ା, (ପିଏନ)- କେନ୍ଦ୍ରାପଡା ଜିଲ୍ଲା ସ୍ତରୀୟ ସମସ୍ତ ବ୍ୟାଙ୍କ ପରାମର୍ଶ ଦାତା କମିଟି ବୈଠକ ଅତିରିକ୍ତ ଜିଲ୍ଲାପାଳ ବସନ୍ତ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଶୁକ୍ରବାର ଦିନ ଅନୁଷ୍ଠିତ ଏହି ବୈଠକରେ କେନ୍ଦ୍ରାପଡା ଜିଲ୍ଲାରେ ଗ୍ରାମୀଣ ଆତ୍ମ ନିଯୁକ୍ତି ପ୍ରଶିକ୍ଷଣ ଉପରେ ଗୁରୁତ୍ୱାରୋପ କରା ଯାଇଥିଲା । ସରକାର ଙ୍କର ସମସ୍ତ ଯୋଯନାକୁ କାର୍ଯ୍ୟକାରୀ କରିବା ପାଇଁ ଏହି ବୈଠକରେ ଗୁରୁତ୍ୱ ଦିଆ ଯାଇଥିଲା । ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ଋଣ ପ୍ରଦାନ ଶିକ୍ଷିତ ବେକାର ଯୁବକ ଯୁବତୀଙ୍କୁ ଋଣ ପ୍ରଦାନ ଓ ଚାଷୀଙ୍କୁ ଋଣ ପ୍ରଦାନ କୁ ନେଇ ଏହି ବୈଠକରେ ଆଲୋଚନା ହୋଇଥିଲା । ପୂର୍ବରୁ ଏହି କମିଟିକୁ ନେଇ ଅନୁଷ୍ଠିତ ହୋଇଥିବା ବୈଠକର କାର୍ଯ୍ୟକାରିତା ଉପରେ ଅଲୋଚନା କରାଯାଇଥିଲା । ପରେ ଗ୍ରାମୀଣ ଆତ୍ମ ନିଯୁକ୍ତି ପାଇଁ ପ୍ରଶିକ୍ଷଣ ଗ୍ରହଣ କରିଥିବା ବ୍ୟକ୍ତିଙ୍କ ଅଗ୍ରଗତି ସଂପର୍କରେ ଆଲୋଚନା କରାଯିବା ସହ ଏହି ପ୍ରଶିକ୍ଷାର୍ଥୀ ମାନଙ୍କୁ ଡିଆର ଡିଏ, ଓ ଏଲ ଏମ, ଅର ଏସ ଇ ଟିଆଇ , ଓ ଏନଜିଓ ମାନଙ୍କ ଦ୍ୱାରା କେଉଁ ପରିମାଣରେ ପ୍ରୋତ୍ସାହନ ଦିଆ ଯାଇଛି, ତାହା ମଧ୍ୟ ଅଲୋଚନା କରାଯାଇଥିଲା । ଏଥି ସହିତ ଏହି ପ୍ରଶିକ୍ଷାର୍ଥୀ ମାନଙ୍କୁ ଆତ୍ମ ନିଯୁକ୍ତି ପାଇଁ କିଭଳି ଋଣ ପ୍ରଦାନ କରିବ ସେ ବିଷୟରେ ବିଶେଷକରି ଆଲୋଚନା କରା ଯାଇଥିଲା । ଏହି ବୈଠକରେ ଏଲଡି ଏମ ଏମ କେ ମିତ୍ର, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ବିଜି ମହାନ୍ତି, ଜିଲ୍ଲା ନାବାର୍ଡ ଅଧିକାରୀ ଅକ୍ଷୟ କୁମାର ଆଚାର୍ଯ୍ୟ , ଜି ଏମ ଡିଆସି ସନ୍ତୋଷ କୁମାର ମିଶ୍ର ଙ୍କ ସହିତ ସମସ୍ତ ବ୍ୟାଙ୍କର ମ୍ୟାନେଜର ଙ୍କ ସହ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ ।

## ଶ୍ରମ ବିଭାଗ ପକ୍ଷରୁ ସହରର ବିଭିନ୍ନ ହୋଟେଲ ଯାଞ୍ଚ, ୫ ଶିଶୁ ଶ୍ରମିକ ଉଦ୍ଧାର

କେନ୍ଦୁଝର,(ପି.ଏନ): ଶ୍ରମ ବିଭାଗ ପକ୍ଷରୁ ଅତର୍କିତ ଭାବେ କେନ୍ଦୁଝର ସହରର ବିଭିନ୍ନ ହୋଟେଲରେ ଶିଶୁ ଶ୍ରମିକ କାର୍ଯ୍ୟ କରୁଛନ୍ତି କି ନାହିଁ ତାହାର ତଦାରଖ କରାଯାଇ ୩ଟି ହୋଟେଲ ସମେତ ଫାଷ୍ଟ ଫୁଡରୁ ୫ ଜଣ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି । ଜିଲ୍ଲା ଶ୍ରମ ଅଧିକାରୀ ସୂର୍ଯ୍ୟନାରାୟଣ ମାଳୀଙ୍କ ନେତୃତ୍ୱରେ ସହକାରୀ ଶ୍ରମ ଅଧିକାରୀ ଭରତ ଚନ୍ଦ୍ର ଦାସ,ଗ୍ରାମୀଣ ଶ୍ରମ ନିରୀକ୍ଷକ କବିତା କୁମୁଦିନୀ ହେମ୍ବ୍ରମ,ବୃନ୍ଦାବନ ଜୁଆଙ୍ଗ ହୋଟେଲ ମେଘା,ଟେଷ୍ଟି ଟେଷ୍ଟି,ଫାଷ୍ଟ ଫୁଡ ସମେତ ବିଭିନ୍ନ ହୋଟେଲ ଯାଞ୍ଚ କରି ୫ ଜଣ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରିଛନ୍ତି । ୫ ଜଣ ଶିଶୁଙ୍କୁ ଉଦ୍ଧାର କରାଯିବା ପରେ ଶିଶୁ ମଙ୍ଗଳ କମିଟିରେ ହାଜର କରାଯିବା ପରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ବଣିଆପାଟସ୍ଥିତ ସେଲଟର ହୋମରେ ରଖାଯାଇଛି । ଉଦ୍ଧାର କରାଯାଇଥିବା ଶିଶୁଙ୍କ ସ୍କୁଲ ସାର୍ଟିଫିକେଟ,ଆଧାର କାର୍ଡ ସହ ମେଡିକାଲ ପରୀକ୍ଷା କରାଯିବ ବୋଲି ଜିଲ୍ଲା ଶ୍ରମ ଅଧିକାରୀ ସୂଚନା ଦେଇଛନ୍ତି । ଏହି ଶିଶୁମାନଙ୍କର ବୟସ ୧୪ ବର୍ଷରୁ କମ ଥିଲେ ହୋଟେଲ ମାଲିଙ୍କ ବିରୁଦ୍ଧରେ ଆଇନ ଅନୁଯାୟୀ କେଶ କରାଯିବ ବୋଲି ଜଣାପଡିଛି । ୧୪ ବର୍ଷରୁ କମ ଶିଶୁ କୌଣସି ସଂସ୍ଥାରେ ବା ଘରୋଇ କାମରେ ନିଯୁକ୍ତ କରାଯାଇ ପାରିବ ନାହିଁ । ଆସନ୍ତା କାଲି ଠାରୁ ହୋଟେଲ ମେତ ଢାବାରେ ଶ୍ରମ ବଭାଗ ପର ଚଢଉ କରାଯିବ ବୋଲି ଜଣାପଡଛି ।

## ଯୁବ ସମାଜସେବୀଙ୍କ ରକ୍ତଦାନ

ଘଷିପୁରା,(ପି.ଏନ):ନିଜକୁ ସମାଜ ସେବାରେ ବ୍ରତ କରି ସଦାସର୍ବଦା ଲୋକଙ୍କ ସାର୍ଥ ପାଇଁ କାର୍ଯ୍ୟ କରି ଆସୁଥିବା ଆନନ୍ଦପୁର ଉପଖଣ୍ଡ ଘଷିପୁରା ବ୍ଲକ ଅନ୍ତର୍ଗତ ଦାନ୍ତିଆ ଗ୍ରାମ ଅଂଚଳର 'ସର୍ଭ ଫର ପିପୁଲ' ପରିବାରର ସଦସ୍ୟ ସନ୍ତୋଷ କୁମାର ସ୍ୱାଇଁ 'ବିଭୁ ଚକ୍ର ନିୟୁଜ୍ ଗ୍ରୁପ୍' ହ୍ୱାଟ୍‌ସ୍ଆପ୍‌ରୁ ଫକୀରପୁର ଗ୍ରାମର ଜଣେ ମହିଳା ବାସନ୍ତୀ ମାଝୀ ରକ୍ତହୀନତା ରୋଗରେ ପୀଡିତା ଥିବାରୁ ତାଙ୍କର ଜରୁରୀ ରକ୍ତର ଆବଶ୍ୟକତା ଥିବା ଜାଣିବାକୁ ପାଇଥିଲେ । ଜାଣିବା ପରେ ଶ୍ରୀ ସ୍ୱାଇଁ ସଙ୍ଗେ ସଙ୍ଗେ ଡାକ୍ତରଖାନାରେ ପହଞ୍ଚି ଡାକ୍ତରଙ୍କ ପରାମର୍ଶ କ୍ରମେ ରକ୍ତଦାନ କରିଥିଲେ ଏବଂ ମହିଳା ଜଣଙ୍କ ସୁସ୍ଥ ମଧ୍ୟ ହୋଇଥିଲେ । ଶ୍ରୀ ସ୍ୱାଇଁଙ୍କ ଏପରି କାର୍ଯ୍ୟକୁ ନେଇ ସ୍ଥାନୀୟ ଅଂଚଳରେ ପ୍ରଶଂସନୀୟ ହୋଇଛନ୍ତି ।

# ମାଟି ବୋଝେଇ ଟ୍ରାକ୍ଟର ଜବତ୍ ପରେ ବନ ବିଭାଗ ଦେଖାଇଲା ନେଲୁଙ୍ଗ ସଂରକ୍ଷିତ ଜଙ୍ଗଲ ଘଟଣାର ତଦନ୍ତ ଦାବୀ

କେନ୍ଦୁଝର(ପିଏନ)-କେନ୍ଦୁଝର ସଦର ରେଞ୍ଜ ଟାଉନ ସେକ୍ସନ ଅନ୍ତର୍ଗତ ବେଲଦା ସଂରକ୍ଷିତ ଜଙ୍ଗଲର ମହାଦେଇପୁରଠାରେ ବନ ବିଭାଗ ଗତକାଲି ମାଟି ବୋଝେଇ ଏକ ଟ୍ରାକ୍ଟର ଜବତ୍ କରିଛି । ଜଙ୍ଗଲ ଭିତରେ ଓଆର୦୯କେ ୦୧୧୮ ନମ୍ବର ବିଶିଷ୍ଟ ଏକ ଟ୍ରାକ୍ଟର ମାଟି ଚାଲାଣ କରୁଥିବାବେଳେ ବନ ବିଭାଗ ଚଢଉ କରି ଟ୍ରାକ୍ଟର ଜବତ୍ କରିଥିଲା । ତେବେ ବନ ବିଭାଗ ଜବତ୍ ଗାଡିକୁ ବେଲଦା ସଂରକ୍ଷିତ ଜଙ୍ଗଲ ନଦେଖାଇ ନେଲୁଙ୍ଗ ସଂରକ୍ଷିତ ଜଙ୍ଗଲରୁ ଜବତ୍ ହେବା ଦର୍ଶାଇଥିବା ଜବତ୍ ଗାଡି ମାଲିକ ମହେଶ୍ୱର ନାୟକ କହିଛନ୍ତି । ତେବେ କେଉଁ ଉଦ୍ଦେଶ୍ୟରେ ଗୋଟିଏ ସ୍ଥାନରେ ଜବତ୍ ଗାଡି ଅନ୍ୟ ସ୍ଥାନରେ ଦେଖାଉଛି ତାହା ତଦନ୍ତ କରିବାକୁ ଦାବୀ ହୋଇଛି । ସୂଚନା ଯୋଗ୍ୟ ଯେ, ବେଲଦା ସଂରକ୍ଷିତ ଜଙ୍ଗଲର ବେଲଦା, କେନ୍ଦୁଆ, ଭାଲୁଘର, ପୋଟଳ, ମଥୁରାମଣ୍ଡଳୀ ଅଞ୍ଚଳରେ ଦିନ ରାତି ଅବାଧରେ ମାଟି,ମୋରମ ଏବଂ ପଥର ଚୋରୀ ହେଉଥିବାବେଳେ ବନ ବିଭାଗର ସ୍ଥାଣୁତା ଯୋଗୁଁ ଲଘୁ ଖଣିଜ ସମ୍ପଦ ଲୁଟ ସହ ଜଙ୍ଗଲ ନଷ୍ଟ ହେଉଛି । ବନ କର୍ମଚାରୀ ପେଟ୍ରୋଲିଂ କରୁନଥିବା ସୁଯୋଗରେ ମାଫିଆ ମାନେ ସ୍ଥାନୀୟ ଲୋକଙ୍କ ଅଳ୍ପ କିଛି ମଜୁରୀ ଦେଇ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଦୀର୍ଘ ଦିନ ଧରି ଚୋରୀ କରୁଥିଲେ ହେଁ ଧରପଗଡ କରାଯାଉନାହିଁ । ଜଙ୍ଗଲ ଭିତରେ ନିୟମିତ ଚୋରୀ ଯୋଗୁଁ ବଡ ବଡ ଗାତ ସୃଷ୍ଟି ହୋଇ ବନ୍ୟ ଜୀବଜନ୍ତୁଙ୍କ ପାଇଁ ବିପଦର କାରଣ ହୋଇଛି । ସଂରକ୍ଷିତ ଜଙ୍ଗଲରେ ବାହାର ଲୋକ ଏବଂ ଗାଡି ପ୍ରବେଶ ବାରଣ ଥିଲେ ମଧ୍ୟ ବେଲଦା ଏବଂ ନେଲୁଙ୍ଗ ସଂରକ୍ଷିତ ଜଙ୍ଗଲରେ ରାସ୍ତା କରି ଲଘୁ ଖଣିଜ ସମ୍ପଦ ଲୁଟ ହେଉଛି । ଡିଏଫଓ ସ୍ୱୟମ ମଲ୍ଲିକ ଘଟଣାର ତଦନ୍ତ କରି ପଦକ୍ଷେପ ନେବାକୁ ପରିବେଶପ୍ରେମୀ ମାନେ ଦାବୀ କରିଛନ୍ତି । ନେଲୁଙ୍ଗ ଏବଂ ବେଲଦା ସଂରକ୍ଷତ ଜଙ୍ଗଲରେ ଗତ ୩/୪ ବର୍ଷ ମଧ୍ୟରେ ବହୁ ପୁରାତନ ବୃକ୍ଷ ଏବଂ କୋଟି କୋଟି ଟଙ୍କାର ଲଘୁ ଖଣିଜ ସମ୍ପଦ ଲୁଟ ହୋଇଥିବାବେଳେ ଏହାର ଆକଳନ କରି ଦାୟିତ୍ୱରେ ଅବହେଳା କରିଥିବା ବନ ବିଭାଗ ଅଧିକାରୀ ଏବଂ କର୍ମଚାରୀଙ୍କଠାରୁ ଆଦାୟ କରିବାକୁ ଦାବୀ ହୋଇଛି ।


2021-2022



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on Facebook.com/Mps, Baripada






# ବୈଚାରିକ ସଂଘର୍ଷରେ ସଂଘ ହିନ୍ଦୁତ୍ୱର ସମର୍ଥକ : ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ଭୁବନେଶ୍ୱର / ଢେଙ୍କାନାଳ, (ପି.ଏନ): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପ୍ରଥମ ବର୍ଷ ସଂଘ ଶିକ୍ଷାବର୍ଗ ଢେଙ୍କାନାଳର ଭଗବାନପୁରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଠାରେ ଅନୁଷ୍ଠିତ ହୋଇଯାଇଅଛି । ଓଡିଶାର ପୂର୍ବ ଭାଗରେ ଥିବା ୧୬ଟି ଜିଲ୍ଲାର ୧୫୨ଜଣ ଶିକ୍ଷାର୍ଥୀଙ୍କ ସମେତ ୫୨ ଜଣ ଶିକ୍ଷକ ଓ ପ୍ରବନ୍ଧକ ଏହିଭଳି ୨୦୪ଜଣ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ପ୍ରତ୍ୟେକ ଶିକ୍ଷାର୍ଥୀ ନିଜ ହାତରୁ ୮ଶହ ଟଙ୍କା ଶୁଳ୍କ ପ୍ରଦାନ କରି ୨୦ଦିନ ଧରି ଏହି ଶିବିରରେ ବିଭିନ୍ନ ଶାରୀରିକ ଓ ବୌଦ୍ଧିକ କାର୍ଯ୍ୟକ୍ରମର ପ୍ରଶିକ୍ଷଣ ଗ୍ରହଣ କରିଥିଲେ । ଏହି ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ଡାକ୍ତର, ଇଂଜିନିୟର, ଅଧ୍ୟାପକ, ବ୍ୟାଙ୍କ କର୍ମଚାରୀ, ଶିକ୍ଷକ, ସ୍ନାତକ ଓ ସ୍ନାତକୋତର ଛାତ୍ର, ବ୍ୟବସାୟୀ ଓ କୃଷକ ଉପସ୍ଥିତ ଥିଲେ । ପ୍ରତ୍ୟହ ସକାଳ ୪.୩୦ମି. ସମୟରେ ପ୍ରାତଃ ଜାଗରଣ ପରେ ରାତ୍ରୀ ୧୦ଟା ପର୍ଯ୍ୟନ୍ତ ପ୍ରତ୍ୟେକ ସ୍ୱୟଂସେବକମାନେ ବିଭିନ୍ନ ଶାରିରୀକ ଓ ବୌଦ୍ଧିକ କାର୍ଯ୍ୟକ୍ରମର ଅଭ୍ୟାସ କରିଥିଲେ । ଶନିବାର ଦିନ ଅନୁଷ୍ଠିତ



ସମାରୋପ କାର୍ଯ୍ୟକ୍ରମରେ ସେମାନେ ପ୍ରଶିକ୍ଷଣ ନେଇଥିବା ବିଭିନ୍ନ କଳାକୌଶଳ ପ୍ରଦର୍ଶନ କରିଥିଲେ । ଏହି ଉତ୍ସବରେ ମୁଖ୍ୟବକ୍ତା ଭାବେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପ୍ରାନ୍ତ ପ୍ରଚାରକ ବିପିନ୍ ପ୍ରସାଦ ନନ୍ଦ ଯୋଗଦେଇ ଉପସ୍ଥିତ ସ୍ୱୟଂସେବକ ଓ ସାଧାରଣଜନତାଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ ଯେ, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ବର୍ତମାନ ସମୟରେ ବିଶ୍ୱରେ ଚାଲୁଥିବା ବିଭିନ୍ନ ବିଚାରଧାରାର ସଂଘର୍ଷ ମଧ୍ୟରେ ଭାରତୀୟ ବିଚାର ବା ହିନ୍ଦୁ ବିଚାରର ପ୍ରତିନିଧିତ୍ୱ କରେ । ସଂଘର ଏହି କାର୍ଯ୍ୟ କେବଳ ସଂଘର ମୌଳିକ ବିଚାର ନୁହେଁ, ବରଂ ସ୍ୱାମୀ ବିବେକାନନ୍ଦ ଓ ରାମତୀର୍ଥଙ୍କ ଭଳି ମହାପୁରୁଷମାନେ ଯେଉଁ ବିଚାରକୁ ରଖିଥିଲେ ସେହି ବିଚାର ଅନୁରୂପ ସମାଜର ସମସ୍ତ ବ୍ୟବସ୍ଥା ନିର୍ମାଣର ଦାୟିତ୍ୱ ସଂଘ ନିଜ ଉପରକୁ ନେଇଛି । ଏହି କାର୍ଯ୍ୟକୁ ଅଧିକ ଗତିଶୀଳ ହେବା ପାଇଁ ମୁଖ୍ୟବକ୍ତା ସଂପୂର୍ଣ୍ଣ ସମାଜକୁ ନିବେଦନ କରିଥିଲେ । ଉକ୍ତ ସମାରୋପ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଢେଙ୍କାନାଳ ସରକାରୀ ମହିଳା ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧକ୍ଷ, ଲେଖକ, ଗାଳ୍ପିକ, ସମାଲୋଚକ ଓ ସମାଜସେବୀ ଡ. ଭବାନୀ ଶଙ୍କର ମିଶ୍ର ଯୋଗଦେଇ ନିଜ ବକ୍ତବ୍ୟରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସମାଜସେବା କାର୍ଯ୍ୟକୁ ପ୍ରଶଂସା କରିଥିଲେ । ଏହି ସଂଗଠନ ମାଧ୍ୟମରେ ଏକତ୍ରିତ ହୋଇ ଦେଶର ବିକାଶ କରିବା ପାଇଁ ସେ ସମସ୍ତ ନାଗରିକ ତଥା ସ୍ୱୟଂସେବକମାନଙ୍କୁ ଆହ୍ୱାନ ଜଣାଇଥିଲେ ।ସଂଘ ଶିକ୍ଷାବର୍ଗର ସମାରୋପ ଉତ୍ସବରେ ମଂଚାସୀନ ଥିବା ଶିକ୍ଷା ବର୍ଗର ବର୍ଗାଧିକାରୀ ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ବୈକୁଣ୍ଠନାଥ ସାହୁ ବର୍ଗର ବିବରଣୀ ପାଠ କରିଥିଲେ । ବର୍ଗର କାର୍ଯ୍ୟବାହ ଅଶୋକ ରଣଜିତ୍ ଅତିଥି ପରିଚୟ ପ୍ରଦାନ କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ ।

# ସନ୍ତୋଷୀ ନଗର ବର୍ଷାଜଳ ନିଷ୍କାସନ ସମସ୍ୟା

ପାରାଦୀପ, (ପି.ଏନ): ପାରାଦୀପ ଉପକଣ୍ଠ ବାଲିଝରା ନିକଟସ୍ଥ ସନ୍ତୋଷୀ ନଗର ବସ୍ତି ବାସିନ୍ଦା ଅସରାଏ ବର୍ଷା ହେଲେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି । ବର୍ଷା ଜଳ ନିଷ୍କାସନ ହୋଇ ନପାରିବାରୁ ଲୋକମାନଙ୍କ ଘରେ ବର୍ଷାଜଳ ପ୍ରବେଶ କରୁଥିଲା । ଏହି ସମସ୍ୟାକୁ ସାମ୍ନା କରି ଅତି କଷ୍ଟରେ ଚଳୁଥିଲେ ସନ୍ତୋଷୀ ନଗର ବସ୍ତି ବାସିନ୍ଦା । ଜଳବନ୍ଦୀରେ ରହି ବର୍ଷା ଦିନରେ ପରିବାର ସହ ଚଳୁଥିଲେ । ଏହି ସମସ୍ୟାର ସମାଧାନ କରିବା ପାଇଁ ବସ୍ତିବାସିନ୍ଦା ଦାବୀ କରି ଆସୁଥିଲେ । ଆଗକୁ ବର୍ଷା ଦିନ ଆସୁଛି ଲୋକମାନଙ୍କର ଏହି ସମସ୍ୟାକୁ ପ୍ରାଥମିକତା ଦେଇଛି ପାରାଦୀପ ପୌର ପାଳିକା । ପୌର ନିର୍ବାଚନ ପରେ ପାରାଦୀପ ପୌର ପାଳିକାର ନବ ନିର୍ବାଚିତ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ବସ୍ତିର ଲୋକମାନଙ୍କୁ ଜଳବନ୍ଦୀରୁ ମୁକ୍ତି ଦେବା ପାଇଁ ଶନିବାର ଦିନ ସେଠାରେ ପହଂଚିଥିଲେ । ବସ୍ତି ଅଂଚଳ ବୁଲି ଦେଖିବା ସହ ଜଳପଥ ଅବରୋଧ ସ୍ଥାନକୁ ଯାଇଥିଲେ । ବର୍ଷାଜଳ ନିଷ୍କାସନର ପଥ ଭାରତ ପେଟ୍ରୋଲିୟମର ତୈଳ ଡିପୋ ମଧ୍ୟରେ ଥିବା ରେଳ ଲାଇନ୍ ତଳେ ଏହା ପୋତି ହୋଇଯାଇଥିବା ଶ୍ରୀବିଶ୍ୱାଳ ଦେଖିବାକୁ ପାଇଥିଲେ । ଏହା ପରେ ସେ ଭାରତ ପେଟ୍ରୋଲିୟମ ତୈଳ ଡିପୋର ଅଧିକାରୀମାନଙ୍କୁ ଘଟଣାସ୍ଥଳକୁ ଡକାଇ ଥିଲେ ।

# ମା କାଳୀଙ୍କ ଉତ୍ତମ ସେବକ ଆଦିତ୍ୟ

ଫୁଲବାଣୀ,(ପି.ଏନ): କନ୍ଧମାଳ ଜିଲ୍ଲାର ପ୍ରସିଦ୍ଧ ଯାତ୍ରା ନାରାୟଣୀ ଠାକୁରାଣୀ ଯାତ୍ରା ସର୍ବସାଧାରଣଙ୍କ ଯାତ୍ରା ।ଏହା ପ୍ରତି ଦୁଇ ବର୍ଷକୁ ଥରେ ହୋଇଥାଏ ।ଯାତ୍ରା ନା ଶୁଣିଲେ ସମସ୍ତେ ଖୁସି ହୋଇଯାନ୍ତି କାରଣ ମିନାବଜାରରେ ମଉଜ ମସ୍ତି ସହ ଯାତ୍ରା ମଣ୍ଡପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବା ଓ ବିଭିନ୍ନ ରକମର ଜିନିଷ ଦ୍ରବ୍ୟ କିଣିବା ।ଆଉ କେହି କେହି ଏ ସମସ୍ତ ଠୁ ଦୂରରେ ରହି ନିଷ୍ଠାର ସହ ମା କାଳୀଙ୍କୁ ସେବା କରିବା ସତେ ଯେମିତି ତାଙ୍କର ଏକ ନିଶା । ସେ ଆଉ କେହି ନୁହନ୍ତି ଫୁଲବାଣୀର ଜଣା ଶୁଣା ପେଷାଦାର ଆଇନଜୀବୀ ଓ ସାମ୍ବାଦିକ ଆଦିତ୍ୟ ପ୍ରସାଦ ତ୍ରିପାଠୀ ।ଫୁଲବାଣୀ ଠାରେ ଅନୁଷ୍ଠିତ ହେଉଥିବା ଦ୍ୱିବାର୍ଷିକ ଠାକୁରାଣୀ ଯାତ୍ରାରେ ପଞ୍ଚ ଠାକୁରାଣୀଙ୍କ ନଗର ଭ୍ରମଣ ସମୟରେ ସମ୍ମୁଖରେ ମନ୍ଦାର ମାଳିନୀ ନୃତ୍ୟ କରି ମାର୍ଗ ଦର୍ଶକ ରୂପେ କାର୍ଯ୍ୟ କରୁଥିବା ମା କାଳୀଙ୍କ ବେଶ ଶୋଭା ପାଇଥାଏ । ହେଲେ ସମସ୍ତେ ବାହାର ରୂପକୁ ଦେଖି ଲକ୍ଷ ଲକ୍ଷ ଲୋକ ମୁଣ୍ଡିଆ ମାରି ଚାଲି ଯାଆନ୍ତି କିନ୍ତୁ କେବେ ସେ କାଳୀଙ୍କ ବେଶରେ ସଜେଇ ହୋଇ ନୃତ୍ୟ କରୁଥିବା ମଣିଷକୁ କେବେ ଜାଣିବାକୁ ଚେଷ୍ଟା କରି ନଥାନ୍ତି ।ସେଇ ବେଶ ଧାରଣ କରିବା ସମସ୍ତଙ୍କ ପକ୍ଷେ ସହଜ ହୋଇ ନଥାଏ ।ଏହି ବେଶ ପାଇଁ ଦରକାର କେତେକ ନିଷ୍ଠା ଓ ନୀତିନିୟମ ଯାହାକି ସମସ୍ତଙ୍କ ପକ୍ଷେ ସମ୍ଭବ ହୋଇ ନପାରେ ନୀତିନିୟମରେ ଟିକେ ବିଚ୍ୟୁତି ହେଲେ ଜୀବନ ପ୍ରତି ବିପଦ ମାଡି ଆସିବାର



ସମ୍ଭାବନା ରହିଥାଏ ।ଯାତ୍ରାର ଶୁଭଖୁଣ୍ଟି ଆସିବା ଠାରୁ ଆମିଷ ବର୍ଜନ ଠାକୁରାଣୀଙ୍କ ଆଗମନଠୁ ଯିବା ପର୍ଯ୍ୟନ୍ତ ପିଆଜ ରସୁଣ ବର୍ଜନ ।ଏତକ ଦିନ ପାଳନ କରନ୍ତି ସନ୍ୟାସୀ ଜୀବନ । ତଳେ ଶୋଇବା, ବାହାରେ କୌଣସି ଖାଦ୍ୟପେୟ ଗ୍ରହଣ ନକରିବା, ପାରିବାରିକ ସୁଖକୁ ବର୍ଜ୍ଜନ କରିବା ଇତ୍ୟାଦି କେତେ କଣ ନିୟମ ପାଳନ କରିବାକୁ ପଡିଥାଏ । ଏ ସବୁ ଜଣେ ସାଂସାରିକ ଜୀବନ ଯାପନ କରୁଥିବା ବ୍ୟକ୍ତିଙ୍କ ପକ୍ଷେ ସହଜ ହୋଇ ନପାରେ ।ସେ ଯାହା ହେଉ ଏ ସବୁକୁ ନିଷ୍ଠାର ସହ ପାଳନ କରିଥାନ୍ତି ଆଦିତ୍ୟ ତ୍ରିପାଠୀ ।ସେ ୨୦୦୨ମସିହାରୁ ଏହି କାଳୀ ସେବକ ଭାବେ ଜଡିତ ଅଛନ୍ତି ।କିନ୍ତୁ ଲୋକମାନେ ହୁଏତ ଜାଣି ନଥାନ୍ତି ।ଜାଣିବା ପରେ ଅନେକ କଥା ପଚାରି ବସନ୍ତି ।

# ବସ୍ତା ବିଜେପିର ପ୍ରାରମ୍ଭିକ ସଦସ୍ୟ ହରେନ୍ଦ୍ର କୁମାର ଦାସଙ୍କ ଘର ବାହୁଡ଼ା

ଭୁବନେଶ୍ୱର, (ପି.ଏ): ବସ୍ତା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଗଡ଼ପଦା ପଞ୍ଚାୟତ ନିବାସୀ ହରେନ୍ଦ୍ର କୁମାର ଦାସ ଯିଏକି ତାଙ୍କ ରାଜନୈତିକ ଜୀବନ ଭାରତୀୟ ଜନତା ପାର୍ଟିରୁ ଆରମ୍ଭ କରି ଦୀର୍ଘଦିନ ଧରି ଅନେକ ଗୁରୁ ଦାଇତ୍ୱ ତୁଲାଇଥିଲେ ସିଏ ଗତ ପଞ୍ଚାୟତ ନିର୍ବାଚନ ସମୟରେ ମନମାଳିନ୍ୟ କାରଣରୁ ବିଜୁ ଜନତା ଦଳରେ ଯୋଗଦାନ କରିଥିଲେ । ମାତ୍ର କେଇଟି ମାସ ମଧ୍ୟରେ ସେ ତାଙ୍କ ଭୁଲ୍ ବୁଝିପାରି ଭାରତୀୟ ଜନତା ପାର୍ଟିରେ ପୁନଃ ଯୋଗଦାନ କରିଛନ୍ତି । ଆଜି ଜିଲ୍ଲା କାର୍ଯ୍ୟାଳୟରେ ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର ତାଙ୍କୁ ଦଳୀୟ ଉତ୍ତରୀୟ ଓ ଟୋପି ପିନ୍ଧାଇ ଦଳକୁ ସ୍ୱାଗତ କରିଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲା ମିଡ଼ିଆ ସଂଯୋଜକ ଶ୍ରୀନିବାସ ପ୍ରଧାନ, ଜିଲ୍ଲା ଉପସଭାପତି ପ୍ରଦୀପ କୁମାର ପଣ୍ଡା ଓ କମଳଲୋଚନ ଦାସ, ନଗର ମଣ୍ଡଳ ସଭାପତି ଚିତ୍ତରଞ୍ଜନ ପଣ୍ଡା, ବସ୍ତା ମଣ୍ଡଳ ସଭାପତି ରଞ୍ଜନ କୁମାର ମହାନ୍ତି, ବସ୍ତାର ବରିଷ୍ଠ ନେତା ସୂର୍ଯ୍ୟ ସାହୁ ଓ ଦେବାଶିଷ ମହାପାତ୍ର ଓ ବସ୍ତା ମିଡ଼ିଆ ସଂଯୋଜକ ଦିବାକର ରାଉତ ଶ୍ରୀଯୁକ୍ତ ଦାସଙ୍କୁ ପୁଷ୍ପ ଓ ମିଠା ଖୁଆଇ ଅଭିନନ୍ଦନ ଜଣାଇଥିଲେ

# ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଇଫ୍‌କୋର ବିଶ୍ୱର ପ୍ରଥମ ନାନୋ ୟୁରିଆ କାରଖାନାକୁ ଦେଶ ଉଦ୍ଦେଶ୍ୟରେ ଉତ୍ସର୍ଗ

ଭୁବନେଶ୍ୱର,(ପି.ଏନ): ଇଫ୍‌କୋ ତରଫରୁ ଗୁଜରାଟର କଲୋଲ ଠାରେ ସ୍ଥାପନ କରାଯାଇଥିବା ବିଶ୍ୱର ପ୍ରଥମ ନାନୋ ୟୁରିଆ ଲିକ୍ୱିଡ କାରଖାନାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଉଦଘାଟନ କରିଛନ୍ତି ଯାହା ଚାଷୀମାନଙ୍କ ଉତ୍ପାଦକତା ଓ ଆୟ ବଢ଼ାଇବ । ଆତ୍ମନିର୍ଭର ଭାରତ ଓ ଆତ୍ମନିର୍ଭର କୃଷି ଦିଗରେ ଏହାକୁ ଏକ ବଡ଼ ପଦକ୍ଷେପ ବିଚାର କରାଯାଉଛି । ଗୁଜରାଟର ଗାନ୍ଧୀନଗର ଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଏହି ଅତ୍ୟାଧୁନିକ ନାନୋ ୟୁରିଆ ଲିକ୍ୱିଟି ସାର କାରଖାନାକୁ ଦେଶ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି ଏହି ଅବସରରେ ଗୃହ ମନ୍ତ୍ରୀ ଶ୍ରୀଯୁକ୍ତ ଅମିତ ଶାହ, ଗୁଜରାଟ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ଭୁପେନ୍ଦ୍ର ପଟେଲ୍ ଓ କେନ୍ଦ୍ର ସ୍ୱାସ୍ଥ୍ୟ, ପରିବାର କଲ୍ୟାଣ, ରସାୟନ ଓ ସାର ମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡଭୀୟ ଉପସ୍ଥିତ ଥିଲେ ।ନାନୋ ୟୁରିଆ, ନାନୋ ଡିଏପି ଓ ନାନୋ ମାଇକ୍ରୋ ନ୍ୟୁଟ୍ରିଏଂଟ୍ ଉତ୍ପାଦନ କରିବା ଲାଗି ଇଫ୍‌କୋ ଏହାର ଆଁଓଲା, ଫୁଲପୁର, କାଲୋଲ, ବେଙ୍ଗାଲୁରୁ, ପାରାଦୀପ, କାଣ୍ଡଲା, ଦେଓଘର ଓ ଗୌହାଟିରେ ଥିବା କାରଖାନାରେ ଅତିରିକ୍ତ ବ୍ୟବସ୍ଥା କରିଛି । ମୋଟ ୩୦୦୦ କୋଟି ଟଙ୍କା




ବିନିଯୋଗରେ ଦୈନିକ ୨ ଲକ୍ଷ ବୋତଲ ଉତ୍ପାଦନ କରିବାର ଯୋଜନା ରହିଥିବା ବେଳେ ୭୨୦ କୋଟି ଟଙ୍କା ପ୍ରତିବଦ୍ଧତା ପ୍ରଦାନ କରାଯାଇସାରିଛି । ଏହି ଅବସରରେ ଉପସ୍ଥିତ ୭୦୦୦ରୁ ଅଧିକ ଚାଷୀ ଓ ସମବାୟ ପ୍ରତିନିଧିଙ୍କୁ ଇଫ୍‌କୋର ଏମ୍‌ଡି ଡକ୍ଟର ୟୁ ଏସ୍ ଅଓ୍ୱସ୍ଥି ଭିଡିଓ କନଫରେସିଂ ଜରିଆରେ କାରଖାନା ପରିଚାଳନାର ପ୍ରଦର୍ଶନ କରିଥିଲେ । ଡ୍ରୋନ ଜରିଆରେ ନାନୋ ୟୁରିଆକୁ ବ୍ୟବହାର କରାଯିବ ବୋଲି ସେ କହିଛନ୍ତି । ଦେଶର ଉତ୍ପାଦକତା ଓ ପୋଷକ ତତ୍ୱ ବଢ଼ାଇବାରେ ନାନୋ ୟୁରିଆ ସହାୟକ ହେବ ଓ ଭୂତଳ ଜଳ ଓ ପରିବେଶ ପ୍ରଭାବ ହ୍ରାସ କରିବାରେ ମଧ୍ୟ ଏହା ସହାୟକ ହେବ । ଇଫଂକୋ ନାନୋ ୟୁରିଆ ଲିକ୍ୱିଡର ୩.୬୦ କୋଟି ବୋତଲ ମଧ୍ୟରୁ ୨.୫୦ କୋଟି ବିକ୍ରି ହୋଇଗଲାଣି ।ଇଫ୍‌କୋର ଅଧ୍ୟକ୍ଷ ଶ୍ରୀଯୁକ୍ତ ଦିଲ୍ଲୀପ ସିଂଘାଣି କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଆତ୍ମନିର୍ଭର ଭାରତ ଓ ସରକାରକୁ ସମୃଦ୍ଧି ଲକ୍ଷ୍ୟ ଅନୁସାରେ ନାନୋ ୟୁରିଆ ଲିକ୍ୱିଡ୍‌କୁ ପ୍ରସ୍ତୁତ କରାଯାଇଛି ଯାହା ଚାଷୀଙ୍କ ଆୟ ବଢ଼ାଇବାରେ ସହାୟକ ହେବ । ଗତବର୍ଷ ଇଫକୋ ପକ୍ଷରୁ ନାନୋ ୟୁରିଆ ଲିକ୍ୱିଡକୁ ଉପସ୍ଥାପନ କରାଯାଇଥିଲା । ଏହାକୁ ଗୁଜରାଟର କଲୋଲ ଠାରେ ଥିବା ଇଫକୋର ନାନୋ ବାୟୋଟେକ୍ନୋଲୋଜି ରିସର୍ଚ୍ଚ ସେଂଟରରେ ବିକଶିତ କରାଯାଇଥିଲା । ୧୭୫ କୋଟି ଟଙ୍କାର ପ୍ରାରମ୍ଭିକ ନିବେଶରେ ଇଫକୋର ପ୍ରଥମ ନାନୋ ୟୁରିଆ ଉତ୍ପାଦନ କାରଖାନାକୁ ସ୍ଥାପନ କରାଯାଇଛି ଓ ଏବେ ଦୈନିକ ୧.୫ ଲକ୍ଷ ୫୦୦ ଏମ୍‌ଏଲ୍ ବୋତଲ ନାନୋ ୟୁରିଆ ଉତ୍ପାଦନ କରାଯାଉଛି । ନିର'ର କୃଷି କାର୍ଯ୍ୟ ଦିଗରେ ଏହାକୁ ଏକ ବୈପ୍ଳବିକ ଉତ୍ପାଦ ବିଚାର କରାଯାଉଛି ।

# ଭୁବନେଶ୍ୱର କଳିଙ୍ଗ ବିହାର ଏଚ.ଆଇ.ଜି,କେ-୬ ଅଂଚଳରେ ଝାଞ୍ଜିଖରା ସହ ବିଜୁଳି ବିଭ୍ରାଟ ଓ ପାଣିର ଘୋର ଅଭାବ

ଭୁବନେଶ୍ୱର,(ପି.ଏନ): ଗତ ସପ୍ତାହ ହେଲା କଳିଙ୍ଗ ବିହାର, କେ-୬, ଏଚ୍.ଆଇ.ଜି. ଅଂଚଳରେ ଉଭୟ ବିଜୁଳି ଓ ପାନୀୟଜଳ ଯୋଗାଣର ଘୋର ଅଭାବ ଦେଖାଦେଇଛି । ପ୍ରତିଦିନ ବାରମ୍ବାର ଟାଟା ପାୱାର ଦ୍ୱାରା ବିଜୁଳୀ କାଟ ଯୋଗୁ ପ୍ରତ୍ୟେକ ଘରକୁ ଜଳ ଯୋଗାଣର ଘୋର ବ୍ୟତିକ୍ରମ ହେଉଛି । ଏହାର ମୂଳକାରଣ କଳିଙ୍ଗ ବିହାର, କେ-୬, ଏଚ୍.ଆଇ.ଜି ଅଂଚଳରେ ୱାଟକୋ ଦ୍ୱାରା ହାଇ ଲେଭଲ୍ ଓଭରହେଡ଼ ଟ୍ୟାଙ୍କ ନିର୍ମାଣ ହୋଇନାହିଁ କେବଳ ଭୂତଳ ସମ୍ପରୁ ଇଲେକ୍ଟ୍ରିମଟର ସାହାଯ୍ୟରେ ଘରକୁ ଘର ପାଣି ଯୋଗାଯାଏ । ବଡ଼ ଆଶ୍ଚର୍ଯ୍ୟ କଥା ଏଠାରେ କେବଳ ଦିନକୁ ମାତ୍ର ଥରୁଟିଏ ପାଣି ଯୋଗାଯାଏ । ପମ୍ପ ଚାଲିଲା ସମୟରେ ବିଜୁଳି ସରବରାହ ହେଲେ ଆଉ ପାଣି ମିଳେ ନାହିଁ । ଅଧିକ ସମୟ ପାଣି ଦେବା ପାଇଁ ଉଭୟ କର୍ମଚାରୀ ଓ ଇଞ୍ଜିନିୟର ରାଜି ନୁହଁନ୍ତି । ଯେତେବେଳେ ଓଡ଼ିଶା ସରକାର ଗାଁ ଗାଁରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣର ବହୁମୁଖି ବ୍ୟବସ୍ଥା କରିଛନ୍ତି । ଏଠାରେ ବାସ କରୁଥିବା ଅଧିବାସୀମାନେ ପାନୀୟ ଜଳ ପାଇବାରୁ ବଂଚିତ ହେଉଛନ୍ତି । ଅନ୍ୟପକ୍ଷରେ ବି.ଡ଼ି.ଏର ପ୍ରଥମ ପ୍ଲାନିଙ୍ଗ୍ ଅନୁସାରେ କେ-୬ ବି ଅଚଂଳରେ ୩ଟି ୨୫୦ କିଲୋ ୱ୍ୟାଟର ଟ୍ରାନସ୍‌ଫରମର ଥିଲା । ତନ୍ମଧ୍ୟରୁ ଗୋଟିଏ କିଏ ନେଇଯାଇଛି କାହା ପାଖରେ ଖବର ନାହିଁ । ପ୍ରତ୍ୟେକ ଘର ଗୁଡ଼ିକ ୨ ରୁ ୩ ମହଲା ବିଶିଷ୍ଟ ହୋଇସାରିଲାଣି ଏବଂ ବିଦ୍ୟୁତ ଚାହିଦା ୩ ଗୁଣକୁ ବୃଦ୍ଧି ହୋଇଛି । କିନ୍ତୁ କର୍ତ୍ତୃପକ୍ଷ ତିନୋଟି ଜାଗାରେ ମାତ୍ର ୨ଟି ୨୫୦ କେଭିଏର ଟ୍ରାନ୍‌ସ୍‌ଫରମର ବ୍ୟବସ୍ଥା କରି ଚୂପ ଅଛନ୍ତି । ଏ ଅଂଚଳରେ ରାତିରେ ଭୋଲ୍‌ଟେଜ୍ ୧୪୦ - ୧୬୦ ଭୋଲ୍‌ଟଜେରେ ସିମିତି ରହୁଛି । ଯାହାଦ୍ୱାରା ଫ୍ୟାନ୍ ମଧ୍ୟ ଠିକ୍‌ରେ ଘୁରୁ ନାହିଁ । ଏପଟେ ବର୍ତ୍ତମାନର ଖରାର ପ୍ରକୋପ ସହିତ ଟାଟା ପାୱାର ଘନ ଘନ ପାୱାର କଟ ସାଙ୍ଗକୁ ରାତିରେ ଅତିକମ୍ ଭୋଲ୍‌ଟେଜ୍ ଆସୁଥିବାରୁ ଲୋକମାନେ ନାହିଁନଥିବା ଅସୁବିଧାରେ ପଡୁଛନ୍ତି । ତେଣୁ ଟାଟା ଅଂଚଳବାସୀମାନେ ୱାଟକୋ ନିକଟରେ ତୁରନ୍ତ ଦୁଇଓଳି ପାଣି ଯୋଗାଇବା ସହିତ ଏକ ହାଇଲେବୁଲ୍ ଓଭରହେଡ଼ ଟ୍ୟାଙ୍କର ବ୍ୟବସ୍ଥା କରନ୍ତୁ ଓ ଟାଟା ପାୱାର କର୍ତ୍ତୃପକ୍ଷ ତୁରନ୍ତ ଏଠାକାର ଟ୍ରାନ୍‌ସଫରମରକୁ ଉଚ୍ଚ କ୍ଷମତା ବିଶିଷ୍ଟ କରି ଲୋକମାନଙ୍କ ଆବଶ୍ୟକତାକୁ ମେଣ୍ଟାଇବା ଦରକାର ବୋଲି ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଉପସଭାପତି ତଥା ଏ ଅଂଚଳ ବାସିନ୍ଦା ମଦନ ମୋହନ ଧଳ ଙ୍କ ସମେତ ଅନେକ ଅଧିବାସୀ ଦାବି କରିଛନ୍ତି । ଯଦି ତୁରନ୍ତ ଉଭୟ ପାଣି ଓ ବିଜୁଳିର ସୁବ୍ୟବସ୍ଥା ନ ହୁଏ ତେ ବେ ଅଂଚଳବାସୀମାନେ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେବେ ବୋଲି ଶ୍ରୀମଦନ ମୋହନ ଧଳ ଚେତାଇଛନ୍ତି ।

ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V



FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray